بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 16

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

21 ଏପ୍ରିଲ୍ 2022    21 ଶାହାଦତ୍ 1401 ହି.ଶ    19 ରମ୍‌ଜାନ୍ 1443 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَمَنۡ کَانَ مَرِیۡضًا اَوۡ عَلٰی سَفَرٍ فَعِدَّۃٌ مِّنۡ اَیَّامٍ اُخَرَ ؕ یُرِیۡدُ اللّٰہُ بِکُمُ الۡیُسۡرَ وَلَا یُرِیۡدُ بِکُمُ الۡعُسۡرَ ۫ وَلِتُکۡمِلُوا الۡعِدَّۃَ وَلِتُکَبِّرُوا اللّٰہَ عَلٰی مَا ہَدٰىکُمۡ وَلَعَلَّکُمۡ تَشۡکُرُوۡنَ (بقرہ:186)

ଅନୁବାଦ- ସୁତରାଂ ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଏହି ମାସରେ (ପୀଡ଼ିତ ବା ଯାତ୍ରୀ ନଥାଇ ଗୃହରେ) ଉପସ୍ଥିତ ଥିବ, ତା ପାଇଁ ସେହି ମାସରେ ରୋଜା ରଖିବା ଉଚିତ; ଏବଂ ଯେଉଁ ବ୍ୟକ୍ତି ପୀଡ଼ିତ ଥାଏ ବା ଯାତ୍ରା କରୁଥାଏ ତାହାକୁ ଅନ୍ୟାନ୍ୟ ଦିନରେ ଏହି ସଂଖ୍ୟା ପୂରଣ କରିବାକୁ ହେବ; ଅଲ୍ଲାଃ ତୁମମାନଙ୍କ ପାଇଁ ସହଜତା ଇଚ୍ଛା କରନ୍ତି; ଏବଂ ତୁମମାନଙ୍କ ପାଇଁ କଠିନତା ଇଚ୍ଛା କରନ୍ତି ନାହିଁ (ଏବଂ ତୁମେମାନେ କଠିନତାରୁ ରକ୍ଷା ପାଇବା ପାଇଁ ସେ ଏହି ଆଦେଶ ଦେଇଛନ୍ତି) ଯଦ୍ୱାରା ତୁମେମାନେ (ନିର୍ଦ୍ଦିଷ୍ଟ) ସଂଖ୍ୟା ପୂରଣ କରିପାରିବ; ଏବଂ ଅଲ୍ଲାଃ ତୁମମାନଙ୍କୁ ସତ୍‌ପଥ ଦେଖାଥିବାରୁ ତାଙ୍କ ମହିମା ଗାନ କର; ଫଳରେ ତ୍ରେୁମୋନେ (ତାଙ୍କଠାରେ) କୃତଜ୍ଞ ହେବ । ।

*(ସୁରଃ ଅଲ ବକରା:୧୮୬)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ଈଶ୍ୱର ହେଉଛନ୍ତି ସର୍ବଶକ୍ତିମାନ । ସେ ଯଦି ଇଚ୍ଛା କରନ୍ତି ତାହେଲେ ଜଣେ ଅତି ଦୃବଳ ଲୋକକୁ ମଧ୍ୟ ରୋଜା ରଖିବା ପାଇଁ ଶକ୍ତି ପ୍ରଦାନ କରିପାରିବେ ।**

**ଯେବେ ମଣିଷ ଆନ୍ତରିକତା ତଥା ପୂର୍ଣ୍ଣ ନିଷ୍ଠାର ସହିତ ଅଲ୍ଲାଃ ତାଲାଙ୍କ ଗୋଚରେ ନିବେଦନ କରିଥାଏ ଯେ ଏହି ପବିତ୍ର ମାସରେ ତୁମ୍ଭେ ମତେ ଏଥିରୁ ବଂଚିତ ରଖ ନାହିଁ, ତାହେଲେ ଈଶ୍ୱର ତାକୁ (ରୋଜାରୁ) ବଂଚିତ ରଖନ୍ତି ନାହିଁ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ମଣିଷର ଏ କର୍ତବ୍ୟ ହେବା ଉଚିତ ଯେ ସେ ଯଥା ସମ୍ଭବ ନିଜ ସାମର୍ଥ୍ୟ ମୁତାବକ ଈଶ୍ୱରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା କର୍ତବ୍ୟ ଗୁଡିକର ଅନୁପାଳନ କରୁ । ରୋଜା ସମ୍ବନ୍ଧରେ ଅଲ୍ଲାଃ ତାଲା ଏ ଆଦେଶ ଦେଇଛନ୍ତି ଯେ ଓ **ଅନ ତସୁମୁ ଖୈରୁଲ୍ ଲକୁମ୍** (ଅଲବକରାଃ ; ୧୮୫) ଅର୍ଥାତ ଯଦି ତୁମେ ରୋଜା ରଖୁଅଛ ତାହେଲେ ଏହା ତୁମମାନଙ୍କ ପକ୍ଷରେ ଅତି ଉତ୍କୃଷ୍ଟତର ।

ଥରେ ମୋ ମନରେ ଏ ବିଚାର ଆସିଲା ଯେ, ଫିଦିୟା କଣ ପାଇଁ ଧାର୍ଯ୍ୟ କରାଯାଇଅଛି ? ଜଣା ପଡିଲା ଯେ ଏହା ସାମର୍ଥ୍ୟ ମିଳିବା ପାଇଁ ରଖାଯାଇଅଛି,ଯଦ୍ୱାରା ରୋଜା ରଖିବା ନିମନ୍ତେ ଶକ୍ତି ଓ ସାମର୍ଥ୍ୟ ମିଳିପାରିବ । ଈଶ୍ୱର ସ୍ୱୟଂ ହିଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିଥାନ୍ତି । ତେଣୁ ପ୍ରତ୍ୟେକ ଜିନିଷ ଈଶ୍ୱରଙ୍କଠାରୁ ହିଁ ମାଗିବା ଉଚିତ ଈଶ୍ୱର ହେଉଛନ୍ତି ସର୍ବଶକ୍ତିମାନ । ସେ ଯଦି ଇଚ୍ଛା କରନ୍ତି ତାହେଲେ ଜଣେ ଅତି ଦୃବଳ ଲୋକକୁ ମଧ୍ୟ ରୋଜା ରଖିବା ପାଇଁ ଶକ୍ତି ପ୍ରଦାନ କରିପାରିବେ । ତେଣୁ ଫିଦିୟାର ଉଦ୍ଦେଶ୍ୟ ହେଉଛି ଏହା କି ସେହି ସାମର୍ଥ୍ୟ ହାସଲ ହୋଇଯାଉ ଓ ଏହା ଈଶ୍ୱରଙ୍କ କୃପା ଓ ଦୟା ବଳରେ ପ୍ରାପ୍ତ ହୋଇଥାଏ । ଅତଏବ ମୋ ମତରେ ଏହା ଉତମ ହେବ ଯେ ଦୁଆ(ପ୍ରାଥନା) କରାଯାଉ ଯେ ହେ ଈଶ୍ୱର ଏହା ତୁମ୍ଭର ଏକ କଲ୍ୟାଣମୟ ମାସ, ଏବଂ ମୁଁ ଏଥିରୁ ବଂଚିତ ରହିଯାଉଛି, କଣ ଜଣା ମୁଁ ଆସନ୍ତା ବର୍ଷକୁ ଜୀବିତ ରହିବି କି ନାହିଁ ବା ବାକି ରହିଯାଇଥିବା ରୋଜା ଗୁଡିକୁ ରଖି ପାରିବି କି ନାହିଁ । ଅତଃ ଏହିପରି ଜଣେ ଯଦି ସାମର୍ଥ୍ୟ ମାଗିବ ତାହେଲେ ମୋର ଏ ବିଶ୍ୱାସ ଅଛି ଯେ ଏମିତି ହୃଦୟ (ରଖିଥିବା ବ୍ୟକ୍ତି)କୁ ଈଶ୍ୱର ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିବେ ।

ଯଦି ଈଶ୍ୱର ଚାହିଁଥାନ୍ତେ ତାହେଲେ ଅନ୍ୟ ସମ୍ପ୍ରଦାୟଗୁଡିକ ଭଳି ଏହି ସମ୍ପ୍ରଦାୟରେ ମଧ୍ୟ କୌଣସି ପ୍ରତିବନ୍ଧକ(ସୀମାବନ୍ଧନ) ରଖିନଥାନ୍ତେ କିନ୍ତୁ ସେ ଏହି ପ୍ରତିବନ୍ଧକ ଆମ ଭଲ ପାଇଁ ରଖିଛନ୍ତି । ମୋ ମତରେ ଅସଲ କଥା ହେଉଛି ଏହା କି ଯେବେ ମଣିଷ ଆନ୍ତରିକତା ତଥା ପୂର୍ଣ୍ଣ ନିଷ୍ଠାର ସହିତ ଅଲ୍ଲାଃ ତାଲାଙ୍କ ଗୋଚରେ ନିବେଦନ କରିଥାଏ ଯେ ଏହି ପବିତ୍ର ମାସରେ ତୁମ୍ଭେ ମତେ ଏଥିରୁ ବଂଚିତ ରଖ ନାହିଁ,ସେତେବେଳେ ଈଶ୍ୱର ତାକୁ (ରୋଜାରୁ) ବଂଚିତ ରଖନ୍ତି ନାହିଁ । କିନ୍ତୁ ଏହିପରି ପରିସ୍ଥିତିରେ ଯଦି ମଣିଷ ରମଜାନ୍ ମାସରେ ବେମାର ବି ପଡିଯାଏ ତାହେଲେ ଏହି ବେମାରୀ ତାପାଇଁ କରୁଣା (ରହମତ୍) ହୋଇଯାଏ । କାରଣ ପ୍ରତ୍ୟେକ କର୍ମର ଆଧାର ନିୟତ(ଉଦ୍ଦେଶ୍ୟ)ଉପରେ ପର୍ଯ୍ୟବେଶିତ ହୋଇଥାଏ । ଜଣେ ମୋମିନ(ଅର୍ଥାତ ଈଶ୍ୱରବିଶ୍ୱାସୀ)କୁ ଆବଶ୍ୟକ ଯେ ସେ ନିଜକୁ ଈଶ୍ୱରଙ୍କ ମାର୍ଗରେ ସାହସୀ ଭାବରେ ପ୍ରମାଣିତ କରୁ । ଯେଉଁ ବ୍ୟକ୍ତି ରୋଜା ରଖିବାରୁ ବଂଚିତ ହେବା ସତ୍ତ୍ୱେ ମଧ୍ୟ ନିଜ ହୃଦୟରେ ଆନ୍ତରିକତା ତଥା ବ୍ୟଥା ରଖି ଯଦି ଏ ନିୟତ କରିଥାଏ ଯେ କାଳେ ମୁଁ ସୁସ୍ଥ ଥାଆନ୍ତି ଓ ରୋଜା ରଖିପାରିଥାନ୍ତି କି ଏବଂ ତା ମନ ଏଇଥିପାଇଁ ବ୍ୟାକୁଳ ହେଉଥିବ ତାହେଲେ ଫିରସ୍ତା(ଦେବଦୂତ) ତାପାଇଁ ରୋଜା ରଖିବେ । କିନ୍ତୁ ସର୍ତ ହେଉଛି ଏହା କି ସେ କୌଣସି ବାହାନା ନକରୁଥିବ,ତାହେଲେ ଏପରିସ୍ଥଳେ ସର୍ବଶକ୍ତିମାନ ଈଶ୍ୱର କଦାପି ତାକୁ ସେହି ପୁଣ୍ୟରୁ ବଂଚିତ ରଖିବେ ନାହିଁ । ବି ଦେଖାଉ । ମଲ୍‌ଫୁଜାତ୍ ଗ୍ରନ୍ଥ ଖଣ୍ଡ-୩, ପୃ-୪୨୬ ମୁଦ୍ରିତ କାଦିଆନ୍ ୨୦୧୮)

## ନବୀ ସ:ଆ:ସଙ୍କ ବାଣୀ

**ମିଥ୍ୟା ହେଉଛି ରୋଜା ପାଇଁ ଏକ ଘାତକ ବିଷ**

*(୧୯୦୩)ହଜରତ୍ ଅବୁହୁରୈରାଃ ର ଅ ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ ଆ ସ କହିଛନ୍ତି - ଯେଉଁ ଲୋକ ମିଛ କହିବା ତଥା ମିଛ ଉପରେ ପରିଚାଳିତ ହେବାକୁ ପରିତ୍ୟାଗ କରୁନାହିଁ , ତାହେଲେ ଏମିତି ଲୋକର ଖାଦ୍ୟ ତଥା ପେୟ ପରିତ୍ୟାଗ କରିବା ରେ ଅଲ୍ଲାଃଙ୍କୁ କିଛି ଆବଶ୍ୟକ ହିଁ ନାହିଁ ।*

**ରୋଜାଦାର୍ ପାଇଁ ଜରୁରୀ ମାର୍ଗଦର୍ଶୀକା**

*(୧୯୦୪) ହଜରତ୍ ଅବୁହୁରୈରାଃ ର ଅ ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ ଆ ସ କହିଛନ୍ତି - ଇବନେ ଆଦମଙ୍କ (ଅର୍ଥାତ ଆଦମଙ୍କ ପୁତ୍ର ମଣିଷର)ପ୍ରତ୍ୟେକ କାର୍ଯ୍ୟ ତା ନିଜ ପାଇଁ ଉଦ୍ଦିଷ୍ଟ କେବଳ ରୋଜା ବ୍ୟତୀତ । କାରଣ ତାହା (ଅର୍ଥାତ ରୋଜା) ମୋ ପାଇଁ ଉଦ୍ଦିଷ୍ଟ ଓ ମୁଁ ହିଁ ତାହାର ପ୍ରତିବଦଳ ହୋଇଥାଏ । ଏବଂ ରୋଜା ହେଉଛି ଢାଲ ସଦୃଶ । ଯଦି ତୁମମାନଙ୍କ ମଧ୍ୟରୁ ଜଣେ ରୋଜା ରଖିଥାଏ ତାହେଲେ ସେ କୌଣସି ଅଭଦ୍ର କଥା ନକହୁ ଓ ପାଟିତୁଣ୍ଡ ନକରୁ । ଯଦି କିଏ ତାକୁ ଗାଳିଗୁଲଜ କରେ ବା ତାସହିତ ଝଗଡା କରେ ତାହେଲେ ତାକୁ ଏତିକି କହିବା ଆବଶ୍ୟକ ଯେ ମୁଁ ରୋଜାଦାର୍ ଲୋକ । ମୋତେ ତା ରାଣ ଯାହାଙ୍କ ହାତରେ ମୁହମ୍ମଦ ସ ଆ ସ ଙ୍କ ଜୀବନ ଅଛି ! ନିସନ୍ଦେହ ରୋଜାଦାର ଲୋକର ମୁଁହର ଗନ୍ଧ ଅଲ୍ଲାଃଙ୍କ ନିକଟରେ କସ୍ତୁରୀର ସୁଗନ୍ଧଠାରୁ ବି ଅଧିକା ପସନ୍ଦ । ରୋଜାଦାର୍ ପାଇଁ ଦୁଇଟି ଖୁସି ରହିଛି ଯେଉଁଥିରେ ସେ ଅନନ୍ଦ ପାଇଥାଏ । ପ୍ରଥମ ଅନନ୍ଦ ସେ ସେତେବେଳେ ପାଇଥାଏ ଯେତେବେଳେ ସେ ଇଫ୍‌ତାରୀ କରିଥାଏ ଓ ଦ୍ୱିତୀୟ ଅନନ୍ଦ ସେ ସେତେବେଳେ ଅନୁଭବ କରିବ ଯେତେବେଳେ ସେ ଏହି ରୋଜା ପାଇଁ ତା ପାଳନକର୍ତା ଙ୍କ ସହିତ ସାକ୍ଷାତ କରିବ ।*

*(ସହି ବୁଖାରୀ, ଖଣ୍ଡ-୩, କିତାବୁସ୍ ସୌମ୍, ମୁଦ୍ରିତ କାଦିଆନ୍ ୨୦୦୮)*

## ୧୨୭ ତମ ଜଲ୍‌ସା ସାଲାନା କାଦିଆନ୍

୧୨୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନ କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । ***(ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

*ପୃଷ୍ଠା- ୦୬ ର ଅବଶିଷ୍ଟାଂଶ ......*

ର:ଅ ଉତର ଦେଲେ ହେ ଅବୁ ବକର ର:ଅ ! ମୁଁ ଆପଣଙ୍କ ଅଧିନରେ ହିଁ ରହିବି । ସୁତରାଂ ଏହାପରେ ଦୁହେଁ ହଜ୍ ପାଇଁ ପ୍ରସ୍ଥାନ କରିଗଲେ । ହଜରତ ଅବୁବକର ସିଦ୍ଦିକ୍ ର:ଅ ହଜ୍ କରୁଥିବା ଲୋକମାନଙ୍କ ଉପରେ ନିରୀକ୍ଷକ ନିଯୁକ୍ତ ଥିଲେ । ସେହି ବର୍ଷ ଆରବବାସୀ ସେହି ସ୍ଥାନମାନଙ୍କରେ ଶିବିର ସ୍ଥାପନ କରିଥିଲେ, ଯେଉଁ ସ୍ଥାନରେ ଜାହିଲିୟତ୍ ଜମାନାରେ ଅର୍ଥାତ ଅଶିକ୍ଷିତ ଯୁଗରେ ସେମାନେ ଶିବିର ଲଗାଉଥିଲେ ।

ଯେତେବେଳେ କୁର୍ବାନୀର ଦିନ ଆସିଲା ସେତେବେଳେ ହଜରତ ଅଲୀ ର:ଅ ଛିଡ଼ା ହେଲେ ଏବଂ ଲୋକମାନଙ୍କ ମଧ୍ୟରେ ଏହି ଘୋଷଣା କଲେ, ଯାହାକି ହଜୁର ସ:ଆ:ସଙ୍କର ବାର୍ତା ଥିଲା ଯେ ହେ ଲୋକମାନେ ! ବୈକୁଣ୍ଠରେ କୌଣସି ଅବିଶ୍ୱାସକାରୀ ପ୍ରବେଶ କରିପାରିବ ନାହିଁ ଏବଂ ଚଳିତ ବର୍ଷ ପରେ ଆସନ୍ତା ବର୍ଷ ଠାରୁ ଅବିଶ୍ୱାସକାରୀ ବ୍ୟକ୍ତିଙ୍କୁ ହଜ୍ କରିବାକୁ ଅନୁମତି ଦିଆଯିବ ନାହିଁ ନା ହିଁ ସେମାନଙ୍କୁ ଫୁଙ୍ଗୁଳା ବା ନଗ୍ନ ଅବସ୍ଥାରେ ଖାନାକାବାର ପରିକ୍ରମା କରିବାକୁ ଅନୁମତି ମିଳିବ । ଯଦି କୌଣସି ବ୍ୟକ୍ତି ସହିତ ହଜୁର ସ:ଆ:ସ କୌଣସି ପ୍ରକାରର ଚୁକ୍ତି କରିଛନ୍ତି ତେବେ ସେ ଚୁକ୍ତିର ଅବଧି ପରିସମାପ୍ତି ହେବା ପର୍ଯ୍ୟନ୍ତ ସେହି ଚୁକ୍ତି ଉପରେ ପାଳନ କରାଯିବ । ସୁତରାଂ ଏହି ଘୋଷଣା କରିଦିଆଯିବା ପରେ ଲୋକମାନଙ୍କୁ ଚାରିମାସର ସମୟ ଦିଆଯାଇଥିଲା । କାରଣ ଏତଦ୍‌ଦ୍ୱାରା ପ୍ରତ୍ୟେକ ସମ୍ପ୍ରଦାୟର ଲୋକମାନେ ନିଜ ନିଜର ସୁରକ୍ଷିତ ସ୍ଥାନ ଅବା ନିଜ ନିଜର ଅଂଚଳକୁ ଫେରିଯାଇପାରିବେ । ଏହାପରେ ଅବିଶ୍ୱାସକାରୀ ନିମନ୍ତେ ନା କୌଣସି ଚୁକ୍ତିର ଅବଧି ମିଳିବ ନା ହିଁ ଏଥିପାଇଁ ହଜୁର ସ:ଆ:ସ ଦାୟୀ ରହିବେ । କିନ୍ତୁ ଯେଉଁମାନଙ୍କ ସହିତ ହଜୁର ସ:ଆ:ସଙ୍କର କୌଣସି ଚୁକ୍ତି ବା ସନ୍ଧି ରହିଛି ସେହିମାନେ ହିଁ ଚୁକ୍ତିର ଅବଧି ପର୍ଯ୍ୟନ୍ତ ମକ୍କାରେ ରହିପାରିବେ । ଅତଏବ ଉକ୍ତ ଘୋଷଣା ପରେ ଆଉ କୌଣସି ନୂତନ ଚୁକ୍ତି ସ୍ୱାକ୍ଷର ହୋଇନଥିଲା ତେଣୁ ଯେଉଁ ବ୍ୟକ୍ତି ସହିତ ହଜୁର ସ:ଆ:ସ ଚୁକ୍ତି କରିଥିଲେ ତାହାକୁ ପୂରଣ କରାଯାଇଥିଲା । ସେହି ବର୍ଷଠାରୁ ନା କୌଣସି ଅବିଶ୍ୱାସକାରୀ ହଜ୍ କଲେ ନା ହିଁ ସେମାନେ ଫୁଙ୍ଗୁଳା ଶରୀରରେ ଖାନାକାବାର ପରିକ୍ରମା କଲେ ।

ଆଉ ଏକ ବର୍ଣ୍ଣନା ରହିଛି: ହଜରତ ଅଲୀ ର:ଅ କୁହନ୍ତି ହଜରତ ଅବୁବକର ସିଦ୍ଦିକ୍ ର:ଅ ଅରଫାଠାକୁ ଆସିଲେ ଏବଂ ଲୋକମାନଙ୍କୁ ସମ୍ବୋଧିତ କଲେ ଯେତେବେଳେ ଆପଣ ଉଦ୍‌ବୋଧନ ଦେଇ ସାରିଲେ ସେତେବେଳେ ମୋ ଆଡ଼କୁ ଲକ୍ଷ୍ୟ କରି କହିଲେ, ହେ ଅଲୀ ! ହଜୁର ସ:ଆ:ସ ଦେଇଥିବା ସନ୍ଦେଶଟିକୁ ଛିଡ଼ା ହୋଇ ଲୋକମାନଙ୍କୁ ଶୁଣାନ୍ତୁ । ଅତଏବ ମୁଁ ଛିଡ଼ା ହେଲି ଓ ମୁଁ ଲୋକମାନଙ୍କୁ ସୁରେଃ ତୌବାର ୪୦ଗୋଟି ଆୟତ ପାଠ କରି ଶୁଣାଇଲି ପୁନଶ୍ଚ ସେ ଦୁହେଁ ଅର୍ଥାତ ହଜରତ ଅଲୀ ର:ଅ ଓ ହଜରତ ଅବୁବକର ସିଦ୍ଦିକ୍ ର:ଅ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇଗଲେ । *(ସିରତୁନ୍ ଇବ୍‌ନେ ହୁଶାମ୍ ..... ପୃ-୮୩୨..... ବେରୁତ ଲେବ୍‌ନାନ୍ ୨୦୦୧) (ସୁବୁଲୁଲ୍ ହୁଦା, ଖଣ୍ଡ-୧୨, ପୃ-୭୩..... ବେରୁତ ୧୯୯୩) (ଅଲ୍‌ବିଦାୟା ୱ୍‌ନ୍ ନହାୟା..... ଖଣ୍ଡ-୭, ପୃ-୨୨୮-୨୨୯....... ଦାରେ ହିଜର୍ ୧୯୯୭) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୩, ପୃ-୫୧୫......... ବେରୁତ) (ଫରହଙ୍ଗ ସିରତ୍, ପୃ-୧୯୮, ଜୱ୍ୱାର ଏକାଡ଼େମି କରାଚି ୨୦୦୩)* ଅର୍ଥାତ ମଦିନା ଫେରିଗଲେ ।

ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କ ଜୀବନୀର ଅବଶିଷ୍ଟାଂଶ ଇନ୍‌ଶା ଅଲ୍ଲାଃ ଆଗାମୀ ଖୁତବାରେ ଚର୍ଚ୍ଚା କରିବି । ବର୍ତମାନ ମୁଁ ଜଣେ ମୃତକଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି ଯାହାଙ୍କର ବିଗତ ଦିନରେ ବିୟୋଗ ଘଟିଛି । ନମାଜ ଜୁମା ପରେ ମୁଁ ତାଙ୍କର ନମାଜ ଯନାଜାଃ ଗାଏବ ମଧ୍ୟ ପଢ଼ାଇବି । ଉକ୍ତ ମୃତକ ଜଣେ ହେଲେ ସମ୍ମାନନୀୟ ଶ୍ରୀମତି ଅମତୁଲ୍ ଲତିଫ୍ ଖୁରଶିଦ୍ ସାହେବାଃ । ସେ କାନାଡ଼ାରେ ରହୁଥିଲେ । ସ୍ୱର୍ଗୀୟ ଖୁରଶିଦ୍ ଅହେମଦ୍ ସାହେବ୍ ଆସିଷ୍ଟାଂଟ ଏଡ଼ିଟର ଅଲ୍‌ଫଜଲଙ୍କର ସେ ପତ୍ନୀ ଥିଲେ । ୯୫ ବର୍ଷ ବୟସରେ ବିଗତ ଦିନ ତାଙ୍କର ଦେହାନ୍ତ ହୋଇଯାଇଅଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** ସ୍ୱର୍ଗୀୟ ଖୁରଶିଦ୍ ସାହେବା ହଜରତ ମସିହ୍ ମଉଦ ଆ:ସଙ୍କ ସାହାବି ହଜରତ ମିଆଁ ଫଜଲ୍ ମୁହମ୍ମଦ ଖୁର୍‌ସିଦ୍ ଖୁର୍‌ସିଆଁଙ୍କର ନାତୁଣୀ ଥିଲେ । ହଜରତ ହକିମୁଲ୍ଲାଃ ବକ୍ସ ସାହେବ୍ ଯିଏ ଦରବାନ୍ ଡ଼େଉଢ଼ି ହଜରତ ଅମ୍ମାଜାନ୍‌ଙ୍କ ଶିକ୍ଷକ ଥିଲେ, ତାଙ୍କର ନାତୁଣୀ ତଥା ସମ୍ମାନନୀୟ ମିଆଁ ଅବ୍‌ଦୁର୍ ରହିମ୍ ଦିଆନତ୍ ସାହେବ ଦରୱେଶ୍ କାଦିଆନ୍ ଓ ଆମିନା ବେଗମ୍ ସାହିବାଙ୍କର ଜ୍ୟେଷ୍ଠ କନ୍ୟାଥିଲେ । କାଦିୟାନ୍‌ର ନୁସତ୍ ବାଳିକା ସ୍କୁଲ୍‌ରୁ ମିଡ଼ିଲ୍ ପାଶ୍ କରିଥିଲେ । ପୁନଶ୍ଚ ଜାମିୟା ନୁର୍ସତଠାରେ ୧୯୪୩ କିମ୍ବା ୧୯୪୪ ମସିହାରେ ଆଡ଼ମିଶନ୍ ନେଇଥିଲେ । ସେ ଦୁଇବର୍ଷ ସେଠାରେ ଅଧ୍ୟୟନ କରିଥିଲେ । ପୁଣି ପ୍ରାଇଭେଟ୍‌ରେ ଅଦିବ୍ ଓ ଆଲିମ୍ ପରୀକ୍ଷାରେ ସେ ଉତୀର୍ଣ୍ଣ ହୋଇଥିଲେ । ସ୍ୱର୍ଗତାଙ୍କ ବିବାହ ଶେଖ୍ ଖୁରଶିଦ୍ ଅହେମଦ ସାହେବ ସହସମ୍ପାଦକ ଅଲଫଜଲ୍ (ପତ୍ରିକା) ରବୱ୍ୱାଙ୍କ ସହିତ ହୋଇଥିଲା । ଯେପରି କି ମୁଁ କହିଲି ସ୍ୱର୍ଗତାଙ୍କର ନିକାହ୍ ହଜରତ ଖଲିଫତୁଲ୍ ମସିହ୍ ସାନି ର:ଅ ମସ୍‌ଜିଦ୍ ମୁବାରକ୍‌ରେ ପଢ଼ାଇଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କୁ ତିନୋଟି ପୁତ୍ର ସନ୍ତାନ ଓ ଦୁଇଟି ପୁତ୍ରୀ ସନ୍ତାନ ପ୍ରଦାନ କରିଛନ୍ତି । ସେ ଅବ୍‌ଦୁଲ୍ ବାସିତ୍ ଶାହିଦ୍ ସାହେବ ମୁବଲିଗ୍ ସିଲ୍‌ସିଲାଙ୍କର ଭଉଣୀ ଥିଲେ । ସେହି ମୁବଲିଗ୍ ସାହେବ ଆଜିକାଲି ଲଣ୍ଡନରେ କାର୍ଯ୍ୟରତ ଅଛନ୍ତି । ଦୀର୍ଘ ବର୍ଷ ଧରି ସେ ଆଫ୍ରିକାରେ ମଧ୍ୟ କାର୍ଯ୍ୟ କରିଥିଲେ । ତାଙ୍କର ଗୋଟିଏ ନାତି ଯାହାଙ୍କର ନାମ ୱ୍‌କାସ୍ ଅହେମଦ୍ ଖୁର୍‌ସିଦ୍ ସାହେବ, ଅବ୍‌ଦୁଲ୍ ବାସିତ୍ ସାହେବ୍ ଆମେରିକାର ମୁବଲିଗ୍ ସିଲ୍‌ସିଲା ରୂପେ କାର୍ଯ୍ୟରତ । ତାଙ୍କ ବଂଶ ଏକ ବିଦ୍ୱାନ ଗୁଣବାନ ବଂଶ ଅଟେ । ତାଙ୍କର ଆଉ ଜଣେ ଭଉଣୀ ଅମ୍‌ତୁଲ୍ ବାରି ନାଶିର୍ ସାହିବା ଅଛନ୍ତି । ସେ ମଧ୍ୟ ଜ୍ଞାନମୂଳକ ସେବା ପ୍ରଦାନ କରି ଚାଲିଛନ୍ତି ।

ଅମ୍‌ତୁଲ୍ ଲତିଫ୍ ସାହିବା ୧୩ ବର୍ଷ ବୟସରେ ଲଜ୍‌ନା ଇମାଉଲ୍ଲାଃର ବିଭିନ୍ନ ପଦରେ ଅଧିଷ୍ଠିତ ଥିଲେ ଏବଂ ନିସ୍ୱାର୍ଥପର ଭାବରେ ୭୦ ବର୍ଷ ପର୍ଯ୍ୟନ୍ତ ଯମାତ୍‌ର ସେବା କରି ଆସୁଥିଲେ । ତାଙ୍କୁ ହଜରତ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କ ନିର୍ଦ୍ଦେଶ ମୁତାବକ ତଥା ହଜରତ ଉମ୍ମୁଲ୍ ମୁମିନିନ୍ ସୟଦା ନୁର୍ସତ ଜାହାଁ ବେଗମ୍ ସାହିବାଙ୍କ ତତ୍ୱବଧାନରେ ଏକ ବ୍ୟୟଜ୍ୟୋଷ୍ଠ ବ୍ୟକ୍ତିମାନଙ୍କର ନିରିକ୍ଷଣତ୍ୱରେ କାର୍ଯ୍ୟ କରିବାକୁ ସୌଭାଗ୍ୟ ମିଳିଥିଲା । ତାଙ୍କୁ କାଦିୟାନ୍‌ରେ ମଧ୍ୟ ସେବା କରିବାର ସାମର୍ଥ୍ୟ ଓ ସୌଭଗ୍ୟ ଲାଭ ହୋଇଥିଲା । ସେହିପରି ସେ ଭାରତ ପାକିସ୍ତାନ ବିଭାଜନ ପରେ ହଜରତ ଖଲିଫତୁଲ୍ ମସିହ୍ ସାନି ର:ଅ ଓ ଛୋଟ ଅପା ସ୍ୱର୍ଗତାଙ୍କ ନିର୍ଦ୍ଦେଶ କ୍ରମେ ମହିଳା ହିଜ୍‌ରତ୍‌କାରୀଙ୍କର ଇନ୍‌ଚାର୍ଜ ହିସାବରେ ସେ ସେବା କରିବାର ସୁଯୋଗ ଓ ସୌଭାଗ୍ୟ ପ୍ରାପ୍ତ କରିଥିଲେ । ସେହିପରି ସେ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହୋଇ ଲଜ୍‌ନା ଇମାଉଲ୍ଲାଃର ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସେକ୍ରେଟାରୀ ଇଶାଅତ୍ ଭାବରେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ । ସେ ମିସ୍‌ବାହ୍ ପତ୍ରିକାର ସମ୍ପାଦିକା ଭାବରେ ୧୯୭୯ରୁ ୧୯୮୬ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ୧୯୮୬ ରୁ ମସିହାରୁ କାନାଡ଼ାରେ ସେ ରହି ଆସୁଥିଲେ । ସେଠାରେ ମଧ୍ୟ ସେ ଲଜ୍‌ନା ଇମାଉଲ୍ଲାଃର ଜଣେ ବରିଷ୍ଠ ପରାମର୍ଶ ଦାତ୍ରୀ ରୂପରେ ଦାୟିତ୍ୱ ତୁଲାଇଥିଲେ । ଲେଖନୀ ତଥା ପ୍ରକାଶନ କ୍ଷେତ୍ରରେ ଲଜ୍‌ନା ଇମାଉଲ୍ଲାଃର ଐତିହାସିକ ପ୍ରାରମ୍ଭିକ ଚାରୋଟି ଭାଗ "ଅଲ୍‌ମସାବିହ୍" ଏବଂ "ଅଲ୍‌ଅଜ୍‌ହାର୍" ଆଦି ଇତିହାସ ଲେଖନି ତଥା ପ୍ରକାଶନ ସଂକଳନ କରିବାରେ ସେ ଭରପୂର ଭୂମିକା ଗ୍ରହଣ କରିଥିଲେ । ହଜରତ ସାନ ଅପାଙ୍କ ସହିତ ସେ ଦୀର୍ଘ ୪୪ ବର୍ଷ ପର୍ଯ୍ୟନ୍ତ କାମ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ତାଙ୍କ ନିର୍ଦ୍ଦେଶ, ନିରୀକ୍ଷଣ ତଥା ତତ୍ତ୍ୱାବଧାନରେ ନାସ୍‌ରତୁଲ୍ ଅହେମଦୀୟାର ସର୍ବପ୍ରଥମ ଇସ୍ତେମା ଅନୁଷ୍ଠିତ ହୋଇଥିଲା । ଅମ୍‌ତୁଲ୍ ଲତିଫ୍ ସାହିବା ଯେତେବେଳେ ନାସ୍‌ରାତ୍‌ର ସେକ୍ରେଟାରୀ ଥିଲେ ସେତେବେଳେ ସେ ନିଜର ସ୍ୱାମୀ ଶେଖ୍ ଖୁର୍‌ସିଦ୍ ସାହେବଙ୍କର ସହଚାର୍ଯ୍ୟତା ଏବଂ ସାହାଯ୍ୟ ଲାଭ କରି "ରାହିମାନ୍" ଓ ଜମାତ୍ ଅହେମଦୀୟାର ସଂକ୍ଷିପ୍ତ ଇତିହାସ ସଂକଳନ କରିଥିଲେ ।

ତାଙ୍କର ସୁପୁତ୍ର ଲଇକ୍ ଅହେମଦ୍ ଖୁର୍‌ଶିଦ୍ କୁହନ୍ତି ସ୍ୱର୍ଗତା ମାତା ନିଜ ଘରେ ସମସ୍ତ ସନ୍ତାନମାନଙ୍କୁ ଉତମ ଶିକ୍ଷା ଦାନ କରିବା ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଏହା ଦେଇଥିଲେ ଯେ ତୁମେମାନେ ଜମାତ୍ କିମ୍ବା ଖିଲାଫତ୍ ବିରୋଦ୍ଧୀୟ କୌଣସି କଥାକୁ ଆଦୌଁ କର୍ଣ୍ଣପାତ କରିବ ନାହିଁ । ଯଦି ତୁମମାନଙ୍କ କାନରେ ଖିଲାଫତ୍ ଓ ଜମାତ୍ ବିରୋଧି କଥା ପଡ଼େ ତା'ହେଲେ ତାହାକୁ କଦାପି ପୂନରାବୃତି କରିବ ନାହିଁ କି ତୁଣ୍ଡରେ ତାହା କହିବ ନାହିଁ । କାରଣ ଅଲ୍ଲାଃ ତାଲାଙ୍କର ବିଶେଷ ସାହାଯ୍ୟ ଓ ସମର୍ଥନ ଯମାତ୍ ଓ ଖିଲାଫତ୍ ସହିତ ରହିଛି ଓ ସେ ନିଜ ସନ୍ତାନମାନଙ୍କୁ ଏହା ମଧ୍ୟ କହିଥିଲେ ଯେ ପ୍ରତ୍ୟେକ ପରୀକ୍ଷା ଓ ଉପଦ୍ରବ ସମୟରେ ଅଲ୍ଲାଃ ତାଲାଙ୍କର ନିଦର୍ଶନ ଯମାତ୍ ସପକ୍ଷରେ ପ୍ରକାଶ ହୋଇଥାଏ ତେଣୁ ତୁମେମାନେ କେବେ ବି ଉପଦ୍ରବରେ ସାମିଲ ହେବ ନାହିଁ । ଲଇକ୍ ସାହେବା ପୁନଶ୍ଚ ଉଲ୍ଲେଖ କରିଛନ୍ତି, ସ୍ୱର୍ଗତା ଯମାତ୍‌ର ଜଣେ ଚଳନ୍ତି ଇତିହାସ ଥିଲେ । ମେଳାପି, ସ୍ୱଭାବି ଓ ସମସ୍ତଙ୍କର ମଙ୍ଗଳକାମନା କରୁଥିବା ମହିଳା ଥିଲେ । ଅଲ୍ଲାଃ ତାଲା ତାଙ୍କ ଉପରେ ସଦୟ ହୁଅନ୍ତୁ ତାଙ୍କର ଗଭୀର ବିଶ୍ୱାସ ଓ ଅଭିଳାଷାକୁ ପୂରଣ କରନ୍ତୁ । କାନାଡ଼ାରେ ଅନେକ ନବାଗତ ମୁହାଜିର୍‌ମାନଙ୍କୁ ଅର୍ଥାତ ପ୍ରବାଶକାରୀ ଲୋକମାନଙ୍କୁ ଥଇଥାନ କରିବାପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ସେବା ଅତୁଳନୀୟ ଥିଲା ।

ସେହିପରି ତାଙ୍କର ଅନ୍ୟ ଜଣେ ସନ୍ତାନ କୁହନ୍ତି ଆମମାନଙ୍କର ମାତାଶ୍ରୀ ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ । ସର୍ବଦା ଆମମାନଙ୍କୁ ଉପସ୍ଥିତ ଖଲିଫାଙ୍କ ନିମନ୍ତେ ଦୁଆ କରିବାପାଇଁ ଅନୁପ୍ରାଣିତ କରୁଥିଲେ ଓ ଆମକୁ ମନେ ପକାଉଥିଲେ । ସେ ନିୟମିତ ଘରେ ପାଂଚବେଳା ନମାଜ ପାଠ କରୁଥିଲେ । ଆମ ଘର ଜୁମା ଦିନ ଈଦ୍ ପରି ହେଉଥିଲା । ପବିତ୍ର କୁର୍‌ଆନକୁ ଭଲ ପାଇବା ସମ୍ପର୍କରେ ସେ କହୁଛନ୍ତି ଯେ ଆମ ମାଆ ଅନେକ ପିଲାମାନଙ୍କୁ ପବିତ୍ର କୁର୍‌ଆନ୍ ପଢ଼ାଇଛନ୍ତି ଓ ତାହା ସଠିକ୍ ରୂପେ ଉଚ୍ଚାରଣ କରିବାପାଇଁ ତାଗିଦ୍ କରୁଥିଲେ ।

ତାଙ୍କ ନାତି ୱ୍‌କାସ୍ ଖୁର୍‌ସିଦ୍ ସାହେବ ଯିଏ କି ମୁବଲିଗ୍ ସିଲ୍‌ସିଲା ଅଟନ୍ତି, ସେ କୁହନ୍ତି ମୋ ଜେଜେ ମା ଆମମାନଙ୍କୁ ସର୍ବଦା ଦୁଆ ଓ ଅଧ୍ୟୟନ କରିବାପାଇଁ ଆମର ଦୃଷ୍ଟି ଆକର୍ଷଣ କରୁଥିଲେ । ଯମାତ୍‌ର ଇତିହାସ ସମ୍ପର୍କରେ କାହାଣୀ ମାଧ୍ୟମରେ ପିଲାମାନଙ୍କୁ ଶିଖାଉଥିଲେ । ଯେପରି ତାଙ୍କର ଉତମ ସଂସ୍କାର ହୋଇପାରିବ ।

*ଅବଶିଷ୍ଟାଂଶ ପୃଷ୍ଠା- ୧୨ ରେ ଦେଖନ୍ତୁ...*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ମୁଁ ସେହି ଅସ୍ତିତ୍ୱର ରାଣ ଖାଇ କହୁଛି ଯାହାଙ୍କ ହାତରେ ମୋ ଜୀବନ ଅଛି ! ଯଦି ମୋର ଏ ବିଶ୍ୱାସ ଥାଏ ଯେ ହିଂସ୍ର ପଶୁମାନେ ମୋତେ ଖଣ୍ଡ ଖଣ୍ଡ କରି ଖାଇଯିବେ, ତଥାପି ବି ମୁଁ ରସୁଲୁଲ୍ଲାଃ ସ ଆ ସ ଙ୍କ ଦ୍ୱାରା ସ୍ୱୀକୃତପ୍ରାପ୍ତ ଉସାମାଙ୍କ ନେତୃତ୍ୱରେ ଯିବାକୁ ଥିବା ସୈନ୍ୟଦଳକୁ ପଠାଇବି । (ହଜରତ୍ ଅବୁବକର୍ ସିଦ୍ଦିକ୍ ର ଅ)

ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ର.ଅଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

କଣ ତୁମେମାନେ ଏହା ଚାହୁଁଛ ଯେ ରସୁଲୁଲ୍ଲାଃ ସ ଆ ସ ଙ୍କ ଦେହାନ୍ତ ପରେ ଅବୁ କାହାଫାର ପୁତ୍ର ସର୍ବପ୍ରଥମେ ଏ କାମ କରୁ କି ଯେଉଁ ସୈନ୍ୟଦଳକୁ ରସୁଲୁଲ୍ଲାଃ ସ ଆ ସ ଅଭିଯାନରେ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ,ସେ ତାକୁ ରୋକିଦେଉ ?

ଅଲ୍ଲାଃଙ୍କ ରାଣ ! ଜକାତ ନଦେବା ପାଇଁ ଜିଦ୍ ଧରିଥିବା ଲୋକମାନେ ଯଦି ମତେ ଗୋଟିଏ ରସି ବି ଦେବାପାଇଁ ଅସ୍ୱୀକାର କରିବେ ,ଯାହାକୁ ସେମାନେ ରସୁଲୁଲ୍ଲାଃ ସ ଆ ସ ଙ୍କ ସମୟରେ ଦେଉଥିଲେ,ତାହେଲେ ବି ମୁଁ ସେମାନଙ୍କ ସହିତ ଯୁଦ୍ଧ କରିବି ।

ଅସିରେ ରାହେ ମୌଲା(ଅଲ୍ଲାଃଙ୍କ ମାର୍ଗରେ ଜେଲ୍ ଦଣ୍ଡ ଭୋଗୁଥିବା)ଶ୍ରୀମାନ ମହ୍‌ମୁଦ୍ ଇକ୍‌ବାଲ୍ ହାଶ୍‌ମୀ ସାହେବ ଲାହୋର ନିବାସୀଙ୍କ ମାତା ଶ୍ରୀମତୀ ସୟଦାଃ କୈସରାଃ ଜଫର୍ ହାଶମୀ ସାହିବାଙ୍କ ସୁଗୁଣାବଳୀର ଚର୍ଚ୍ଚା ଓ ନମାଜ୍ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍‌ଅ.ବ**
**(ପ୍ରଦତ୍ତ:୧୧ ଫେବୃୟାରୀ ୨୦୨୨ ଅନୁଯାୟୀ ୧୧ ତବ୍‌ଲିଗ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-

اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-

اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଇତିହାସ ପୃଷ୍ଠାରେ ମକ୍କା ବିଜୟ ପ୍ରସଙ୍ଗରେ ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କର ଗୋଟିଏ ସ୍ୱପ୍ନ ବିଷୟରେ ଉଲ୍ଲେଖ ରହିଛି । ଅତଏବ୍ ଏପରି ବର୍ଣ୍ଣିତ ଅଛି ଯେ ହଜରତ ଅବୁ ବକର ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରରେ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମତେ ଗୋଟିଏ ସ୍ୱପ୍ନ ଦେଖାଇଦିଆଯାଇଅଛି ଓ ମୁଁ ସେହି ସ୍ୱପ୍ନରେ ଆପଣଙ୍କୁ ମଧ ଦେଖିଲି ଯେ ଆମେମାନେ ମକ୍କା ନିକଟବର୍ତ୍ତୀ ହୋଇଯାଇଅଛେ (ଅର୍ଥାତ ଯେତେବେଳେ ମୁସଲମାନମାନେ ମକ୍କାର ନିକଟବର୍ତ୍ତୀ ହେଲେ ସେତେବେଳେ) ଏକ କୁତୀ (ମାଈ କୁକୁର) ଭୁକି ଭୁକି ଆମମାନଙ୍କ ଆଡ଼କୁ ଆସିଲା ଏବଂ ପାଖରେ ଆସି ପିଠି ଭରାରେ ଶୋଇ ପଡ଼ିଲା ଓ ତା ସ୍ତନରୁ ଦୁଗ୍ଧ ନିର୍ଗତ ହେଉଥିଲା । ହଜୁର ସ:ଆ:ସ ଉକ୍ତ ସ୍ୱପ୍ନର ତାତ୍ପର୍ଯ୍ୟ ଏହା ଦର୍ଶାଇଲେ, ଯେ ଅମାନ୍ୟକାରୀଙ୍କ ମନ୍ଦ ପ୍ରଭାବ ଆଉ ବାକି ରହିବ ନାହିଁ ବରଂ ଦୂର ହୋଇଯିବ ଏବଂ ଆମମାନଙ୍କର ମଙ୍ଗଳ ହେବ । ଅମାନ୍ୟକାରୀମାନେ ତୁମ ସମ୍ପର୍କୀୟ ହେବାର ଦ୍ୱାହି ଦେଇ ତୁମ ଶରଣ ଭିକ୍ଷା କରିବେ (ଅର୍ଥାତ ହଜୁର ସ:ଆ:ସ ମୁସଲମାନମାନଙ୍କୁ ଉପଦେଶ ଦେଉଛନ୍ତି ଯେ ଯେତେବେଳେ ଅମାନ୍ୟକାରୀମାନେ ତୁମ ସମ୍ପର୍କୀୟ ହେବାର ଦ୍ୱାହି ଦେଇ ତୁମଠାରୁ ଶରଣ ଭିକ୍ଷା କରିବେ) ସେତେବେଳେ ତୁମେ ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କ ସହିତ ସାକ୍ଷାତ କରିବ । ମହାଭାଗ ସ:ଆ:ସ ଏହି ତାବିର୍ (ଅର୍ଥ) କରିଥିଲେ । ଅତଏବ ଆପଣ ଆ:ସ କହିଲେ ଯଦି ତୁମେ ଅବୁ ସୁଫିୟାନକୁ ପାଅ ତେବେ ତାହାକୁ ବଧ କରିବ ନାହିଁ । ଅତଏବ ମୁସଲମାନମାନେ ଅବୁ ସୁଫିୟାନ ଓ ହକିମ୍ ବିନ୍ ହଜାମ୍‌କୁ ମରୁ ଜହରାନ୍‌ଠାରେ ଧରିନେଲେ ।

*(ଦଲାଇଲ୍ ନବୁଓ୍ୱାଃ ଲିଲ୍ ବେହକି, ଖଣ୍ଡ-୫, ପୃ-୪୮...... ବେରୁତ ଲେବ୍‌ନାନ୍-୧୯୮୮)*

ଇବ୍‌ନେ ଉକ୍‌ବା ବର୍ଣ୍ଣନା କରନ୍ତି ଯେତେବେଳେ ଅବୁ ସୁଫିୟାନ ଓ ହକିମ୍ ବିନ୍ ହଜାମ୍ ଫେରିଯାଉଥିଲେ ସେତେବେଳେ ହଜରତ ଅବ୍‌ବାସ ର:ଅ ହଜୁର ସ:ଆ:ସଙ୍କ ସେବାରେ ନିବେଦନ କଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୁଁ ଅବୁ ସୁଫିୟାନ୍‌ର ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପ୍ରସଙ୍ଗରେ ସନ୍ଦେହ ଘେରରେ ରହିଛି । ଏହି ଚର୍ଚ୍ଚା ପୂର୍ବେ ମଧ୍ୟ ହୋଇସାରିଛି ଯେ କିପରି ଅବୁ ସୁଫିୟାନ କହିଥିଲା ଯେ, ମୁଁ ହଜୁର ସ:ଆ:ସଙ୍କ ଆଦେଶ ପାଳନ କରିବି ଓ ଇସ୍‌ଲାମର ପ୍ରଚାର ପ୍ରସାର କରିବି । ସେ ଯାହା ବି ହେଉ ହଜରତ ଅବ୍‌ବାସ ର:ଅ କହିଲେ ତାକୁ ଡ଼କାଇ ଆଣନ୍ତୁ ଏବଂ ଇସ୍‌ଲାମ୍ ଧର୍ମ ବିଷୟରେ ତାକୁ ବୁଝାଇ ଦିଆଯାଉ ଓ ସେ ତାକୁ ବୁଝାଅ ଏବଂ ତାହାକୁ ହଜୁର ସ:ଆ:ସଙ୍କ ସହିତ ଅଲ୍ଲାଃଙ୍କ ସୈନ୍ୟଦଳକୁ ଦେଖିନେଉ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ଇବ୍‌ନେ ଅବି ଶୈବାଃ ବର୍ଣ୍ଣନା କରନ୍ତି:- ଯେତେବେଳେ ଅବୁ ସୁଫିୟାନ୍ ଯିବାକୁ ବାହାରିଲା, ସେତେବେଳେ ହଜରତ ଅବୁବକର ସିଦ୍ଦିକ୍ ର:ଅ ହଜୁର ସ:ଆ:ସଙ୍କୁ ନିବେଦନ ପୂର୍ବକ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଯଦି ଆପଣ ଆଦେଶ ଦିଅନ୍ତି ତେବେ ଅବୁ ସୁଫିୟାନ୍ କୁ ଅଟକାଇ ଦିଆଯାଉ । ଆଉ ଏକ ରିଓ୍ୱାୟତ୍‌ରେ ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରନ୍ତି ଯେ ଯେତେବେଳେ ଅବୁ ସୁଫିୟାନ୍ ଫେରିଯାଉଥିଲା, ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ହଜରତ ଅବାସ୍ ର:ଅଙ୍କୁ ଆଦେଶ ଦେଲେ ଯେ, ଅବୁ ସୁଫିୟାନକୁ ଉପତ୍ୟକାର ଘାଟିରେ ଯାଇ ରୋକିଦିଅ । ଅତଏବ ହଜରତ ଅବାସ୍ ର:ଅ ଅବୁ ସୁଫିୟାନ୍ ପାଖରେ ପହଂଚି ତାକୁ ରୋକି ଦେଲେ । (ଅର୍ଥାତ ଯିବାକୁ ଦେଲେନାହିଁ) ।

ଏଥିରେ ଅବୁ ସୁଫିୟାନ୍ କହିଲା ହେ ବନି ହାଶିମ୍ ! (ଅର୍ଥାତ ହାଶିମ୍ ବଂଶର ସନ୍ତାନ) କଣ ତୁମେ ବିଶ୍ୱାସଘାତକତା କରୁଛ ? ହଜରତ ଅବ୍‌ବାସ୍ ର:ଅ କହିଲେ ଅହଲେ ନବୁଓ୍ୱତ୍ ବିଶ୍ୱାସଘାତକତା କରିନଥାନ୍ତି । ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜରତ ଅବାସ୍ ର:ଅ କହିଲେ, ଆମେ କଦାପି ବିଶ୍ୱାସଘାତକତା କରିଥାଉଁ । କିନ୍ତୁ ତୁମେ ଏଠାରେ ପ୍ରଭାତ ପର୍ଯ୍ୟନ୍ତ ଅପେକ୍ଷା କର ଯଦ୍ୱାରା ତୁମେ ଅଲ୍ଲାଃଙ୍କ ସୈନ୍ୟଦଳକୁ ଦେଖିନେବ ଓ ତାହା ଅମାନ୍ୟକାରୀଙ୍କ ସକାଶେ ଅବତୀର୍ଣ୍ଣ କରାଯାଇଛି । ଅତଏବ ହଜରତ ଅବ୍‌ବାସ୍ ର:ଅ ଅବୁ ସୁଫିୟାନ୍ କୁ ସକାଳ ପର୍ଯ୍ୟନ୍ତ ସେହି ଘାଟିରେ ଅଟକାଇ ରଖିଲେ । *(ସୁବୁଲୁଲ୍ ହୁଦା, ଖଣ୍ଡ-୫, ପୃ-୨୧୮..... ବେରୁତ ଲେବ୍‌ନାନ୍୧୯୯୩)*

ଯେତେବେଳେ ଇସ୍‌ଲାମୀୟ ସେନାବାହିନୀ ଅବୁ ସୁଫିୟାନ୍ ସମ୍ମୁଖରେ ଯାଉଥିଲା, ଏ ପ୍ରସଙ୍ଗରେ ଚର୍ଚ୍ଚା କରି ସୁବୁଲୁଲ୍ ହୁଦା ଓ୍ୱରଶାଦ୍‌ରେ ଲେଖାଯାଇଅଛି ଯେ, ହଜରତ ସାଆଦ୍ ବିନ୍ ଅବାଦା ର:ଅ ଅବୁସୁଫିୟାନ ନିକଟରେ ଅତିକ୍ରମ କରିବା କ୍ଷଣି ତାହାକୁ ମୁକାବିଲା ପାଇଁ ଆମନ୍ତ୍ରିତ କଲା । ଏଥିରେ ଅବୁ ସୁଫିୟାନ୍ ହଜରତ ଅବ୍‌ବାସ ର:ଅଙ୍କୁ କହିଲା ହେ ଅବ୍‌ବାସ୍ ! ଆଜି ତୁମେ ହିଁ ମୋ ସୁରକ୍ଷା କରିପାରିବ ମୋ ସୁରକ୍ଷା ଦାୟିତ୍ୱ ତୁମ ହସ୍ତରେ ରହିଛି ସେଥିଅନ୍ତେ ଅନ୍ୟାନ୍ୟ ଗୋଷ୍ଠୀ ସମୂହ ସେଠାରୁ ଅତିକ୍ରମ କଲେ । ଶେଷରେ ହଜୁର ସ:ଆ:ସ ପ୍ରକାଶ୍ୟ ଦିବାକର ପରି ଆବିର୍ଭାବ ହେଲେ ଏବଂ ଆପଣ ସ:ଆ:ସ ନିଜ ଓଟ କସ୍‌ଓ୍ୱା ଉପରେ ଆରୋହଣ କରିଥିଲେ । ହଜୁର ସ:ଆ:ସ ହଜରତ ଅବୁବକର ସିଦ୍ଦିକ୍ ର:ଅ ଓ ହଜରତ ଉସୈଦ୍ ବିନ୍ ହୁଜୈର୍ ର:ଅଙ୍କ ମଧ୍ୟରେ ସେମାନଙ୍କ ସହିତ କଥାବାର୍ତ୍ତା କରି ଆଗେଇ ଆସୁଥିଲେ । ହଜରତ ଅବ୍‌ବାସ୍ ର:ଅ ଅବୁ ସୁଫିୟାନକୁ କହିଲେ ଦେଖ ଇଏ ହେଉଛନ୍ତି ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ।

*(ସୁବୁଲୁଲ୍ ହୁଦା, ଖଣ୍ଡ-୫, ପୃ-୨୨୦-୨୨୧..... ବେରୁତ ୧୯୯୩)*

ଯେତେବେଳେ ଅବୁ ସୁଫିୟାନ ସମ୍ମୁଖରେ ହଜୁର ସ:ଆ:ସଙ୍କ ସବୁଜ ରଙ୍ଗର (ବସ୍ତ୍ର ପରିହିତ) ସେନା ବାହିନୀ ପ୍ରକଟ ହେଲେ, ଯେଉଁମାନଙ୍କ ମଧରେ ମୁହାଜିର୍ ଓ ଅନସାର୍‌ଗଣ ଇସ୍‌ଲାମୀୟ ଧ୍ୱଜା ବହନ କରିଥିଲେ ଏବଂ ଏକ ହଜାର ଜଣ ଅନସାର୍ ଯୁଦ୍ଧ ବସ୍ତ୍ରରେ ସଜ୍ଜିତ ଥିଲେ । ହଜୁର ସ:ଆ:ସ ନିଜ ଧ୍ୱଜା ହଜରତ ସାଦ୍ ବିନ୍ ଅବାଦାଃ ର:ଅଙ୍କୁ ପ୍ରଦାନ କରିଥିଲେ ଏବଂ ସେ ସେନାର ନେତୃତ୍ୱ ନେଇ ସର୍ବାଗ୍ରେ ମାଡ଼ି ଚାଲିଥିଲେ । ଅନ୍‌ସାର୍‌ର ପ୍ରତ୍ୟେକ ଗୋଷ୍ଠୀ ସମ୍ମୁଖରେ ଗୋଟିଏ ଲେଖାଏଁ ଧ୍ୱଜା ରହିଥିଲା ଏବଂ ସେମାନେ ଲୌହ କବଚ ପରିଧାନ କରି ପୂର୍ଣ୍ଣ ରୂପେ ପ୍ରସ୍ତୁତ ଥିଲେ । ସେମାନଙ୍କର କେବଳ ଚକ୍ଷୁ ଦୃଶ୍ୟମାନ ହେଉଥିଲା ସେମାନଙ୍କ ମଧ୍ୟରୁ ମଝିରେ ମଝିରେ ହଜରତ ଉମର୍ ର:ଅଙ୍କର ସ୍ୱର ଗୁଞ୍ଜରିତ ହେଉଥିଲା, ଓ ସେ ଉଚ୍ଚ ସ୍ୱରରେ କହୁଥିଲେ, ମନ୍ଥର ଗତିରେ ଚାଲ ଯଦ୍ୱାରା ତୁମର ପ୍ରଥମ ସୈନ୍ୟ ଟୁକଡ଼ିଟି ଶେଷ ଟୁକୁଡ଼ି ସହିତ ମିଶିକ ରହୁ । ଯେତେବେଳେ ହଜରତ ସାଆଦ୍ ଅବୁ ସୁଫିୟାନ୍ ନିକଟରେ ପହଂଚିଲେ ସେ ଅବୁ ସୁଫିୟାନ୍‌କୁ ଉଚ୍ଚ ସ୍ୱରରେ ଡ଼ାକି କହିଲେ ଆଜିର ଦିନ ରକ୍ତପାତର ଦିନ । ଆଜି କୁରେଶର ଅମାନ୍ୟକାରୀମାନେ ଲଜ୍ଜିତ ଓ ଅପମାନିତ ହେବେ । ଏଥିରେ ଅବୁ ସୁଫିୟାନ୍ ହଜରତ ଅବାସ୍ ର:ଅଙ୍କୁ କହିଲେ, ହେ ଅବାସ୍ ! ଆଜି ମୋ ସୁରକ୍ଷାର ଦାୟିତ୍ୱ ତୁମ ଉପରେ ରହିଛି । ପୁଣି ତା'ପରେ ଅନ୍ୟାନ୍ୟ କବିଲାଗୁଡ଼ିକ (ତା) ସମ୍ମୁଖରେ ଗଲେ । ପୁଣି ରସୁଲୁଲ୍ଲାଃ ସ:ଆ:ସ ନିଜ ଓଟ କସ୍‌ଓ୍ୱା ଉପରେ ଆରୋହଣ କରି ଚାଲି ଯାଉଥିଲେ ଓ ମହାଭାଗ ସ:ଆ:ସ ହଜରତ ଅବୁ ବକର ର:ଅ ଓ ହଜରତ ଉସୈଦ୍ ବିନ୍ ହୁଜୈର୍ ର:ଅଙ୍କ ମଝିରେ ସେମାନଙ୍କ

ସହିତ କଥା ହୋଇ ପ୍ରକାଶ ହେଉଥିଲେ । ସେତିକି ବେଳେ ହଜରତ ଅବାସ୍ ର:ଅ ଅବୁ ସୁଫିୟାନ୍‌କୁ କହିଲେ ଦେଖ ଇଏ ହେଉଛନ୍ତି ରସୁଲୁଲ୍ଲାଃ ସ:ଆ:ସ । *(ସୁବୁଲୁଲ୍ ହୁଦା, ଖଣ୍ଡ-୫, ପୃ-୨୨୦-୨୨୧..... ବେରୁତ ୧୯୯୩)*

ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅ ବର୍ଣ୍ଣନା କରିଛନ୍ତି ଯେ ମକ୍କା ବିଜୟ ଅବସରରେ ଯେତେବେଳେ ହଜୁର ସ:ଆ:ସ ମକ୍କାରେ ପ୍ରବେଶ କଲେ ସେତେବେଳେ ଦେଖିଲେ ମହିଳାମାନେ ଘୋଡ଼ାମାନଙ୍କ ମୁହଁକୁ ନିଜ ଓଢ଼ଣୀରେ ମାରି ମାରି ପଛକୁ ଧକା ଦେଇ ଚାଲିଛନ୍ତି । ଯେତେବେଳେ ଆଁ ହଜରତ ସ:ଆ:ସ ଏହି ଦୃଶ୍ୟ ଦେଖିଲେ ସେତେବେଳେ ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କୁ କହିଲେ ହେ ଅବୁ ବକର ର:ଅ ! ହସାନ୍ ବିନ୍ ସାବିତ୍ ର:ଅ ଏ ସମ୍ପର୍କରେ କଣ କହିଛନ୍ତି: ଏଥିରେ ହଜରତ ଅବୁବକର ସିଦ୍ଦିକ୍ ର:ଅ ତାଙ୍କର ଏହି କବିତା ପାଠ କଲେ:-

**ଅଦିମ୍‌ତୁ ବୁନୟତି ଇନ୍ ଲମ୍ ତରଉହା ତୁସିରୁନ୍ ନକ୍‌ଆ ମୌଇଦହା କଦାଉ**

**ୟୁନାଜିନଲ୍ ଅଇନ୍ନତା ମୁସ୍‌ରିହାତିନ୍ ୟୁଲତ୍‌ତିମୁହୁନ୍ନା ବିଲ୍‌ଖୁମୁରିନ୍ ନିସାଉ** ପରାକ୍ରମୀ ସେନା ବାହିନୀର ପଦାମାର୍ଗରେ ନିଜ ବିଜିତ ଅଂଚଳରେ ପ୍ରବେଶ କରିବାର ନକ୍ସା ଟଣା ଯାଇଥିଲା । ଏହାର ଅର୍ଥ ହେଉଛି ଏପରି କି "ମୁଁ ମୋ ପ୍ରିୟ ଝିଅକୁ ହରାଇ ଦେବି ଯଦି ତୁମେ ଏପରି ସୈନ୍ୟବାହିନୀକୁ ଧୂଳି ଉଠାଇ ଆସୁଥିବାର ନ ଦେଖିବ । ସେହି ପ୍ରତିଶୃତିର ସ୍ଥାନ ହେଉଛି କଦା ପାହାଡ଼ । ସେମାନେ ଦ୍ରୁତଗତିରେ ଯାଉଥିବା ଘୋଡ଼ାଗୁଡ଼ିକର ଲଗାମ ଧରି ଟାଣୁଛନ୍ତି । ମହିଳାମାନେ ନିଜ ଓଢ଼ଣୀ ଦ୍ୱାରା (ସୈନ୍ୟ ଦଳର ଘୋଡ଼ାମାନଙ୍କୁ) ମାରୁଛନ୍ତି । ଏହା ଦେଖି ରସୁଲୁଲ୍ଲାଃ ସ:ଆ:ସ କହିଲେ:- ଏହି ସହର ମଧ୍ୟରେ ସେହି ମାର୍ଗ ଦେଇ ପ୍ରବେଶ କର ଯେଉଁ ମାର୍ଗଦେଇ ପ୍ରବେଶ କରିବାକୁ ହସାନ୍ ବିନ୍ ସାବିତ୍ କହିଥିଲେ । ଅର୍ଥାତ କଦାଆ ନାମକ ମାର୍ଗ ଦେଇ । *(ସୁବୁଲୁଲ୍ ହୁଦା, ଖଣ୍ଡ-୫, ପୃ-୨୨୭..... ବେରୁତ ୧୯୯୩) (ଶରହ୍ ଜରକାନୀ, ଖଣ୍ଡ-୩, ପୃ-୪୧୫...... ବେରୁତ ୧୯୯୬)*

କଦା ଅରଫାତ୍‌ର ହିଁ ଅନ୍ୟ ନାମ ଥିଲା ଯାହାକି ଏକ ପାହାଡ଼ିଆ ରାସ୍ତା ଓ ତାହା ମକ୍କାର ବର୍ହିଦେଶରୁ ମକ୍କାର ଅଭ୍ୟନ୍ତର ଭାଗକୁ ଯୋଡ଼ି ରହିଥିଲା । ମକ୍କା ବିଜୟ ଅବସରରେ ଆଁ ହଜରତ ସ:ଆ:ସ ଏହି (କଦାଆ) ନାମକ ମାର୍ଗ ଦେଇ ମକ୍କାରେ ପ୍ରବେଶ କରିଥିଲେ । *(ଫରହଙ୍ଗ ସିରତ୍, ପୃ-୨୪୨, ଜୱାର ଏକାଡେ଼ମି କରାଚି ୨୦୦୩)*

ମକ୍କା ବିଜୟ ଅବସରରେ ହଜୁର ସ:ଆ:ସ ସମସ୍ତଙ୍କୁ ସୁରକ୍ଷା ଓ ନିରାପତା ପ୍ରଦାନ କରାଯିବାର ସର୍ବସାଧାରଣରେ ଘୋଷଣା କରିଦେଲେ ଏଥିରେ ହଜରତ ଅବୁବକର ସିଦ୍ଦିକ୍ ର:ଅ କହିଲେ ଅବୁ ସୁଫିୟାନ୍ ସମ୍ମାନ ଓ ମର୍ଯ୍ୟାଦାକୁ ପସନ୍ଦ କରେ ବସ୍ତୁତଃ ହଜୁର ସ:ଆ:ସ ନିର୍ଦ୍ଦେଶ ଦେଲେ ଯେ କେହି ଅବୁ ସୁଫିୟାନ୍ ଘରେ ଶରଣ ନେବ ତାହାକୁ ମଧ ସୁରକ୍ଷା ପ୍ରଦାନ କରାଯିବ *(ଶରହ୍ ଜରକାନୀ..... ଖଣ୍ଡ-୩, ପୃ-୪୨୧..... ବେରୁତ ୧୯୯୬)* ଅର୍ଥାତ:- ତାହାର ଧନଜୀବନ ଉପରେ କୌଣସି କ୍ଷତି ପହଂଚା ଯିବନାହିଁ, ତାହାର କୌଣସି ଅନିଷ୍ଟ ହେବନାହିଁ ।)

ଯେତେବେଳେ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ନିର୍ଦ୍ଦେଶ କ୍ରମେ ହୁବୁଲ୍ ପ୍ରତିମାକୁ ଭଙ୍ଗା ଗଲା ସେତେବେଳେ ହଜରତ ଜୁବୈର ବିନ୍ ଅୱାମ୍ ର:ଅ ଅବୁ ସୁଫିୟାନ୍‌କୁ କହିଲେ:- ହେ ଅବୁ ସୁଫିୟାନ୍ ! ଓହଦ୍ ଯୁଦ୍ଧ ଦିନ ତୁମେ ଏହି ପ୍ରତିମା ପାଇଁ ବେଶ୍ ଗର୍ବ କରୁଥିଲ ଯେ କାଳେ ତୁମକୁ ହୁବୁଲ୍ ପ୍ରତିମା ପୁରସ୍କୃତ କରିଛନ୍ତି । ପ୍ରତ୍ୟୁତରରେ ଅବୁ ସୁଫିୟାନ୍ କହିଲା ବର୍ତମାନ ସେ ସବୁ କଥା ଛାଡ଼ ଏବେ ମୁଁ ଜାଣିପାରିଛି ଯେ ଯଦି ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପରମେଶ୍ୱରଙ୍କ ବ୍ୟତିତ କେହି ଈଶ୍ୱର ଥାଆନ୍ତେ ତେବେ ଆଜି ଯାହା କିଛି ଘଟି ଯାଉଛି ତାହା କଦାପି ଘଟିନଥାଆନ୍ତା ।

ସେଥିଅନ୍ତେ ହଜୁର ସ:ଆ:ସ ଖାନାକାବାର ଗୋଟିଏ କୋଣକୁ ଲାଗି ବସିପଡ଼ିଲେ ଏବଂ ଲୋକମାନେ ଆପଣ ସ:ଆ:ସଙ୍କ ଚତୁଃପାର୍ଶ୍ୱରେ ଘେରିଗଲେ ଅର୍ଥାତ ଜମା ହୋଇ ବସିପଡ଼ିଲେ । ହଜରତ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରନ୍ତି:- ମକ୍କା ବିଜୟ ଦିନ ହଜୁର ସ:ଆ:ସ ବିରାଜମାନ ଥିଲେ ଏବଂ ହଜରତ ଅବୁ ବକର ର:ଅ ନିଜ ଖଣ୍ଡା ଧରି ଆପଣ ସ:ଆ:ସଙ୍କ ମୁଣ୍ଡ ପଛପଟେ ମହାଭାଗ ସ:ଆ:ସଙ୍କ ସୁରକ୍ଷାରେ ମୁତୟନ ରହିଥିଲେ । *(ସୁବୁଲୁଲ୍ ହୁଦା, ଖଣ୍ଡ-୫, ପୃ-୨୩୫..... ଲେବ୍‌ନାନ୍ ୧୯୯୩)*

ହୁନୈନ୍ ଯୁଦ୍ଧ ସମ୍ବନ୍ଧରେ ଏ କଥା ବର୍ଣ୍ଣିତ ଅଛି ହୁନୈନ୍ ଯୁଦ୍ଧର ଦ୍ୱିତୀୟ ନାମ ହେଉଛି ହୱାଜିନ୍ ଯୁଦ୍ଧ । ପୁଣି ତାହାକୁ ଅଓତାସ୍ ଯୁଦ୍ଧ ମଧ କୁହାଯାଏ । ଏହି ଯୁଦ୍ଧ ଶୱାଲ୍ ଆଠ ହିଜ୍ରୀରେ ମକ୍କା ବିଜୟ ପରେ ହୋଇଥିଲା । ଏ ସମ୍ବନ୍ଧରେ ଆହୁରି ବର୍ଣ୍ଣନା ମିଳୁଛି ଯେତେବେଳେ ଅଲ୍ଲାଃ ତାଲା ନିଜ ରସୁଲ୍ ସ:ଆ:ସଙ୍କର ପବିତ୍ର ହସ୍ତରେ ମକ୍କାକୁ ମୁସଲମାନମାନଙ୍କ ଦ୍ୱାରା ଜୟଯୁକ୍ତ କରାଇଲେ ସେତେବେଳେ ହୱାଜିନ କବିଲାର ସର୍‌ଦାରମାନେ ଓ ସକିଫ୍ କବିଲା ପରସ୍ପର ସହ ସାକ୍ଷାତ କଲେ ଏବଂ ଏମାନେ ଭୟଭୀତ ଥିଲେ ଯେ, ହଜୁର ସ:ଆ:ସ ସେମାନଙ୍କ ସହିତ ଲଢ଼େଇ କରିବେ । *(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩........ ଗଜ୍‌ୱାଏ ହୁନୈନ୍, ପୃ-୧୫୧...... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ୨୦୦୨) (ଅଟଲସ୍ ସିରତ୍ ନବୱି ପୃ-୪୦୯, ଦାରୁସ୍ ସଲାମ୍ ରିୟାଜ୍ ୧୪୨୪ ହିଜ୍ରୀ)*

ମାଲିକ୍ ବିନ୍ ଅୱଫ୍ ନଶ୍‌ରୀ ଆରବର ଗୋଷ୍ଠୀ ସମୁହକୁ ଏକତ୍ରିତ କଲେ ଅତଏବ ସେମାନଙ୍କର ନିକଟରେ ହୱାଜିନ୍ ସହିତ ବନୁ ସକିଫ୍ ଓ ବନୁ ନସର୍, ବନୁ ଜୁଶମ୍ ଏବଂ ସାଆଦ୍ ବିନ୍ ବକର ଓ ଆଉ କିଛି ଲୋକ ବନୁ ହିଲାଲ୍‌ରେ ଏକତ୍ରିତ ହେଲେ । *(ସିରତ୍ ଇବନେ ହୁଶାମ୍, ପୃ-୭୬୧..... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ୨୦୦୧)* ସଭିଏଁ ଏକତ୍ରିତ ହୋଇ ଅଓତାସ୍ ନାମକ ସ୍ଥାନରେ ଏକତ୍ରିତ ହେଲେ ଅଓତାସ୍ ହେଉଛି ହୁନୈନ୍ ନିକଟରେ ଗୋଟିଏ ଉପତ୍ୟାକା । ମାଲିକ୍ ବିନ୍ ଅୱଫ୍ ନିଜ ଗୁପ୍ତଚର ପ୍ରେରଣ କଲେ ଯଦ୍ୱାରା ସେମାନେ ହଜୁର ସ:ଆ:ସଙ୍କ ପ୍ରସଙ୍ଗରେ ଖବର ଆଣିବେ । ହୁନୈନ୍ ଯୁଦ୍ଧ ଯାହାକୁ ହୱାଜନ୍ ଯୁଦ୍ଧ ମଧ କୁହାଯାଏ । ୮ ହିଜରୀରେ ମକ୍କା ବିଜୟ ପରେ ଲଢ଼ାଯାଇଥିଲା । ହୁନୈନ୍ ମକ୍କା ଓ ତାଇଫ୍‌ର ମଧବର୍ତୀ ଅଂଚଳ ଯାହାକି ମକ୍କାଠାରୁ ତିନିମାଇଲ ଦୂରତାରେ ଏକ ଘାଟି ଥିଲା । ମୁସଲମାନମାନେ ମକ୍କା ବିଜୟ କରିନେବା ସୂଚନା ପାଇବା ମାତ୍ରେ ଅମାନ୍ୟକାରୀମାନେ ମାଲିକ୍ ବିନ୍ ଅୱଫ୍ ନଶ୍‌ରୀଙ୍କର ଆଲେଖ୍ୟ (ସନ୍ଦେଶ) ପାଇ ସମସ୍ତ ଆରବ ଗୋଷ୍ଠୀ ଏକ ବିଶାଳ ସେନା ବାହିନୀ ଏକତ୍ରିତ କରି ମୁସଲମାନମାନଙ୍କ ବିପକ୍ଷରେ ଛିଡ଼ା ହୋଇଗଲେ । ତେଣୁ ହଜୁର ସ:ଆ:ସ ୧୨୦୦୦ ସଂଖ୍ୟକ ମୁସଲମାନ ସେନା ଦଳକୁ ନେଇ ବନୁ ହୱାଜନ୍ ସହିତ ଯୁଦ୍ଧ କରିବା ପାଇଁ ବାହାରିଲେ ଏବଂ ପ୍ରଭାତରେ ହିଁ ହୁନେନ୍ ଠାରେ ପହଂଚିଗଲେ । ଅମାନ୍ୟକାରୀଙ୍କ ସେନା ପୂର୍ବରୁ ସେଠାରେ ଛପି ରହିଥିଲା । ଅତଏବ ସେମାନେ ମୁସଲମାନ ସେନାକୁ ଦେଖିବା ମାତ୍ରେ ସେମାନଙ୍କ ଉପରେ ହଠାତ୍ ଏଭଳି ତୀବ୍ର ଓ ଅତର୍କିତ ଭାବରେ ତୀର ଚାଳନା କରି ଆକ୍ରମଣ କଲେ ଯେ ତାହାକୁ ମୁସଲମାନମାନେ ସହ୍ୟ କରିବା ସମ୍ଭବପର ହେଲାନାହିଁ ଫଳତଃ ମୁସଲମାନମାନେ ବ୍ୟସ୍ତ ବିବ୍ରତ ହୋଇ ଛତ୍ରଭଙ୍ଗ ଦେଲେ ଓ ଏଣେତେଣେ ଦଉଡ଼ି ଚାଲିଗଲେ । ତେଣୁ ହଜୁର ସ:ଆ:ସଙ୍କ ନିକଟରେ ମାତ୍ର କିଛି ହାତ ଗଣତି ସାହାବା ବାକି ରହି ଯାଇଥିଲେ । (ଅର୍ଥାତ ଅମାନ୍ୟକାରୀମାନେ ଏଭଳି ତିବ୍ର ଆକ୍ରମଣ କରିଥିଲେ ଯେ ସେତେବେଳେ ହଜୁର ସ:ଆ:ସଙ୍କ ନିକଟରେ ଯେଉଁ ସାହାବା ରହିଯାଇଥିଲେ) ସେମାନଙ୍କ ମଧ୍ୟରେ ହଜରତ ଅବୁବକର ସିଦ୍ଦିକ୍ ର:ଅ ମଧ ସାମିଲ ଥିଲେ । *(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃ-୧୫୧-୧୫୪...... ଦାରୁଲ୍ କୁତୁବୁଲ୍ ଅଲମିୟା ୨୦୦୪) (ଫରହଙ୍ଗ ସିରତ୍, ପୃ-୪୯, ଜୱାର ଏକାଡେ଼ମି କରାଚି ୨୦୦୩)*

ଅବୁ ଇସ୍‌ହାକ୍ ର:ଅ ବର୍ଣ୍ଣନା କରନ୍ତି; ଜଣେ ବ୍ୟକ୍ତି ବରାଅ ନିକଟକୁ ଆସିଲେ ଏବଂ କହିଲେ ତୁମେମାନେ ହୁନେନ୍ ଦିନ ପଶ୍ଚାତପଦ କରିଯାଇଥିଲ । ସେ କହିଲା ମୁଁ ହଜୁର ସ:ଆ:ସଙ୍କ ପ୍ରସଙ୍ଗରେ ସାକ୍ଷ୍ୟ ଦେଉଛି ଯେ ଆପଣ ସ:ଆ:ସ ପଶ୍ଚାତପଦ ପ୍ରଦର୍ଶନ କରିନଥିଲେ କିନ୍ତୁ ମୁସଲମାନମାନେ ଶିଘ୍ରତା ଅବଲମ୍ବନ କରି ତଥା ବିନ କୌଣସି ଅସ୍ତ୍ରଶସ୍ତ୍ର ଧରି ହୱାଜନ୍ କବିଲା ଆଡ଼କୁ ଗଲେ ଏବଂ ହୱାଜନ କବିଲାର ଲୋକମାନେ ତୀର ନିକ୍ଷେପକାରୀ ଥିଲେ ସୁତରାଂ ସେମାନେ ଏଭଳି ଭିଷଣ ତୀର ନିକ୍ଷେପ କରିଚାଲିଥିଲେ ଯେପରି ପଙ୍ଗୁପାଳ ଦଳଙ୍କର ସୁଅ ଛୁଟିଥାଏ । ପରିଣାମ ସ୍ୱରୁପ ମୁସଲମାନମାନେ ଛତ୍ରଭଙ୍ଗ ଦେଇଥିଲେ ଓ ନିଜ ସ୍ଥାନ ଛାଡ଼ିଗଲେ । *(ସହି ମୁସ୍‌ଲିମ୍, କିତାବୁଲ୍ ଜିହାଦ୍ ୱସ୍ ସୈର୍....... ହଦିସ୍-୪୬୧୬)* ଏପରି ସଙ୍କଟାପର୍ନ୍ନ ପରିସ୍ଥିତିରେ ପ୍ରବାଶକାରୀମାନଙ୍କ ମଧ୍ୟରୁ ହଜରତ ଅବୁବକର ସିଦ୍ଦିକ୍ ର:ଅ ଓ ହଜରତ ଉମର ର:ଅ ହଜୁର ସ:ଆ:ସଙ୍କ ସାଥିରେ ଦୃଢ଼ତାର ସହିତ ଦଣ୍ଡାୟମାନ ରହିଥିଲେ ଓ ଆପଣ ସ:ଆ:ସଙ୍କ ସୁରକ୍ଷା ପାଇଁ ଛିଡ଼ା ହୋଇଥିଲେ ଏବଂ ଆପଣ ସ:ଆ:ସଙ୍କ ପରିବାର ବର୍ଗ ମଧ୍ୟରୁ ହଜରତ ଅଲୀ, ହଜରତ ଅବ୍‌ବାସ୍ ବିନ୍ ଅବ୍‌ଦୁଲ୍ ମୁତ୍‌ଲିବ୍ ଏବଂ ଆଁ ହଜରତ ସ:ଆ:ସଙ୍କ ଚାଚାଙ୍କ ପୁଅ ଅବୁ ସୁଫିୟାନ୍ ବିନ୍ ହାରିସ୍ ଓ ତାହାର ପୁତ୍ର ଫଜଲ ବିନ୍ ଅବ୍‌ବାସ୍ ଓ ରବିୟା ବିନ୍ ହାରିସ୍ ତଥା ଉସାମା ବିନ୍ ଜୈଦ୍ ର:ଅ ଆଦି ରହିଥିବାର ଚର୍ଚ୍ଚା ମିଳୁଅଛି । *(ଅସ୍‌ସିରତୁନ୍ ନବୱିୟା ଲି ଇବ୍‌ନେ ହୁଶାମ୍ ପୃ-୭୬୪...... ବେରୁତ ୨୦୦୧)*

ହ ଅବୁ କତାଦା ର:ଅ ବର୍ଣ୍ଣନା କରନ୍ତି:- ହୁନୈନ୍ ଯୁଦ୍ଧ ସମୟରେ ମୁଁ ଜଣେ ମୁସଲମାନକୁ ଦେଖିଲି ଯେ ସେ ଜଣେ ଅମାନ୍ୟାକରୀ ବ୍ୟକ୍ତି ସହିତ ଲଢୁଥିଲେ । ସେତେବେଳେ ଆଉ ଜଣେ ଅମାନ୍ୟକାରୀ ଲୁଚି ଛପି ଉକ୍ତ ମୁସଲମାନ ଉପରେ ଆକ୍ରମଣ କରିବାକୁ ଓ ଆକ୍ରମଣ କରି ତାଙ୍କୁ ନୀହତ କରିବା ପାଇଁ ଚାହୁଁଥିଲା । ଏହା ଦେଖି ମୁଁ ତିବ୍ର ବେଗରେ ତାହା ଆଡ଼କୁ ଅଗ୍ରସର ହେଲି ଯଦ୍ୱାରା ସେ ମତେ ମାରିବା ପାଇଁ ହାତ ଉଠାଇଲା ମୁଁ ତାହାର ହାତ ଉପରକୁ ପ୍ରହାର କରି ତାହାର ହାତ କାଟିଦେଲି ତା'ପରେ ସେ ମତେ ଧରିନେଲା । ପୁଣି ସେ ମତେ ବହୁତ ଜୋର୍‌ରେ ଧରି ଚାପି ଦେଲା । ଫଳତଃ ମୁଁ ନିରୂପାୟ ହୋଇଗଲି । ତା'ପରେ ସେ ମତେ ଛାଡ଼ିଦେଲା ଏବଂ ମୁଁ ତାହାକୁ ଜୋର୍‌ରେ ଆନ୍ଦୋଳିତ କଲି ଯଦ୍ୱାରା ସେ ମତେ ଛାଡ଼ି ନମ୍ର ପଡ଼ିଗଲା ସେଥିଅନ୍ତେ ମୁଁ ତାକୁ ବନ୍ଧ କରିଦେଲି । ଅପରପଟେ ମୁସଲମାନମାନେ ପରାଜିତ ହୋଇ ପଳାୟନ କଲେ ଏହା ଦେଖି ମୁଁ ମଧ୍ୟ ସେମାନଙ୍କ ସହିତ ପଳାୟନ କଲି । ପୁଣି ସେ କୁହନ୍ତି ଯେ ପୂନର୍ବାର ଲୋକମାନେ ଫେରି ଆସି ହଜୁର ସ:ଆ:ସଙ୍କ ନିକଟରେ ଏକତ୍ରିତ ହେବା ଆରମ୍ଭ ହେଲେ । ହଜୁର ସ:ଆ:ସ କହିଲେ ଯଦି କୌଣସି ବ୍ୟକ୍ତି ଏକଥା କହିବ ଯେ, ସେ ଅମକୁ ବ୍ୟକ୍ତିକୁ ହତ୍ୟା କରିଛି ପୁଣି ସେ ଏହାର ପ୍ରମାଣ ଦେବ ଯେ ସେ ଅମୁକ ହତ୍ୟା କରିଛି । ତେବେ ସେହି ନୀହତ ବ୍ୟକ୍ତିର ସମସ୍ତ ସାମଗ୍ରୀ ତାହା ଅଧିକାର ଭୁକ୍ତ ହେବ । ଅତଏବ ମୁଁ ଉଠିଲି ଯଦ୍ୱାରା କାହାରିକୁ ଖୋଜିଆଣିବି ଯିଏ ମୋ ସପକ୍ଷରେ ସାକ୍ଷ୍ୟ ଦେବ । କିନ୍ତୁ ମୋ ପକ୍ଷରେ ସାକ୍ଷ୍ୟ ଦେବାକୁ କାହାରିକୁ ପାଇଲିନାହିଁ । ପୁଣି ମୋର ମନେପଡ଼ିଲା ଯେ ମୁଁ ତ ଗୋଟିଏ ଲୋକକୁ ହତ୍ୟା କରିଛି । କସେତେବେଳେ ମୁଁ ଜଣକୁ ନୀହତ କରିବାର ପ୍ରମାଣ ସ୍ୱୟମ ହଜୁର ସ:ଆ:ସଙ୍କ ସମ୍ମୁଖରେ ଉପସ୍ଥାପନ କଲି ଆପଣ ସ:ଆ:ସଙ୍କ ନିକଟରେ ବସିଥିବା ଜଣେ ବ୍ୟକ୍ତି କହିଲେ ସଂପୃକ୍ତ ନୀହତ ବ୍ୟକ୍ତିର ଅସ୍ତ୍ର ମୋ ନିକଟରେ ଅଛି ସେ ଅନୁରୋଧ କଲେ ଯେ, ହଜୁର ସ:ଆ:ସ ସେହି ଅସ୍ତ୍ରଶସ୍ତ୍ର ଯାହାକି ମୋ ନିକଟରେ ଅଛି ମୋତେ ରଖିବାକୁ ଦିଅନ୍ତୁ ଏବଂ ଆଙ୍କୁ ଆଉ କିଛି ପ୍ରଦାନ କରିଦିଅନ୍ତୁ । ସେହି ସ୍ଥଳେ ହଜରତ ଅବୁବକର ସିଦ୍ଦିକ୍ ର:ଅ ମଧ ଉପସ୍ଥିତ ଥିଲେ, ସେ କହିଲେ ଏହା କୌଣସି ମତେ ସମ୍ଭବ ନୁହେଁ । ହଜୁର ସ:ଆ:ସ କୁରୈଶ୍‌ର ଜଣେ ଭୀରୁ ଲୋକକୁ ତା ସାମଗ୍ରୀ ପ୍ରଦାନ କରିଦେବେ ଏବଂ ଅଲ୍ଲାଃଙ୍କ ସିଂହ ମଧ୍ୟରୁ ଜଣେ ସିଂହକୁ ଏଥିରୁ ବଂଚିତ ରଖିବେ ଯେ, ଅଲ୍ଲାଃ ଓ ତାହାଙ୍କ ରୁସଲ୍ ସ:ଆ:ସଙ୍କ ପାଇଁ ଶତ୍ରୁର ମୁକାବିଲା କରୁଛି (ଏପରି କଦାପି ହୋଇପାରିବ ନାହିଁ ଅର୍ଥାତ ଜଣକର ଅଧିକାର ଅନ୍ୟ ଜଣକୁ ପ୍ରଦାନ କରାଯିବା ଅସମ୍ଭବ) ହଜରତ ଅବୁ କତାଦା ର:ଅ ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସ ଛିଡ଼ା ହେଲେ ଏବଂ ସେହି ସମସ୍ତ ସାମଗ୍ରୀ ମୋତେ ପ୍ରଦାନ କରିଦେଲେ । ତାହା ଜରିଆରେ ମୁଁ ଏକ ଖଜୁରୀ ବଗିଚା ଖରିଦ କରିନେଲି ଏହା ପ୍ରଥମ ଅର୍ଥ ଥିଲା ଅର୍ଥାତ ଯେଉଁ ଧନ ସମ୍ପତି ମତେ ମିଳିଥିଲା ତାହା ମାଧମରେ ମୁଁ ଏକ ଖଜୁରୀ ବଗିଚା ଖରିଦ କରିନେଲି । ଏହା ପ୍ରଥମ ଅର୍ଥ ଥିଲା ଯାହାକି ଇସଲାମ୍ ସ୍ୱୀକାର କରିବା ପରେ ମୁଁ ଅର୍ଜନ କରିଥିଲି । *(ସହି*

*ବୁଖାରୀ, କିତାବୁଲ୍ ମାଗଜି..... ହଦିସ୍ ନଂ-୪୩୨୨)*

ହଜରତ ମୁସଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି; ହୁନେନ୍ ଯୁଦ୍ଧରେ ଏପରି ଏକ ମୁହୂର୍ତ୍ତର ମୁସଲମାନମାନେ ସମ୍ମୁଖୀନ ହୋଇଥିଲେ ଯେତେବେଳେ ହଜୁର ସ:ଆ:ସଙ୍କ ଆଖପାଖରେ ମାତ୍ର କିଛି ହାତ ଗଣତି ସାହାବା ବାକି ରହି ଯାଇଥିଲେ । ଇସ୍‌ଲାମୀୟ ସେନା ଦଶ ହଜାର ସଂଖ୍ୟାରେ ଥିଲା । ତାହା ଛତ୍ରଭଙ୍ଗ ଦେବାକୁ ଲାଗିଲା । କୁଫାର ଅର୍ଥାତ ଅମାନ୍ୟକାରୀମାନଙ୍କର ସେନା ତିନିହଜାର ନିପୁଣ ତୀରଚାଳକ ଦ୍ୱାରା ପରିବେଷ୍ଟିତ ଥିଲା । ସେ ଆଁ ହଜରତ ସ:ଆ:ସଙ୍କ ଡ଼ାହାଣ ଓ ବାମପାର୍ଶ୍ୱରେ ପାହାଡ଼ ଉପରେ ଚଢ଼ି ଆଁ ହଜରତ ସ:ଆ:ସଙ୍କ ଉପରେ ତୀର ବର୍ଷା କରି ଚାଲୁଲେ । ଏପରି ପରିସ୍ଥିତି ସୃଷ୍ଟି ହୋଇଯିବା ସ୍ଥଳେ ମଧ୍ୟ ମହାଭାଗ ସ:ଆ:ସ ପଛଘୁଂଚା ଦେବାକୁ ଚାହୁଁନଥିଲେ ବରଂ ଆଗକୁ ଯିବାକୁ ଚାହୁଁଥିଲେ କିନ୍ତୁ ସେତେବେଳେ ହଜରତ ଅବୁ ବକର ର:ଅ ବିଚଳିତ ହୋଇ ଆପଣ ସ:ଆ:ସଙ୍କ ବାହାନର ଲଗାମ ଧରି କହିଲେ; ହେ ଅଲ୍ଲାଃଙ୍କ ରସୁଲ ସ:ଆ:ସ ! ଏହା ଆଗକୁ ଅଗ୍ରସର ହେବାର ସମୟ ନୁହେଁ । କିନ୍ତୁ ଆପଣ ସ:ଆ:ସ ଅତି ଦାମ୍ଭିକତାର ସହିତ କହିଲେ; ମୋ ବାହାନର ଲଗାମ ଛାଡିଦିଅ ଏବଂ ଆପଣ ସ:ଆ:ସ ନିଜ ବାହାନକୁ ଗୋଇଁଠି ମାରି ଆଗକୁ ଅଗ୍ରସର ହେଲେ ଏବଂ ଆପଣ ସ:ଆ:ସ ଏବେ କହି ଚାଲିଥିଲେ **ଅନନ୍ ନବିୟୁ ଲା କଜିବ୍ ଅନା ଇବ୍‌ନୁ ଅବ୍‌ଦିଲ୍ ମୁତ୍‌ତଲିବ୍** ଅର୍ଥାତ ମୁଁ ହେଉଛି ପ୍ରତିଶୃତି ଦିଆଯାଇଥିବା ନବୀ (ଅବତାର) ଯାହାଙ୍କ ନିମନ୍ତେ ସର୍ବଦା ସୁରକ୍ଷା ପ୍ରଦାନ କରାଯିବାର ଅଙ୍ଗୀକାର ରହିଛି ଅର୍ଥାତ ଅଲ୍ଲାଃ ତାଲା ବଚନ ଦେଇଛନ୍ତି, ମୁଁ ମିଥ୍ୟାବାଦୀ ନୁହେଁ । ତେଣୁ ତୁମେ ତିନି ହଜାର ତୀର ନିକ୍ଷେପକାରୀ ହୋଇଥାଅ ଅବା ୩୦ହଜାର, ମୁଁ ତୁମର ତିଳେ ମାତ୍ର ଖାତିର କରିବି ନାହିଁ ।

ହେ ଅମାନ୍ୟକାରୀମାନେ ! ମୋର ଏହି ସାହାସ ଦେଖି ମତେ ପରମେଶ୍ୱର ମଣ ନାହିଁ । କାରଣ ମୁଁ ହେଉଛି ଜଣେ ମଣିଷ ଏବଂ ତୁମ ସର୍‌ଦାର୍ ଅବଦୁଲ୍ ମୁତଲିବ୍‌ଙ୍କ ନାତୀ ମୁହମ୍ମଦ ପୁତ୍ର ଅର୍ଥାତ ନାତି ।

ଆଁ ହଜରତ ସ:ଆ:ସଙ୍କ ଚାଚା ହଜରତ ଅବାସ୍ ର:ଅଙ୍କ ସ୍ୱର ବହୁତ ଉଚ୍ଚ ଥିଲା । ମହାଭାଗ ସ:ଆ:ସ ତାଙ୍କ ଆଡ଼କୁ ଚାହିଁ କହିଲେ ଅବାସ୍ ! ଆଗକୁ ଆସ ଓ ଉଚ୍ଚ ସ୍ୱରରେ ପାଟି କରି ଏପରି କୁହ । ସୁତରାଂ ହଜୁର ସ:ଆ:ସଙ୍କ ଅନୁମତିକ୍ରମେ ହଜରତ ଅବ୍‌ବାସ୍ ର:ଅ ମୁସଲମାନମାନଙ୍କୁ ଉଚ୍ଚ ସ୍ୱରରେ ଡ଼ାକରା ଦେଲେ ହେ ସୁରାଃ ବକରାର ସାହାବାଗଣ ! ଅର୍ଥାତ ଯେଉଁମାନେ ସୁରଃ ବକ୍‌ରାଃକୁ ମୁଖସ୍ଥ କରି ରଖିଥିଲେ । ହେ ହୁଦେବିୟା ଅବସରରେ ବୃକ୍ଷ ତଳେ ବୟତ କରିଥିବା ସାହାବାଗଣ ! ଅଲ୍ଲାଃଙ୍କ ରସୁଲ ସ:ଆ:ସ ତୁମମାନଙ୍କୁ ଡ଼ାକରା ଦେଉଛନ୍ତି ।

ଜଣେ ସାହାବା କୁହନ୍ତି; ନବାଗତ ମୁସଲମାନମାନେ କାପୁରୁଷତା ପ୍ରଦର୍ଶନ କରିବାରୁ ଆମ ବାହାନଗୁଡ଼ିକ ହୁରୁଡ଼ି ଦୌଡ଼ି ପଳାଉ ଥିଲେ । କିନ୍ତୁ ଯେମିତି ହଜରତ ଅବ୍‌ବାସ୍ ର:ଅଙ୍କର ଏହି ଡ଼ାକ ଆମ କର୍ଣ୍ଣରେ ପଡ଼ିଲା ମୋତେ ଏପରି ଅନୁଭବ ହେଲା ଯେମିତି ମୁଁ ଜୀବିତ ନୁହେଁ ବରଂ ମୃତ ଏବଂ ଇସରାଫିଲ୍‌ଙ୍କ ବିଗୁଲ୍ ନାଦ ବାୟୁମଣ୍ଡଳରେ ଗୁଞ୍ଜରିତ ହେଉଛି । ମୁଁ ନିଜ ବାହାନକୁ ପଛକୁ ମୋଡ଼ିବାକୁ ଚେଷ୍ଟା କଲି । କିନ୍ତୁ ଯେହେତୁ ସେ ହୁରୁଡ଼ି ଯାଇଥିଲା ତେଣୁ ପଛକୁ ବୁଲିଲା ନାହିଁ । ବସ୍ତୁତଃ ମୁଁ ଓ ମୋର ଅନେକ ସାଥି ଓଟଗୁଡ଼ିକ ଉପରୁ ଡ଼େଇଁ ପଡ଼ିଲୁ । ଅନେକ ତ' ନିଜ ଓଟମାନଙ୍କ ମୁଣ୍ଡ କାଟି ଦେଲେ ଏବଂ ହଜୁର ସ:ଆ:ସଙ୍କ ଆଡ଼କୁ ଦୌଡ଼ି ଚାଲି ଆସିଲେ । କିଛି କ୍ଷଣ ମଧ୍ୟରେ ହିଁ ଦଶ ହଜାରର ସୈନ୍ୟଦଳ ଯିଏ ମକ୍କା ଆଡ଼କୁ ଅଗ୍ରସର ହେଉଥିଲେ ସେମାନେ ସମସ୍ତେ ଆପଣ ସ:ଆ:ସଙ୍କ ଚତୁଃପାର୍ଶ୍ୱରେ ରୁଣ୍ଡ ହୋଇଗଲେ ଏବଂ କିଛି କ୍ଷଣରେ ହିଁ ସେମାନେ ପର୍ବତ ଉପରେ ଚଢ଼ି ଶତ୍ରୁକୁ ତଳିତଳାନ୍ତ କରିଦେଲେ ଫଳତଃ ସେହି ପରାଜୟ ଏକ ବିରାଟ ଓ ଭବ୍ୟ ବିଜୟରେ ବଦଳିଗଲା । *(ତଫ୍‌ସିର୍ କବୀର୍, ଖଣ୍ଡ-୬, ପୃ-୪୦୯-୪୧୦)*

ତାଇଫ୍ ଯୁଦ୍ଧ ପ୍ରସଙ୍ଗରେ ବି ଉଲ୍ଲେଖ ରହିଛି । ତାଏଫ୍ ଅଂଚଳ ମକ୍କାର ପଶ୍ଚିମ ଦିଗରେ ଊଣା ଅଧିକେ ନବେ କିଲୋମିଟର ଦୂରତାରେ ଅବସ୍ଥିତ ଥିଲା । ଏହା ଏକ ପ୍ରଶିଦ୍ଧ ସହର ଥିଲା ଏବଂ ତାହା ଥିଲା ହିଜାଜ୍‌ର ଗୋଟିଏ ପାହାଡ଼ିଆ ସହର । ସେଠାରେ ଅଙ୍ଗୁର ଓ ଅନ୍ୟାନ୍ୟ ଫଳଜାତୀୟ ଦ୍ରବ୍ୟ ବେଶ୍ ଅଧିକ ମାତ୍ରାରେ ଉତ୍ପାଦନ ହୋଇଥାଏ । ସେଠାରେ ବନୁ ସକିଫ୍ କବିଲା ବସବାସ କରୁଥିଲା । *(ଫରହଙ୍ଗ ସିରତ୍, ପୃ-୧୭୮, ଜୱ୍ୱାର ଏକାଡ଼େମି କରାଚି ୨୦୦୩)*

ତାଏଫ୍ ଯୁଦ୍ଧ ସମ୍ବନ୍ଧରେ ଆସିଛି ଯେ ହୱ୍ୱାଜିନ୍ ତଥା ସକିଫ୍ କବିଲାର ଅଧିକାଂଶ ଲୋକେ ପରାଜୟ ବରଣ କରି ନିଜ ସରଦାର ମାଲିକ୍ ବିନ୍ ଅଓଫ୍ ନଶ୍‌ରି ସହିତ ପଳାୟନ କରି ତାଏଫ୍‌ରେ ପହଂଚିଥିଲେ ଏବଂ ସେମାନେ ସେଠାରେ ଦୁର୍ଗ ଭିତରେ ନିଜକୁ ଅବରୋଧ କରିନେଇଥିଲେ । ସୁତରାଂ ହୁନେନରୁ ପ୍ରତ୍ୟାବର୍ତନ କରି ହଜୁର ସ:ଆ:ସ ସୱ୍ୱାଲ୍ ମାସ ୮ ହିଜ୍ରୀରେ ତାଇଫ୍ ଆଡ଼କୁ ଅଗ୍ରସର ହେବା ସମୟରେ ଜେରାନା ନାମକ ସ୍ଥାନରେ ମାଲେ ଗନିମତ୍ (ଅର୍ଥାତ ଯୁଦ୍ଧରେ ଜିଣି ଆଣିଥିବା ଜିନିଷ ପତ୍ର) କୁ ଏକାଠି କରି ବଂଟନ କଲେ । ପୁଣି ସେହି ଶୱ୍ୱାଲ୍ ମାସ ଆଠ ହିଜ୍‌ରୀରେ ତାଏଫ୍ ଆଡ଼କୁ ଅଗ୍ରସର ହେଲେ । *(ଅର୍ ରହିକୁଲ୍ ମଖ୍‌ତୁମ୍, ପୃ-୫୬୭...... ଲାହୋର୍)*

ଜୋରାନା, ମକ୍କା ଓ ତାଇଫ୍ ମାର୍ଗରେ ମକ୍କା ନିକଟସ୍ଥ ଏକ କୂଅର ନାମ ଥିଲା । ମକ୍କାଠାରୁ ତାହାର ଦୂରତା ୨୭ କିଲୋମିଟର ଥିଲା । କେତେକଙ୍କ କହିବା ଅନୁଯାୟୀ ହଜୁର ସ:ଆ:ସ ତାଇଫ୍‌ର ଘେରାଉ ଦଶ ରୁ ଉର୍ଦ୍ଧ୍ୱ ରାତ୍ର ପର୍ଯ୍ୟନ୍ତ କରିଥିଲେ । *(ଫରହଙ୍ଗ ସିରତ୍, ପୃ-୮୮, ଜୱ୍ୱାର ଏକାଡ଼େମି କରାଚି ୨୦୦୩)*

ଆଁ ହଜରତ ସ:ଆ:ସ ତାଏଫ୍‌କୁ କେତେ ଦିନ ଘେରାଉ କରି ରଖିଥିଲେ । ଏ ପ୍ରସଙ୍ଗରେ ଅନେକ ରିୱ୍ୱାୟତ୍ ମିଳୁଅଛି । ଆଉ କେତେକଙ୍କ କହିବା ଅନୁଯାୟୀ ୨୦ ରୁ ଉର୍ଦ୍ଧ୍ୱ ରାତ୍ର ପର୍ଯ୍ୟନ୍ତ କରିଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ପାଖାପାଖି ୩୦ ଦିନ ପର୍ଯ୍ୟନ୍ତ ଘେରାଉ କରିଥିଲେ । *(ସୁବୁଲୁଲ୍ ହୁଦା, ଖଣ୍ଡ-୫, ପୃ-୩୮୮..... ବେରୁତ ୧୯୯୩)*

ଇବ୍‌ନେ ହିସାମ୍ କୁହନ୍ତି: ଏହା ମଧ୍ୟ କୁହାଯାଏ ଯେ, ୧୭ ରାତି ପର୍ଯ୍ୟନ୍ତ ଆପଣ ସ:ଆ:ସ ଉକ୍ତ ଦୁର୍ଗର ଘେରାଉ କରି ରଖିଥିଲେ । *(ସିରତୁନ୍ ନବୱ୍ୱିୟା ଲି ଇବ୍‌ନେ ହୁଶାମ୍, ପୃ-୭୯୨..... ବେରୁତ ୨୦୦୧)* ସହି ମୁସ୍‌ଲିମ୍‌ରେ ହଜରତ ଅନସ୍ ର:ଅ କୁହନ୍ତି: ଆମେ ୪୦ ରାତ୍ରୀ ପର୍ଯ୍ୟନ୍ତ ସେହି ଦୁର୍ଗର ଘେରାଉ କରି ରଖିଥିଲୁଁ । *(ସହି ମୁସ୍‌ଲିମ କିତାବୁଲ୍ ଜକାତ୍...... ହଦିସ୍ ନଂ-୨୪୪୨)*

ଯେବେ ରସୁଲୁଲ୍ଲାଃ ସ:ଆ:ସ ତାଏଫ୍‌ଠାରେ ସକିଫ୍ କବିଲାର ଲୋକମାନଙ୍କୁ ଘେରାଉ କରି ରଖିଥିଲେ । ସେହି ଦିନମାନଙ୍କରେ ହଜୁର ସ:ଆ:ସ ଏକଦା ସ୍ୱପ୍ନ ଦେଖିଲେ ଯେ ଆପଣ ସ:ଆ:ସଙ୍କୁ ଲହୁଣୀରେ ପରିପୂର୍ଣ୍ଣ ଏକ ପାତ୍ର ପ୍ରଦାନ କରାଯାଇଅଛି କିନ୍ତୁ ଗୋଟିଏ ଗଞ୍ଜା ତାକୁ ଖୁମ୍ପି ଦେବା ଯୋଗୁଁ ସେହି ପାତ୍ରରେ ଯାହା କିଛି ଥିଲା ସବୁତକ ବହିଗଲା । ହଜରତ ଅବୁ ବକର ର:ଅ ତାହାର ଯେଉଁ ତାତ୍ପର୍ଯ୍ୟ ବର୍ଣ୍ଣନା କଲେ ତାହା ହେଉଛି ଏପରି ହଜୁର ସ:ଆ:ସ ଆଜି ଯେଉଁ ବିଷୟ ଉଦ୍ଦେଶ୍ୟ ରଖିଛନ୍ତି ତାହା ହାସଲ ହେବ ବୋଲି ଭାବୁନାହିଁ । ଏଥିରେ ରସୁଲେ୍ କରିମ୍ ସ:ଆ:ସ କହିଲେ ମୁଁ ମଧ୍ୟ ଏପରି ହେବାର କିଛି ଦେଖୁନାହିଁ । ଅତଏବ କିଛି କ୍ଷଣରେ ହଜରତ ଉମର ର:ଅ କହିଲେ କଣ ମୁଁ ଲୋକମାନଙ୍କୁ ଏଠାରୁ ପ୍ରସ୍ଥାନ କରିବାକୁ ଆଦେଶ ଦେବି ? ହଜୁର ସ:ଆ:ସ କହିଲେ ହଁ କାହିଁକି ନୁହେଁ । ଅତଏବ ହଜରତ ଉମର ର:ଅ ମୁସଲମାନ ସେନାକୁ ଆଗକୁ ଅଗ୍ରସର ହେବାପାଇଁ ଆଦେଶ ପ୍ରଦାନ କରିଦେଲେ । *(ସିରତୁନ୍ ନବୱ୍ୱିୟା..... ପୃ-୭୯୩)* (ହଜରତ ଅବୁବକର ସିଦ୍ଦିକ୍ ର:ଅ ତାହାର ତାତ୍ପର୍ଯ୍ୟ ଯାହା ବର୍ଣ୍ଣନା କରିଥିଲେ ହଜୁର ସ:ଆ:ସ ମଧ୍ୟ ତାହାହିଁ କଳନା କରିଥିଲେ) ।

ତବୁକ୍ ଯୁଦ୍ଧ ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ ତାହା ୯ ହିଜ୍ରୀରେ ହୋଇଥିଲା । ତବୁକ ମଦିନାଠାରୁ ସିରିୟାର ମଧ୍ୟବର୍ତୀ ମରୁ ଅଂଚଳ ଯାହାକି ବ୍ୟବସାୟୀ ଦଳମାନଙ୍କର ସାଧାରଣ ମାର୍ଗ ଥିଲା ତାହା ପୁରା ଉପତ୍ୟାକା ଓ ସିରିୟା ମଧ୍ୟବର୍ତୀ ଏକ ସହର । ତାହାକୁ ଅସ୍‌ହାବୁଲ୍ ଅଇକା ସହର ମଧ୍ୟ କୁହାଯାଏ । ସେହି ଅଂଚଳବାସୀଙ୍କ ନିକଟକୁ ହଜରତ ଶୋଏବ୍ ଆ:ସ ସେମାନଙ୍କ ମାର୍ଗଦର୍ଶନ ନିମନ୍ତେ ଆସିଥିଲେ । ସେମାନଙ୍କୁ ସତ୍‌ପଥ ଦେଖାଇବା ପାଇଁ । *(ମୁଅଜମୁଲ୍ ବୁଲ୍‌ଦାନ, ଖଣ୍ଡ-୨, ପୃ-୧୪ ଦାରେ ସାଦିର୍ ବେରୁତ ୧୯୭୭)*

ତବୁକ୍ ଯୁଦ୍ଧରେ ମଧ୍ୟ ହଜରତ ଅବୁବକର ସିଦ୍ଦିକ୍ ର:ଅ ହଜୁର ସ:ଆ:ସଙ୍କ ସାଥିରେ ସାମିଲ ଥିଲେ । ହଜୁର ସ:ଆ:ସ ଏହି ଯୁଦ୍ଧରେ ହଜରତ ଅବୁ ବକର ର:ଅଙ୍କୁ ଏକ ବିରାଟକାୟ ଧ୍ୱଜା ପ୍ରଦାନ କରିଥିଲେ । *(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୩୧........... ବେରୁତ ୨୦୧୭)*

ସେହି ଅବସରରେ ହଜୁର ସ:ଆ:ସ ଧର୍ମ ମାର୍ଗରେ ଅର୍ଥ ବ୍ୟୟ କରିବାପାଇଁ ମୁସଲମାନମାନଙ୍କୁ ଆହ୍ୱାନ ଦେଇଥିଲେ । ଏହା ଅର୍ଥାତ ତବୁକ୍ ଯୁଦ୍ଧ ହଜୁର ସ:ଆ:ସଙ୍କ ଶେଷ ଯୁଦ୍ଧ ଥିଲା ଯେଉଁଥିରେ କି ଆପଣ ସାମିଲ ହୋଇଥିଲେ । ଇତ୍ୟାବସରେ ଯେଉଁ ବ୍ୟକ୍ତି ଆପଣ ସ:ଆ:ସଙ୍କ ନିକଟକୁ ସର୍ବପ୍ରଥମେ ଧନ ଆଣି ଅର୍ପଣ କଲେ ସେ ହେଉଛନ୍ତି ହଜରତ ଅବୁବକର ସିଦ୍ଦିକ୍ ର:ଅ ସେ ନିଜର ସମସ୍ତ ଧନ ସମ୍ପତି ଓ ଆସବାବ ଆଣି ହଜୁର ସ:ଆ:ସଙ୍କ ପାଦତଳେ ଓଜାଡ଼ି ଦେଇଥିଲେ ଯାହାର ହାରାହାରି ମୂଲ୍ୟ ଚାରି ହଜାର ଦିର୍‌ହମ୍ ଥିଲା । *(ଶରହ୍ ଅଲ୍ଲାମା ଜର୍‌କାନୀ, ଖଣ୍ଡ-୪, ପୃ-୬୯....... ବେରୁତ)* ଏଥିରେ ଅଲ୍ଲାଃଙ୍କ ରସୁଲ ସ:ଆ:ସ ତାଙ୍କୁ ପଚାରିଲେ ନିଜ ପରିବାରବର୍ଗଙ୍କ ପାଇଁ କ'ଣ ଛାଡ଼ି ଆସିଛନ୍ତି ? ପ୍ରତ୍ୟୁତରରେ ହଜରତ ଅବୁବକର୍‌ର:ଅ ଉତର ଦେଲେ, ପରିବାରବର୍ଗଙ୍କ ପାଇଁ ଅଲ୍ଲାଃ ଓ ତାଙ୍କ ରସୁଲ ସ:ଆ:ସଙ୍କୁ ଛାଡ଼ି ଆସିଛି । ହଜରତ ଉମର୍ ଇବ୍‌ନେ ଖତାବ୍ ର:ଅ ନିଜ ଘରୁ ଅର୍ଦ୍ଧେକ ସମ୍ପତି ଘେନି ଆଣିଥିଲେ ହଜୁର ସ:ଆ:ସଙ୍କ ଆହ୍ୱାନରେ । ହଜୁର ସ:ଆ:ସ ହଜରତ ଉମର ର:ଅଙ୍କୁ ପଚାରିଲେ ହେ ଉମର୍ ! ତୁମେ ନିଜ ଘର ଲୋକମାନଙ୍କ ପାଇଁ କଣ ଛାଡ଼ି ଆସିଛ ? ସେ ଉତର ଦେଲେ ବାକି ଅର୍ଦ୍ଧେକ ଧନସମ୍ପତି ସେମାନଙ୍କ ପାଇଁ ଛାଡ଼ି ଆସିଛି । ଏହି ଅବସରରେ ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଏକଶହ ଉକିୟା ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥାପନ କଲେ ଏହାର ଆନୁମାନିକ ମୂଲ୍ୟ ହାରାହାରି ଚାରି ହଜାର ଦିର୍‌ହମ୍ ଥିଲା । ପୁନଶ୍ଚ ହଜୁର ସ:ଆ:ସ କହିଲେ, ହଜରତ ଉସ୍‌ମାନ୍ ବିନ୍ ଅଫ୍‌ଫାନ୍ ଓ ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଏହି ଦୁଇଜଣ ହେଉଛନ୍ତି ଭୂପୃଷ୍ଠରେ ଅଲ୍ଲାଃଙ୍କ ରାଜାକୋଷ ମଧ୍ୟରୁ ଅନ୍ୟତମ । ଯେଉଁମାନେ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଓ ପ୍ରିତିଭାଜନ ପ୍ରାପ୍ତି କରିବା ପାଇଁ ନିଜର ଧନକୁ ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କରିଦେଇଛନ୍ତି ସୁତରାଂ ସେମାନେ ବିପୁଳ ଧନ ପ୍ରଦାନ କଲେ । ଇତ୍ୟାବସରେ ମହିଳାମାନେ ମଧ୍ୟ ନିଜର ଅଳଙ୍କାର ତଥା ଆଭୁଷଣଗୁଡ଼ିକ ଆଣି ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥାପନ କରିଦେଲେ । ହଜରତ ଆସିମ୍ ବିନ୍ ଆଦି ୭୦ ୱ୍ୱସକ୍ ଖଜୁରୀ ଉପସ୍ଥାପନ କରିଥିଲେ ଯାହାର ହାରାହାରି ଓଜନ ୨୬୨ ମହଣ ଥିଲା *(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃ-୧୮୩-୧୮୪...... ବେରୁତ ୨୦୦୨) (ଲୁଗାତୁଲ୍ ହଦିସ୍ ଖଣ୍ଡ-୧, ପୃ-୮୨ "ଉକିୟା") (ଲୁଗାତୁଲ୍ ହଦିସ୍ ଖଣ୍ଡ-୪, ପୃ-୪୮୭"ୱ୍ୱସକି")* । ଓଜନ ହିସାବରେ ଏହାର ଓଜନ ୪୦ ହଜାର କିଲୋଗ୍ରାମ ଗଣନା କରାଯାଏ ଅର୍ଥାତ ୧୫୦୦ ଟନ ଓଜନର ଥିଲା ।

ଜୈଦ୍ ବିନ୍ ଅସଲମ୍ ନିଜ ପିତାଙ୍କ ମାଧ୍ୟମରେ ବର୍ଣ୍ଣନା କରିଛନ୍ତି; ଯେ ସେ ହଜରତ ଉମର ର:ଅଙ୍କୁ ଏକଥା କହୁଥିବାର ଶୁଣିଛନ୍ତି ଯେ ରସୁଲେ୍ କରିମ୍ ସ:ଆ:ସ ଆମକୁ କହିଲେ ତୁମେମାନେ ଦାନଧର୍ମ କର । ସେତେବେଳେ ମୋ ନିକଟରେ ବହୁତ ଧନ ତେଣୁ ମୁଁ ମନେ ମନେ ଏହା ଭାବିଲି, ମୁଁ ନିଜ ମନରେ ଏହା ମନସ୍ଥ କଲି ଯେ, ମୁଁ ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କଠାରୁ ଆଜି ଆଗକୁ ବଢ଼ିଯିବି । କାରଣ ଯଦି ମତେ ତାଙ୍କଠାରୁ ଆଗେଇ ଯିବାର କୌଣସି ଅବସର ଅଛି ତା'ହେଲେ ସେହି ସୁଯୋଗଟି ହେଉଛି ଆଜିର ଦିନ । ହଜରତ ଉମର ର:ଅ କହିଲେ ମୁଁ ନିଜର ଅର୍ଦ୍ଧେକ ଧନ ଆଣି ହଜୁର ସ:ଆ:ସଙ୍କ ସମ୍ମୁଖରେ ରଖିଦେଲି । ହଜୁର ସ:ଆ:ସ ମତେ ପଚାରିଲେ ଘର ଲୋକଙ୍କ ପାଇଁ କଣ ଛାଡ଼ି ଆସିଛ ? ମୁଁ ଉତର ଦେଲି ହେ ଅଲ୍ଲାଃଙ୍କ ବାର୍ତାବହ ! ମୁଁ ଯେତିକି ପରିମାଣର ଧନ ଆଣିଛି ସେତିକି ସମାନ ପରିମାଣର ଧନ ପରିବାର ବର୍ଗଙ୍କ ପାଇଁ ମଧ୍ୟ ଛାଡ଼ି ଆସିଛି । ପୁନଶ୍ଚ ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କ ନିକଟରେ ଯାହା ସବୁ ଧନ ରହିଥିଲା ସେ ସମସ୍ତ ଧନ ନେଇ ଆସିଥିଲେ ଏବଂ ହଜୁର ସ:ଆ:ସଙ୍କ ନିକଟରେ ରଖିଦେଇଥିଲେ । ଫଳତଃ ହଜୁର ସ:ଆ:ସ ଏହି ଦୃଶ୍ୟକୁ ଦେଖି ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କୁ କହିଲେ, ତୁମେ ନିଜ ପରିବାରବର୍ଗଙ୍କ ପାଇଁ କଣ ଛାଡ଼ି ଆସିଛ ? ସେ ଉତର ଦେଲେ ମୁଁ ନିଜ ପରିବାର ବର୍ଗଙ୍କ ପାଇଁ

ଅଲ୍ଲାଃ ଓ ତାଙ୍କ ବାର୍ତାବହକଙ୍କ ନାମ ଛାଡ଼ି ଆସିଛି ।

ହଜରତ ଉମର ର:ଅ କୁହନ୍ତି: ଅଲ୍ଲାଃଙ୍କ ରାଣ ! ମୁଁ ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କଠାରୁ କେବେ ବି କୌଣସି ଜିନିଷ ଆଗେଇ ଯାଇ ପାରିବିନାହିଁ । *(ସୁନନେ ତିର୍ମିଜି..... ହଦିସ୍-୩୬୭୫)*

ହଜରତ ମସିହ ମଉଦ ଆ:ସ କୁହନ୍ତି: ଯୁଗ ଥିଲା ଯେତେବେଳେ ଐଶ୍ୱରୀୟ ଧର୍ମ ପାଇଁ ଲୋକମାନେ ନିଜର ଜୀବନକୁ ଛେଳି ମେଣ୍ଢା ପରି ଉତ୍ସର୍ଗ କରିଦେଉଥିଲେ । ଧନ କଥା ପଚାରନ୍ତୁ ନାହିଁ । ହଜରତ ଅବୁବକର ସିଦ୍ଦିକ୍ ର:ଅ ଏକାଧିକ ଥର ନିଜର ଘରବାଡ଼ି, ଧନସମ୍ପତି ସବୁ କିଛି ଏପରି କି ଛୁଂଚିଟିଏ ମଧ୍ୟ ଘରେ ଛାଡ଼ିନଥିଲେ (ସବୁ କିଛି ଅଲ୍ଲାଃଙ୍କ ମାର୍ଗରେ ଅର୍ପଣ କରିଦେଇଥିଲେ) । ସେହିପରି ହଜରତ ଉମର ର:ଅ ମଧ୍ୟ ନିଜର ସାମର୍ଥ୍ୟ ଅନୁଯାୟୀ ଅର୍ଥାତ ଆୟ ଅନୁଯାୟୀ ଏହି ଧର୍ମ ପାଇଁ ବଳିଦାନ କରିଥିଲେ । ହଜରତ ଉସ୍‌ମାନ୍ ର:ଅ ମଧ୍ୟ ନିଜ ସାମର୍ଥ୍ୟ ଅନୁସାରେ ଅଲା ହାଜଲ୍ କୟାସି ଅଲା କଦ୍‌ରି ମରାତିବ୍ ସମସ୍ତ ସାହାବାମାନେ ନିଜ ନିଜର ସାମର୍ଥ୍ୟ ଅନୁଯାୟୀ ଅଲ୍ଲାଃଙ୍କ ମାର୍ଗରେ ନିଜ ଧନସମ୍ପତି ଓ ନିଜ ଜୀବନ ସବୁ କିଛି ଉତ୍ସର୍ଗ କରିଦେଇଥିଲେ । ପୁଣି ହଜରତ ମସିହ ମଉଦ ଆ:ସ ଏହି ଘଟଣା ଚର୍ଚ୍ଚା କରି ବୈଅତକାରୀଙ୍କ ସମ୍ବନ୍ଧରେ କହିଛନ୍ତି; ଏପରି କିଛି ଲୋକ ଅଛନ୍ତି ଯେ ବୈଅତ କରି ଚାଲି ଯାଇଥାନ୍ତି ଏବଂ ସାକ୍ଷ୍ୟ ଦେଇଥାନ୍ତି ଯେ ଆମେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବୁ କିନ୍ତୁ ଯେତେବେଳେ (ଅଲ୍ଲାଃଙ୍କ ମାର୍ଗରେ) ସାହାଯ୍ୟ କରିବାର ସମୟ ଆସେ ସେତେବେଳେ ନିଜ ପକେଟ୍‌କୁ ଜାବୁଡ଼ି ଧରି ବସନ୍ତି । ଭଲା ଏପରି ସଂସାରକୁ ପ୍ରେମ କରି କେହି ଧର୍ମର ଉଦ୍ଦେଶ୍ୟ ଲଭି ପାରିବ ? କ'ଣ ଏପରି ଲୋକମାନଙ୍କ ଅସ୍ତିତ୍ୱ (ଧର୍ମ ସକାଶେ) କିଛି ଫଳପ୍ରଦ ସାବ୍ୟସ୍ତ ହୋଇପାରିବ ? କଦାପି ନୁହେଁ । ଅଲ୍ଲାଃ ତାଲ କୁହନ୍ତ: **ଲନ୍ ତନାଲୁଲ୍ ବିର୍‌ରା ହତ୍‌ତା ତୁନ୍‌ଫିକୁ ମିମ୍ମା ତୁହିବବୁନ୍** ଅର୍ଥାତ ତୁମେ ସେହି ପୂଣ୍ୟକର୍ମଟିକୁ କଦାପି ପ୍ରାପ୍ତ କରିପାରିବ ନାହିଁ ଯେପର୍ଯ୍ୟନ୍ତ ତୁମେମାନେ ନିଜର ପ୍ରୀୟ ଧନକୁ ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କରିନାହଁ । *(ମଲ୍‌ଫୁଜାତ୍, ଖଣ୍ଡ-୬, ପୃ-୪୦ ହାଶିୟା)* (ସେହିପରି ତୁମର ସେହି ପୂଣ୍ୟଟି କଦାପି ପୂଣ୍ୟ ରୂପେ ବିବେଚିତ ବା ପରିଗୃହିତ ହୋଇପାରିବନାହିଁ) ।

ହଜରତ ଅବୁବକର ସିଦ୍ଦିକ୍ ର:ଅ ହଜୁର ସ:ଆ:ସଙ୍କ ସହିତ ମିଶି ଜଣେ ସାହାବିଙ୍କୁ କବର ଦେବା ସମ୍ପର୍କରେ ହଜରତ ଅବଦୁଲ୍ଲାଃ ବିନ୍ ମସଉଦ୍ ର:ଅ ବର୍ଣ୍ଣନା କରନ୍ତି; ତବୁକ୍ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସହିତ ମୁଁ ଥିଲି । ଥରେ ମୁଁ ଅଧାରତିରେ ଉଠି ଦେଖିଲି ଯେ ମୋ ସୈନ୍ୟଦଳର ଏକ ପାର୍ଶ୍ୱର ଅଗ୍ନିର ଆଲୋକ ଶିକ୍ଷା ଜଳୁଅଛି । ସୁତରାଂ ମୁଁ ସେହି ନିଆଁ ଆଡ଼କୁ ଗଲି ଏବଂ ଅବଲୋକନ କଲି ହଜୁର ସ:ଆ:ସ, ହଜରତ ଅବୁବକର ସିଦ୍ଦିକ୍ ର:ଅ ଏବଂ ହଜରତ ଉମର ର:ଅଙ୍କ ସେଠାରେ ଅଛନ୍ତି ଓ ମୁଁ ଦେଖିବାକୁ ପାଇଲି ଯେ ହଜରତ ଅବ୍‌ଦୁଲ୍ଲାଃ ଜୁଲ୍ ଜିବାଦୈନ୍ ର:ଅ ମୁଜନୀଙ୍କର ଦେହାନ୍ତ ହୋଇଯାଇଅଛି ଏବଂ ଏମାନେ ତିନିଜଣ ତାଙ୍କ କବର ଖୋଳି ସାରିଥିଲେ । ରସୁଲେ କରିମ୍ ସ:ଆ:ସ କବର ଭିତରେ ଥିଲେ ଏବଂ ହଜରତ ଅବୁବକର ସିଦ୍ଦିକ୍ ର:ଅ ହଜରତ ଉମର ର:ଅ ତାଙ୍କ ମୃତ ଶରୀରକୁ କବର ମଧ୍ୟକୁ ଓହ୍ଲାଇଲେ । ସେତେବେଳେ ହଜୁର ସ:ଆ:ସ କହୁଥିଲେ ତୁମେ ଦୁହେଁ ନିଜର ଭାଇକୁ ମୋ ନିକଟକୁ ଆଣ ସୁତରାଂ ହଜରତ ଅବୁବକର ସିଦ୍ଦିକ୍ ର:ଅ ହଜରତ ଉମର ର:ଅ ଉକ୍ତ ଶବକୁ ହଜୁର ସ:ଆ:ସଙ୍କ ନିକଟକୁ ଆଣିଲେ ଅତଏବ ଆଁ ହଜରତ ସ:ଆ:ସ ଲାଶ୍‌କୁ କବର ମଧ୍ୟରେ ରଖିଦେଲେ ଏବଂ ହଜୁର ସ:ଆ:ସ ଦୁଆ କଲେ: **ଅଲ୍ଲାଃହୁମ୍ମା ଇନ୍ନି ଅମ୍‌ସଇତୁ ରାଜିୟନ୍ ଅନ୍‌ହୁ ଫଅର୍‌ଜା ଅନ୍‌ହୁ** ଅର୍ଥାତ ହେ ଅଲ୍ଲାଃ ମୁଁ ଏହି ଅବସ୍ଥାରେ ସନ୍ଧ୍ୟା କରୁଛି ଯେ ମୁଁ ଅବ୍‌ଦୁଲ୍ଲାଃ ଜୁଲ୍ ଜିବାଦୈନ୍‌ଙ୍କ ଉପରେ ପ୍ରସନ୍ନ ଥିଲି ତେଣୁ ତୁମେ ମଧ୍ୟ ତାଙ୍କ ଉପରେ ପ୍ରସନ୍ନିତ ହୁଅ ।

ହଜରତ ଅବ୍‌ଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ର:ଅ ବର୍ଣ୍ଣନା କରନ୍ତି: ମୁଁ ସେହି ସମୟରେ ଏହି ଆକାଂକ୍ଷା କଲି ଯେ କାଳେ ଉକ୍ତ ମୃତବ୍ୟକ୍ତି ଜଣକ ମୁଁ ହୋଇଥାନ୍ତି କି, ଯାହାକୁ କବର ଦିଆଯାଉଛି ଓ ସେହି କବରରେ ମୁଁ ତାଙ୍କ ସ୍ଥାନରେ ରହିଥାନ୍ତି କି । *(ସିରତ୍ ଇବନେ ହୁଶାମ୍, ପୃ-୮୨୨..... ବେରୁତ ଲେବ୍‌ନାନ୍ ୨୦୦୧)*

ହଜରତ ଅବଦୁଲ୍ଲାଃ ଜୁଲ୍ ଜିବାଦୈନ୍‌ଙ୍କ ସମ୍ପର୍କ ବନୁ ମୁଜୈନା ସମ୍ପ୍ରଦାୟ ସହିତ ଥିଲା ତାଙ୍କ । ସମ୍ପର୍କରେ ବର୍ଣ୍ଣନା କରାଯାଏ ଯେ ସେ ଏବେ ବାଲ୍ୟବାସ୍ଥାରେ ଥିଲେ ଯେ ତାଙ୍କ ପିତାଙ୍କର ଅକାଳ ବିୟୋଗ ଘଟିଲା । ସେ ନିଜ ପିତାଙ୍କର ସମ୍ପତିରୁ କିଛି ବି ପ୍ରାପ୍ତ କରିନଥିଲେ । ତାଙ୍କ ଚଚା ଜଣେ ଧନୀକ ବ୍ୟକ୍ତି ଥିଲେ । ତାଙ୍କ ଚାଚା ତାଙ୍କର ଲାଳନପାଳନ କଲେ ଏପରି କି ସେ ମଧ୍ୟ ଜଣେ ଧର୍ନାଢ୍ୟ ବ୍ୟକ୍ତି ହୋଇଗଲେ । ସେ ମକ୍କା ବିଜୟ ପରେ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ଫଳତଃ ତାଙ୍କର ଚଚା ଏହି କଥାକୁ କେନ୍ଦ୍ର କରି ତାଙ୍କୁ ସମସ୍ତ ଧନସମ୍ପତିରୁ ବିଚ୍ଛେଦ କଲେ ଓ ତାଙ୍କଠାରୁ ସମସ୍ତ ଧନସମ୍ପତି ଛଡ଼ାଇନେଲେ । ଏପରି କି ତାଙ୍କ ଅଂଟାରେ ବନ୍ଧା ଯାଇଥିବା ଲୁଙ୍ଗି ମଧ୍ୟ ତାଙ୍କଠାରୁ ନେଇ ଯାଇଥିଲେ । ପୁନଶ୍ଚ ତାଙ୍କର ମାତା ଆସିଲେ ଏବଂ ସେ ନିଜର ଚାଦରକୁ ଦୁଇଖଣ୍ଡ କଲେ ଏବଂ ହଜରତ ଅବ୍‌ଦୁଲ୍ଲାଃ ଗୋଟିଏ ଭାଗକୁ ଲୁଙ୍ଗି ରୂପେ ବ୍ୟବହାର କଲେ ଏବଂ ଅନ୍ୟ ଭାଗ ଦ୍ୱାରା ନିଜ ଶରୀରକୁ ଆବୃତ କଲେ । ପୁନଶ୍ଚ ଏହାପରେ ହଜରତ ଅବ୍‌ଦୁଲ୍ଲାଃ ବିନ୍ ଜିବାଦୈନ୍ ର:ଅ ମଦିନା ଆସିଲେ ଏବଂ ମସ୍‌ଜିଦ୍‌ରେ ଶୋଇ ପଡ଼ିଲେ । ସେ ହଜୁର ସ:ଆ:ସଙ୍କ ସହିତ ଫଜର ନମାଜ ପଢ଼ିଲେ । ପୁଣି ସେ କୁହନ୍ତି: ହଜୁର ସ:ଆ:ସ ଫଜର୍ ନମାଜ ପରେ ଲୋକମାନଙ୍କ ଆଡ଼କୁ ଦେଖୁଥିଲେ ଯେ କୌଣସି ନୂଆ ଲୋକ ତ ଆସିନାହାନ୍ତି ? ଅର୍ଥାତ ଲୋକଙ୍କ ଗହଣରେ ନୂତନ ଦୀକ୍ଷିତ ବ୍ୟକ୍ତିଙ୍କୁ ଖୋଜୁଥିଲେ କି ଆଜି କେହି ନୂଆ ଲୋକ ଯିଏ କି ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଛି । ହଜୁର ସ:ଆ:ସ ଯେତେବେଳେ ଅବ୍‌ଦୁଲ୍ଲା ବିନ୍ ଜୁଲ୍ ଜିବାଦୈନ୍ ର:ଅଙ୍କ ଆଡ଼କୁ ଦେଖିଲେ ସେତେବେଳେ ତାଙ୍କୁ ଅପରଚିତ ବ୍ୟକ୍ତି ବୋଲି ଭାବିଲେ ଏବଂ ପଚାରିଲେ ତୁମେ କିଏ ? ସେ ଉତର ଦେଲେ ମୁଁ ଅମୁକ ସମ୍ପ୍ରଦାୟର ଏବଂ ମୋର ନାମ ହେଉଛି ଅବ୍‌ଦୁଲ୍ଲାଃ ବିନ୍ ଜୁଲ୍ ଜିବାଦୈନ୍ । ଆଉ ଗୋଟିଏ ରିୱାୟତ୍‌ରେ ଆସିଛି ଯେ ସେ କହିଲେ ମୋ ନାମ ହେଉଛି ଅବ୍‌ଦୁଲ୍ ଉଜ୍ଜା । ପ୍ରତ୍ୟୁତରରେ ହଜୁର ସ:ଆ:ସ କହିଲେ ତୁମେ ହେଉଛ ଅବ୍‌ଦୁଲ୍ଲାଃ ଜୁଲ୍ ଜିବାଦୈନ୍ । ଅର୍ଥାତ ଦୁଇଟି ଚାଦର ପିନ୍ଧିଥିବା ବ୍ୟକ୍ତି । ପୁନଶ୍ଚ ହଜୁର ସ:ଆ:ସ କହିଲେ ତୁମେ ମୋ ନିକଟରେ ହିଁ ରୁହ । ସୁତରାଂ ସେ ହଜୁର ସ:ଆ:ସଙ୍କ ଅତିଥିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଗଲେ । ହଜୁର ସ:ଆ:ସ ତାଙ୍କୁ ପବିତ୍ର କୁର୍‌ଆନ୍ ଶୁଣାଉଥିଲେ ଏପରି କି ସେ ପବିତ୍ର କୁର୍‌ଆନ୍‌ର ଅନେକ ଭାଗ ମୁଖସ୍ତ କରିନେଲେ । ତାଙ୍କର ସ୍ୱର ଉଚ୍ଚ ଥିଲା । *(ସୁବୁଲୁଲ୍ ହୁଦା, ଖଣ୍ଡ-୫, ପୃ-୪୫୯-୪୬୦..... ବେରୁତ ୧୯୯୩) (ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୨୨୯......)*

ଏକଦା ହଜ୍ ଅବସରରେ ହଜରତ ଅବୁ ବକର ର:ଅଙ୍କୁ ଅମୀର ଭାବରେ ନିୟୋଜିତ କରାଯିବାର ଉଲ୍ଲେଖ ରହିଛି ଯେ ହଜୁର ସ:ଆ:ସ ୯ ହିଜ୍‌ରୀରେ ହଜରତ ଅବୁ ବକର ର:ଅଙ୍କୁ ହଜ୍‌ର ଅମୀର ରୂପେ ନିୟୋଜିତ କରି ମକ୍କା ପ୍ରେରଣ କରିଥିଲେ । ତତ୍ ସମ୍ପର୍କରେ ବିସ୍ତୃତ ବିବରଣୀ ବର୍ଣ୍ଣନା ହୋଇଛି । ହଜୁର ସ:ଆ:ସ ଯେତେବେଳେ ତବୁକ୍ ଯୁଦ୍ଧରୁ ପ୍ରତ୍ୟାବର୍ତନ କଲେ ସେତେବେଳେ ହଜ୍ କରିବାର ଇଚ୍ଛା ପ୍ରକାଶ କଲେ । ହଜୁର ସ:ଆ:ସଙ୍କ ନିକଟରେ ଏ କଥା କୁହାଗଲା ଯେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଅବିଶ୍ୱାସକାରୀମାନେ ଅନ୍ୟମାନଙ୍କ ସହିତ ମିଶି ହଜ୍ କରୁଛନ୍ତି । ସେଠାରେ ଅବିଶ୍ୱାସକାରୀମାନେ ଥିବେ ଓ ସେମାନେ ଈଶ୍ୱରଙ୍କ ସହିତ ସମକକ୍ଷ ମୂଳକ ଶବ୍ଦ ଉଚ୍ଚାରଣ କରିବେ ଏବଂ ନଗ୍ନ ଅବସ୍ଥାରେ ଖାନାକାବାର ପରିକ୍ରମା କରିବେ । ଅତଏବ ଏକଥା ଶୁଣି ହଜୁର ସ:ଆ:ସ ହଜ୍ କରିବାର ଇଚ୍ଛାକୁ ପରିତ୍ୟାଗ କରିଦେଲେ ଏବଂ ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କୁ ଅମୀର ରୂପେ ନିଯୁକ୍ତ କରି ମକ୍କା ପ୍ରେରଣ କରିଦେଇଥିଲେ । *(ରୌଉଜୁଲ୍ ଅନଫ୍........ ଖଣ୍ଡ-୪, ପୃ-୩୧୮-୩୧୯...... ବେରୁତ) (ଉମ୍‌ଦତୁଲ୍ କାରୀ, କିତାବୁଲ୍ ହଜ୍........ ଖଣ୍ଡ-୯, ପୃ-୩୮୪.....୨୦୦୩)*

ଏପରି ହଜରତ ଅବୁବକର ସିଦ୍ଦିକ୍ ର:ଅ ୩୦୦ ସାହାବାଙ୍କ ସହିତ ମକ୍କା ଆଡ଼କୁ ବା ମକ୍କା ଅଭିମୁଖେ ଯାତ୍ରା କରିଥିଲେ ହଜ୍ କରିବା ପାଇଁ । ଆଁ ହଜରତ ସ:ଆ:ସ ସେମାନଙ୍କ ସହିତ ୨୦ଟି ପଶୁ କୁର୍ବାନୀ (ବଳିଦାନ) କରିବା ନିମନ୍ତେ ନିଜ ହାତରେ ସେହି ପଶୁମାନଙ୍କ ଉପରେ ଚିହ୍ନ ଲଗାଇ ସେମାନଙ୍କ ଗଳାରେ ମାଳ ପିନ୍ଧାଇ ଛାଡ଼ିଥିଲେ । (ଅର୍ଥାତ ସେହି ପଶୁମାନଙ୍କ ବେକରେ ହଜୁର ସ:ଆ:ସ ସ୍ୱହସ୍ତରୁ ସଙ୍କେତ ସ୍ୱରୁପ କୁର୍ବାନୀ ଗାନିଆ ଅର୍ଥାତ ବେକରେ ଏକ ପ୍ରକାର ନାଲି ରଙ୍ଗର ପଟା ପିନ୍ଧାଇ ଛାଡ଼ିଥିଲେ) । ହଜରତ ଅବୁବକର ସିଦ୍ଦିକ୍ ର:ଅ ସ୍ୱୟମ ନିଜ ସାଥିରେ ୫ଟି ପଶୁ କୁର୍ବାନୀ କରିବା ଉଦ୍ଦେଶ୍ୟରେ ନେଇ ଯାଇଥିଲେ । *(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃ-୨୯୫...... ବେରୁତ ଲେବ୍‌ନାନ୍)*

ବର୍ଣ୍ଣନାରେ ଉଲ୍ଲେଖ ରହିଛି ହଜରତ ଅଲୀ ର:ଅ ସୁରାଃ ତୌବାର ପ୍ରାରମ୍ଭିକ ଆୟତ ହଜ୍ ଅବସରରେ ଘୋଷଣା କଲେ ଏହି ରିୱାୟତ୍ ଟି ଏପରି ରହିଛି ଯେ ଅବୁ ଜାଫର୍ ମୁହମ୍ମଦ୍ ଅଲୀଙ୍କଠାରୁ ବର୍ଣ୍ଣିତ ଅଛି ଯେ ଯେବେ ସୁରଃ ବରାଅତ୍ (ସୁରଃ ତୌବାଃ) ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ ହେଲା । ସେତେବେଳେ ଆଁ ହଜରତ ସ:ଆ:ସ ହଜରତ ଅବୁ ବକର୍ ର:ଅଙ୍କୁ ଅମୀର ଭାବରେ ମୃତୟନ କରି ପଠାଇ ସାରିଥିଲେ । ଆପଣ ସ:ଆ:ସଙ୍କ ଗୋଚରେ ନିବେଦନ କରାଗଲା ଯେ ହେ ଅଲ୍ଲାଃଙ୍କ ରସୁଲ୍ ! ଯଦି ଆପଣ ଏହି ସୁରଃକୁ ହଜରତ ଅବୁ ବକର ର:ଅଙ୍କ ନିକଟକୁ ପ୍ରେରଣ କରିଦେବେ, ତା'ହେଲେ ସେ ସେଠାରେ ପଢ଼ି ଶୁଣାଇଦେବେ । ସୁତରାଂ ସେ ସୁରେଃ ତୌବାର ସେହି ପଂକ୍ତିମାନଙ୍କୁ ସେଠାରେ ପଢ଼ାଇ ହଜ୍ କାରୀଙ୍କୁ ଶୁଣାଇଥିଲେ ।

ଅବୁ ଜାଫର୍ ମୁହମ୍ମଦ ବିନ୍ ଅଲୀ ର:ଅ ବର୍ଣ୍ଣନା କରନ୍ତି: ଯେତେବେଳେ ହଜୁର ସ:ଆ:ସଙ୍କ ଉପରେ ସୁରାଃ ବରାଃ ଓ ସୁରେଃ ତୌବା ଅବତୀର୍ଣ୍ଣ ହେଲା ସେତେବେଳେ ହଜୁର ସ:ଆ:ସ ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କ ନିକଟକୁ ଏହି ସୁରଃ ଦ୍ୱୟ ପ୍ରେରଣ କଲେ କାରଣ ସେ ଉକ୍ତ ସୁରାଃ ଦ୍ୱୟକୁ ଯେପରି ସେଠାରେ ପାଠ କରି ଲୋକମାନଙ୍କୁ ଶୁଣାନ୍ତୁ । ହଜୁର ସ:ଆ:ସ କହିଲେ ମୋର ପରିବାର ବର୍ଗଙ୍କ ମଧ୍ୟରୁ ଜଣେ ଯାଇ ଏ କର୍ତବ୍ୟ ନିର୍ବାହ କରନ୍ତୁ । ଅତଏବ ହଜୁର ସ:ଆ:ସ ହଜରତ ଅଲୀ ର:ଅଙ୍କୁ ଡ଼କାଇଲେ ଏବଂ କହିଲେ, ହେ ଅଲୀ ! ସୁରାଃ ତୌବାର ପ୍ରାରମ୍ଭରେ ଯାହା କିଛି ବର୍ଣ୍ଣିତ ହୋଇଛି ତାହାକୁ ନେଇ ଯାଅ ଏବଂ କୁର୍ବାନୀ ଦିନ ମୁସଲମାନମାନେ ଯେତେବେଳେ ମିନାଠାରେ ଏକତ୍ରିତ ହେବେ ସେତେବେଳେ ସେଠାରେ ଏହି ପଂକ୍ତିମାନଙ୍କୁ ପାଠ କରି ତାଙ୍କୁ ଶୁଣାଇବ ଯେ, ବୈକୁଣ୍ଠରେ କୌଣସି କାଫିର୍ ଅର୍ଥାତ ଅମାନ୍ୟକାରୀ ବ୍ୟକ୍ତି ପ୍ରବେଶ କରିପାରିବେ ନାହିଁ ଏବଂ ଚଳିତ ବର୍ଷ ପରେ କୌଣସି ମୁଶ୍‌ରିକ୍ ଅର୍ଥାତ ଅନେକେଶ୍ୱରବାଦୀଙ୍କୁ ଆଉ ହଜ୍ କରିବାର ଅନୁମତି ମିଳିବ ନାହିଁ କି କୌଣସି ବ୍ୟକ୍ତିକୁ ଉଲଗ୍ନ ହୋଇ ବୈତୁଲ୍ଲାଃର ପରିକ୍ରମା କରିବାକୁ ଅନୁମତି ଦିଆଯିବ ନାହିଁ । ସେହିପରି ଯଦି କୌଣସି ବ୍ୟକ୍ତି ସହିତ ହଜୁର ସ:ଆ:ସଙ୍କର କୌଣସି ପ୍ରକାର ପ୍ରତିଶୃତି ଥାଏ ତେବେ ତାହାର ଅବଧି ପୂରଣ କରାଯିବ ।

ହଜରତ ଅଲୀ ବିନ୍ ଅବୁ ତାଲିବ୍ ରସୁଲେ କରିମ୍ ସ:ଆ:ସଙ୍କ ଗୋଟିଏ ଓଟ, ଯାହାର ନାମ ଅଜ୍‌ବାଅ ଥିଲା, ତା ଉପରେ ଆରୋହଣ ହୋଇ ପ୍ରସ୍ଥାନ କଲେ ଏବଂ ମାର୍ଗରେ ହିଁ ସେ ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କ ସହିତ ଭେଟିନେଲେ । ହଜରତ ଅବୁ ବକର୍ ର:ଅଙ୍କ ସହିତ ହଜରତ ଅଲୀଙ୍କ ସାକ୍ଷାତ ଅର୍ଜ ବା ଜଜ୍‌ନାନ୍ ରେ ହୋଇଥିଲା । ଅର୍ଜ ନାମକ ସ୍ଥାନଟି ମଦିନା ତଥା ମକ୍କାର ମଧ୍ୟବର୍ତୀ ରାସ୍ତାରେ ଥିବା ଗୋଟିଏ ଘାଟିର ନାମ ଥିଲା । ସେଠାରେ କାଫିଲା ବିଶ୍ରାମ ନେଇଥାନ୍ତି । ଜଜ୍‌ନାନ୍ ନାମକ ସ୍ଥାନଟି ମଦିନାର ରାସ୍ତାରେ ମକ୍କା ଆଖପାଖରେ ଥିବା ଗୋଟିଏ ସ୍ଥାନ ହଜରତ ଅବୁବକର ସିଦ୍ଦିକ୍ ର:ଅ ହଜରତ ଅଲୀ ର:ଅଙ୍କୁ କହିଲେ ଶିବିରରେ ବିଶ୍ରାମ କରିନିଅ । ଯାହାକି ମକ୍କାଠାରୁ ୨୫ ମାଇଲ ଦୂରତାରେ ଅବସ୍ଥିତ ଥିଲା । ସେ ଯାହା ହେଉ ନା କାହିଁକି ହଜରତ ଅବୁବକର ସିଦ୍ଦିକ୍ ର:ଅ ଯେତେବେଳେ ହଜରତ ଅଲୀଙ୍କୁ ମାର୍ଗରେ ଦେଖିଲେ ସେତେବେଳେ ସେ କହିଲେ, କ'ଣ ହଜୁର ସ:ଆ:ସ ଆପଣଙ୍କୁ ଅମୀର ରୂପେ ନିଯୁକ୍ତ କରି ପ୍ରେରଣ କରିଛନ୍ତି ? ଏଥିରୁ ସ୍ପଷ୍ଟ ହେଉଛି ଯେ, ହଜରତ ଅବୁବକର ସିଦ୍ଦିକ୍ ର:ଅ କେତେ ବିନମ୍ର ସ୍ୱଭାବ ବ୍ୟକ୍ତି ଥିଲେ । ହଜରତ ଅଲୀ ର:ଅଙ୍କୁ ତାଙ୍କର ପଚାରିବାର ଉଦ୍ଦେଶ୍ୟ ଏହା ଥିଲା ଯେ ହଜୁର ସ:ଆ:ସ ଆପଣଙ୍କୁ କଣ ଏହି ଆଦେଶ ଦେଇ ପଠାଇଛନ୍ତି ଯେ, ଆପଣ ମୋ ଅଧିନରେ ରହିବେ ନା ମୁଁ ଆପଣଙ୍କ ଅଧିନରେ ରହିବି ? (କାରଣ ହଜୁର ସ:ଆ:ସଙ୍କ ଆଦେଶକୁ ସର୍ବଦା ପାଳନ କରିବାକୁ ସେ ଚେଷ୍ଟା କରୁଥିଲେ ଏବଂ ତାଙ୍କର ଉଦ୍ଦେଶ୍ୟ ସର୍ବଦା ହଜୁର ସ:ଆ:ସଙ୍କ ଆଦେଶ ହିଁ ରହିଥିଲା) । ଏଥିରେ ହଜରତ ଅଲୀ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

**ଈଶ୍ୱର ମତେ ପବିତ୍ର କୁରଆନ୍‌ର ଜ୍ଞାନ ପ୍ରଦାନ କରଛନ୍ତି ଏବଂ ଏ ଯୁଗରେ ସେ ମୋତେ ପବିତ୍ର କୁରଆନ୍ ଶିଖାଇବା ପାଇଁ ଏ ଦୁନିଆର ଶିକ୍ଷକ ରୂପେ ନିୟୋଜିତ କରିଛନ୍ତି । ଈଶ୍ୱର ମତେ ଏହି ଉଦ୍ଦେଶ୍ୟ ନିମନ୍ତେ ଛିଡା କରାଇଛନ୍ତି ଯେ ମୁଁ ମୁହମ୍ମଦ ରସୁଲୁଲ୍ଲାଃ ସ ଆ ସ ଓ ପବିତ୍ର କୁରଆନ୍‌ର ନାମକୁ ପୃଥିବୀର କୋଣ ଅନୁକୋଣରେ ପହଁଚାଇଦେବି ଏବଂ ଇସଲାମ ବିପକ୍ଷରେ ଥିବା ପୃଥିବୀର ସମସ୍ତ ମିଥ୍ୟା ଧର୍ମଗୁଡିକୁ ସଦା ସର୍ବଦା ପାଇଁ ହରାଇଦେବି ।**

**ପେଶଗୋଇ ମୁସଲେହ୍ ମଉଦ୍ ର ଉଦାହରଣ ହଜରତ୍ ମୀର୍ଜା ବଶିରୁଦ୍ଦିନ୍ ମହମୁଦ୍ ଅହମଦ୍ ଖଲିଫତୁଲ୍ ମସିହ୍ ସାନି(ଦ୍ୱିତୀୟ)ର ଅଙ୍କ ବିଶେଷ ଗୁଣର ବିଶ୍ୱାସ ବର୍ଦ୍ଧକ ବର୍ଣ୍ଣନା**

**ଏ ଦୁନିଆ ଯୋର୍ ଲଗାଉ । ସେ ତାର ସମସ୍ତ ଶକ୍ତି ଖଟାଇଦେଉ ଏବଂ ଲୋକମାନଙ୍କର ଭିଡ ଏକାଠି କରିନେଉ । ଇସାଇ ରାଜାଗଣ ତଥା ସେମାନଙ୍କ ସରକାର ବି ମିଶିଯାଆନ୍ତୁ । ୟୁରୋପ ତଥା ଆମେରିକା ବି ଏକାଠି ହୋଇଯାଆନ୍ତୁ । ଦୁନିଆର ବଡ ବଡ ଧନୀ ଓ ଶକ୍ତିଶାଳୀ ରାଷ୍ଟ୍ର ଗୁଡିକ ଏକାଠି ବି ହୋଇଯାଆନ୍ତୁ ଏବଂ ସେମାନେ ମତେ ଏହି ଉଦ୍ଦେଶ୍ୟ ରେ ଅସଫଳ କରିବା ପାଇଁ ଏକାଠି ବି ହୋଇଯାଆନ୍ତୁ ନା କାହିଁକି ପୁଣି ମଧ୍ୟ ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ଯେ ସେମାନେ ମୋ ବିପକ୍ଷରେ ଅସଫଳ ହେବେ ।.....**

---

**ଅଲ୍ଲାଃ ତାଲା ହଜରତ୍ ମୁସଲେହ୍ ମଉଦ୍ ର ଅ ଙ୍କୁ ଜ୍ଞାନରେ ଏପରି ପରିପୂର୍ଣ୍ଣ କରିଥିଲେ ଯେ ତାଙ୍କର ବାଉନ ବର୍ଷ ଜୀବନ ଏ କଥାର ମୂକ ସାକ୍ଷୀ ଯେ ତାହା ଧାର୍ମିକ ବିଷୟବସ୍ତୁ ଉପରେ ଆଧାରିତ ହେଉ ବା ସାଂସାରୀକ ଉପରେ,ଯେବେ ବି ତାଙ୍କୁ କୌଣସି ବିଷୟବସ୍ତୁ ଉପରେ ଲେଖିବା ତଥା କହିବା ପାଇଁ କୁହାଯାଇଛି ସେ ଜ୍ଞାନର ନଦୀ ବୁହାଇଦେଇଛନ୍ତି ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]**
**(ପ୍ରଦତ୍: ୧୮ ଫେବୃୟାରୀ ୨୦୨୨ ଅନୁଯାୟୀ ୧୮ ତବ୍‌ଲିଗ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ

أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -

اَلْحَمْدُ لِلّٰهِ رَبِّ الْعٰلَمِينَ - الرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ - إِيَّاكَ نَعْبُدُ وَإِيَّاكَ نَسْتَعِينُ -

اِهْدِنَا الصِّرَاطَ الْمُسْتَقِيمَ - صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -

ପ୍ରତ୍ୟେକ ବର୍ଷ ଆମେମାନେ ୨୦ ଫେବୃୟାରୀ ଦିନଟିକୁ ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ ପ୍ରସଙ୍ଗରେ ଜଲ୍‌ସା ଅନୁଷ୍ଠିତ କରିଥାଉ ଏବଂ ଏହି ଦିନଟିକୁ ମନେ ବି ପକାଇଥାଉ । ଗୋଟିଏ ପୁତ୍ର ସନ୍ତାନର ଜନ୍ମ ହେବା ବିଷୟରେ ଏହି ପେଶ୍‌ଗୋଇ (ଅର୍ଥାତ ଭବିଷ୍ୟତବାଣୀ) ହଜରତ ମସିହ ମଉଦ ଆ:ସ ଇସଲାମ ସହିତ ଶତୃତା ରଖିଥିବା ଲୋକମାନଙ୍କର ଆପତି ଅଭିଯୋଗର ଉତରରେ ଅଲ୍ଲାଃଙ୍କଠାରୁ ଖବର ପାଇ ପ୍ରକାଶ କରିଥିଲେ । ସେହି ଇସ୍‌ଲାମୀ ବିରୋଧି ଶତୃମାନଙ୍କର ଏ ଆପତି ଅଭିଯୋଗ ଥିଲା ଯେ ଇସଲାମ (ଧର୍ମ) କୌଣସି ନିଦର୍ଶନ ଦେଖାଇବାରେ ଅକ୍ଷମ । ଏହାର ଖଣ୍ଡନ କରି ହଜରତ ମସିହ୍ ମଉଦ ଆ:ସ ନିଜ ପାଳନକର୍ତାଙ୍କ ଠାରୁ ସୂଚନା କହିଲେ: ଇସ୍‌ଲାମ୍‌ର ସତ୍ୟତାର ପାଇଁ ଏକ ମହାନ ନିଦର୍ଶନ ମୋ ଜରିଆରେ ହିଁ ପୂରଣ ହେବ । ସେହି ନିଦର୍ଶନ ହେଉଛି ଏପରି କି ମୋର ଗୋଟିଏ ପୁତ୍ର ସନ୍ତାନ ଜନ୍ମ ହେବ ଯିଏ ବହୁତ ଲମ୍ବା ବୟସ ପାଇବ । ଇସ୍‌ଲାମ୍‌ର ସେବା କରିବ । ଏ କଥା ମଧ ବତାଇ ଦେଲେ ଯେ ସେହି ପୁଅଟିର ଏହି ସବୁ ବୈଶିଷ୍ଟ୍ୟ/ବିଶେଷ ଗୁଣାବଳୀ ଥିବା ଏପରି କି ସେହି ପୁଅ ମଧରେ ୫୨/୫୩ ଗୋଟି ବିଶେଷ ଗୁଣ ରହିବ । ଏହା କୌଣସି ସାଧାରଣ ଭବିଷ୍ୟବାଣୀ ନଥିଲା । ପୁତ୍ର ସନ୍ତାନ ଜନ୍ମକ ହେବାର ନିର୍ଦ୍ଧାରିତ ସମୟସୀମା ମଧ ବତାଇଦେଲେ । ସୁତରାଂ ହଜରତ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀ ଅନୁସାରେ ସେହି ପୁତ୍ରଟି ଜନ୍ମଗ୍ରହଣ କଲା, ଲମ୍ବା ବୟସର ଅଧିକାରୀ ହେଲା ଅର୍ଥାତ ସେ ଦୀର୍ଘାୟୁ ବି ହେଲା । ପୁଣି ତାହାକୁ ଇସଲାମର ଅସାଧାରଣ ସେବା ସମ୍ପାଦନ କରିବାର ଅବସର ମଧ ମିଳିଲା । ଉକ୍ତ ଭବିଷ୍ୟତ ବାଣୀକୁ ଆମେ ପ୍ରତ୍ୟେକ ବର୍ଷ ଫେବୃଆରୀ ୨୦ରିଖ ଦିନ ପେଶ୍‌ଗୋଇ ମୁସଲେହ୍ ମଉଦ (ଅଙ୍ଗୀକାର ସଂସ୍କାରକ) ରୂପେ ପାଳନ କରିଥାଉ ଏବଂ ତାହାର ବିଭିନ୍ନ ଦିଗ ଉପରେ ସମସ୍ତ ଜମାଅତରେ ଜଲସାର ଆୟୋଜନ କରି ଆଲୋକପାତ କରିଥାଉ ଓ ସମସ୍ତ ଜମାତ୍‌ରେ ଜଲ୍‌ସାର ଆୟୋଜନ କରି ସେଥିମୁତାବକ ଅର୍ଥାତ ଉକ୍ତ ଭବିଷ୍ୟବାଣୀ ସମ୍ପର୍କରେ ଚର୍ଚ୍ଚା କରିଥାଉ । ଅଧିକନ୍ତୁ ଆମ ଏମ୍.ଟି.ଏ ଚ୍ୟାନେଲ୍‌ରେ ମଧ ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମମାନ ମଧ ପ୍ରସାରଣ କରାଯାଇଥାଏ । ସେଥିରେ ସମ୍ପୁର୍ଣ୍ଣ ବିବରଣୀ ଆମକୁ ମିଳିଯିବ । ବର୍ତମାନ ମୁଁ ହଜରତ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ନିଜ ଭାଷାରେ ଏ ସମ୍ବନ୍ଧରେ କିଛି ଉପସ୍ଥାପନ କରିବି ଯେ ତାଙ୍କ ପ୍ରାରମ୍ଭିକ ଜୀବନ କିପରି ଥିଲା ? ତାଙ୍କର ସ୍ୱାସ୍ଥ୍ୟାବସ୍ଥା କିପରି ଥିଲା ଓ ତାଙ୍କ ସହିତ ଅଲ୍ଲାଃ ତାଲାଙ୍କର କଣ ବ୍ୟବହାର ଥିଲା ଇତ୍ୟାଦି ।

ଏହି ପେଶ୍‌ଗୋଇ (ଭବିଷ୍ୟବାଣୀ)ଟି ଗୋଟିଏ ଦୀର୍ଘାୟୁ ଅର୍ଥାତ ଲମ୍ବା ବୟସ ପାଇବା ପିଲା ନିମନ୍ତେ ଥିଲା । ଅତଏବ ଭବିଷ୍ୟତ ବାଣୀ ଅନୁଯାୟୀ ଦୀର୍ଘ ବୟସ ପ୍ରାପ୍ତକାରୀ ଉକ୍ତ ବାଳକର ସ୍ୱାସ୍ଥ୍ୟାବସ୍ଥା ସଂକ୍ରାନ୍ତରେ ହଜରତ ମୁସଲେହ୍ ମଉଦ ର:ଅ ସ୍ୱୟଂ କୁହନ୍ତି; ବାଲ୍ୟ କାଳରେ ମୋର ସ୍ୱାସ୍ଥ୍ୟାବସ୍ଥା ଅତି ଦୁର୍ବଳ ଓ ଶୋଚନୀୟ ଥିଲା । ସର୍ବପ୍ରଥମେ ମତେ କଳା କାଶ ଆରମ୍ଭ ହେଲା ଏବଂ ମୋର ସ୍ୱାସ୍ଥ୍ୟାବସ୍ଥାରେ ଏପରି ଅବନତି ଘଟି ଚାଲିଲା ଯେ ୧୧/୧୨ବର୍ଷ ବୟସରେ ମୁଁ ଜୀବନ ମରଣର ଅସ୍ଥିର ନୌକାରେ ଟଳମଳ ହେଉଥିଲି ଏବଂ ସାଧାରଣତଃ ମୋ ବିଷୟରେ ଏକଥା ଚିନ୍ତା କରାଯାଉଥିଲା ଯେ ମତେ ଅଧିକ ବୟସ ମିଳିବ ନାହିଁ । (ଅର୍ଥାତ ମୁଁ ଅଳ୍ପ ବୟସରେ ମୃତ୍ୟୁମୁଖରେ ପଡ଼ିବି) । ସେହି ସମୟରେ ମୋର ଦୃଷ୍ଟିଶକ୍ତି ମଧ ଦୁର୍ବଳ ହୋଇଗଲା ପୁଣି ମୋ ଆଖି ବିନ୍ଧା ରୋଗ ଏତେମାତ୍ରାରେ ବଢ଼ିଗଲା ଯେ ମୋର ଗୋଟିଏ ଆଖି ପ୍ରାୟ ମରିଗଲା । ଅର୍ଥାତ ସେଥିରେ ଆଉ କିଛି ଦେଖାଗଲା ନାହିଁ । ଅତଏବ ସେହି ଆଖିରେ ମତେ ବହୁତ କମ୍ ଦେଖାଯାଉଛି । ଯେତେବେଳେ ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ଏକଥା କହୁଥିଲେ ସେତେବେଳେ ସେ କହିଲେ ଯେ ଏବେ ମଧ କମ୍ ଦିଶୁଛି । ପୁଣି ମୁଁ ଆଉ ଟିକିଏ ବଡ଼ ହେବାରେ ଏବଂ ୬/୭ମାସ ପର୍ଯ୍ୟନ୍ତ ମୋତେ କ୍ରମାଗତ ଭାବରେ ଜ୍ୱର ଆସୁଥିଲା ଏବଂ ମୋତେ ଟି.ବି (ଯକ୍ଷ୍ମା) ହୋଇଛି ବୋଲି କୁହାଗଲା । ଏହି କାରଣରୁ ମୁଁ ନିୟମିତ ରୂପେ ପାଠ ମଧ ପଢିପାରୁ ନଥିଲି । ଅଧିକାଂସ ସମୟ ସ୍କୁଲ ଯାଇପାରୁ ନଥିଲି । ଲାହୋରରେ ଆମର ମାଷ୍ଟର ଫକିରୁଲ୍ଲାଃ ସାହେବ ଶିକ୍ଷକତା କରୁଛନ୍ତି ମୁସ୍‌ଲିମ୍ ଟାଉନ୍‌ରେ ତାଙ୍କର ଗୋଟିଏ କୋଠୀ ଅର୍ଥାତ ଅଟ୍ଟାଳିକା ରହିଛି । ସେ ଆମ ସ୍କୁଲ୍‌ରେ ଗଣିତ ଶିକ୍ଷା ଦାନ କରୁଥିଲେ । ଏକଦା ସେ ମୋ ବିରୁଦ୍ଧରେ ହଜରତ ମସିହ ମଉଦ ଆ:ସଙ୍କ ନିକଟରେ ଅଭିଯୋଗ କଲେ ଯେ, ଇଏ ପାଠ ପଢ଼ିବାକୁ ଆସୁନାହିଁ ଏବଂ ସ୍କୁଲ୍‌ରେ ଅଧିକାଂଶ ସମୟ ଅନୁପସ୍ଥିତ ରହୁଛି । ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି ମୁଁ ଏକଥା ଶୁଣି ଭୟଭୀତ ହେଲି ଯେ, ସମ୍ଭବତଃ ହଜରତ ମସିହ୍ ମଉଦ୍ ଆ:ସ ମୋ ଉପରେ କ୍ରୋଧିତ ହେବେ କିନ୍ତୁ ଆପଣ ସ:ଆ:ସ କହିଲେ ଏହାର ସ୍ୱାସ୍ଥ୍ୟ ଦୃବଳ ଆମେ ଏଥିରେ ହିଁ କୃତଜ୍ଞ ଯେ ସେ ମଝିରେ ମଝିରେ ଯାଇ ମଦ୍‌ରସାରେ ବସି ଯାଉଛି ଏବଂ ସେଠାରେ କୌଣସି କଥା ତା କାନରେ ପଡ଼ିଯାଉଛି ତା ହିଁ ଆମ ପାଇଁ ଯଥେଷ୍ଟ ତାକୁ ଅଧିକ ଜୋର୍ ଦିଅନ୍ତୁ ନାହିଁ । ବରଂ ମୋର ତ ମନେ ପଡୁଛି ଯେ ହଜୁର ଆ:ସ ଏକଥା ମଧ କହିଥିଲେ ଯେ ଆମେ ଏହାକୁ ହିସାବ ଅର୍ଥାତ ଗଣିତ ଶିଖାଇ ତାହାଠାରୁ କି କାମ ନେବୁ ? କଣ ଆମେ ତାହାକୁ ଦୋକାନ ଦେଇ ବସାଇବୁ ?

ତେବେ ଏପରି ଥିଲା ଆପଣ ର:ଅଙ୍କର ବାଲ୍ୟକାଳର ସ୍ୱାସ୍ଥ୍ୟବସ୍ଥା ଓ ସ୍କୁଲ୍ ଜୀବନ । କିଏ ଅଛି ଯିଏ ଏମିତି ପରିସ୍ଥିତିରେ ଦୀର୍ଘାୟୁ ହେବାର ଜମାନତ ଦେଇପାରିବ ! କିନ୍ତୁ ନା କେବଳ ସେ ଦୀର୍ଘାୟୁ ହେଲେ ବରଂ ସେଥିରେ ଏ ଭବିଷ୍ୟବାଣୀ ଥିଲା ଯେ ସେ ଅନ୍ତଃ ଓ ବାହ୍ୟ ଅର୍ଥାତ (ପ୍ରକାଶ୍ୟ ଓ ଅପ୍ରକାଶ୍ୟ) ଜ୍ଞାନରେ ପରିପୂର୍ଣ୍ଣ ହେବ ଏଭଳି ଅବସ୍ଥାରେ କିଏ ଏକଥା କହିପାରିବ ଯେ ସେ ଜ୍ଞାନ ମଧ ପ୍ରାପ୍ତ କରିବ ! ସେ ଯାହା ବି ହେଉ । ଆପଣ ର:ଅ ଆହୁରି କୁହନ୍ତି; ହଜରତ ମସିହ ମଉଦ ଆ:ସ କହିଲେ, ଯଦି ଏ କେବଳ କୁରଆନ ଓ ହଦିସ୍ ପଢିନିଏ ତେବେ ତାହା ହିଁ ଯଥେଷ୍ଟ । ଆପଣ ର:ଅ କୁହନ୍ତି; ମୋର ସ୍ୱାସ୍ଥ୍ୟାବସ୍ଥା ଏତେ ଦୁର୍ବଳ ଥିଲା ଯେ ମୁଁ ସାଂସାରିକ ପାଠ ଅଧୟନ କରିବାକୁ ସମ୍ପୂର୍ଣ୍ଣ ରୂପେ ଅକ୍ଷମ ଥିଲି ଓ ମୁଁ ମୋ ଦୃଷ୍ଟିଶକ୍ତି ବି ଦୃବଳ ଥିଲା । ସୁତରାଂ ମୁଁ ପ୍ରାଥମିକ, ମାଧମିକ ଓ ଏଣ୍ଟ୍ରାନ୍‌ସ୍‌ର ପରୀକ୍ଷାରେ ଅସଫଳ ହେଲି । ଏପରିକି କୌଣସି ପରୀକ୍ଷାରେ ମଧ ଉତିର୍ଣ୍ଣ ହୋଇପାରିଲି ନାହିଁ । ପରମେଶ୍ୱର ମୋ ପ୍ରସଙ୍ଗରେ ସୂଚନା ପ୍ରଦାନ କରିଥିଲେ ଯେ ମୁଁ ପ୍ରକାଶ୍ୟ ଓ ଅପ୍ରକାଶ୍ୟ ଜ୍ଞାନରେ ପରିପୂର୍ଣ୍ଣ ହେବି । ବସ୍ତୁତଃ ମୁଁ କୌଣସି ସାଂସାରିକ ଜ୍ଞାନ ଆହରଣ ନ କରିବା ସତ୍ୱେ ବି ଅଲ୍ଲାଃତାଲା ମୋ

କଲମରୁ ଏଭଳି ଏଭଳି ଅଭିନବ ଓ ବିଖ୍ୟାତ ପୁସ୍ତକମାନ ରଚନା କରାଇଲେ ଯାହାକୁ ଦେଖି ସଂସାରବାସୀ ଏହା ସ୍ୱୀକାର କରିବାକୁ ବାଧ୍ୟ ହେଲେ ଯେ ଆ'ଠାରୁ ବଳି ଇସ୍‌ଲାମୀୟ ପ୍ରସଙ୍ଗଗୁଡ଼ିକ ବିଷୟରେ (ସଂକ୍ରାନ୍ତରେ) ଆଉ କିଛି ଲେଖା ଯାଇ ପାରିବ ନାହିଁ । ପୁଣି ମୁସ୍‌ଲେହ୍ ମଉଦ୍ ର:ଅ କୁହନ୍ତି ମୁଁ ଏବେ ପବିତ୍ର କୁରଆନର ବ୍ୟାଖ୍ୟା କରି ତଫସିରେ କବିର୍ ନାମରେ ତାହାର ଗୋଟିଏ ଭାଗ ଲେଖିଛି । ଯାହାକୁ ଅଧ୍ୟୟନ କରି ଆମ ବିରୋଧୀମାନେ ମଧ୍ୟ ସ୍ୱୀକାର କଲେ ଯେ ଏପରି ବ୍ୟାଖ୍ୟା ଆଜି ପର୍ଯ୍ୟନ୍ତ କେହି ଲେଖିନାହାନ୍ତି । ପୁଣି ମୁଁ ସର୍ବଦା ଲାହୋର ଯିବା ଆସିବା କରେ ଏବଂ ସେଠାକାର ନିବାସୀ ଜାଣନ୍ତି ଯେ, ମୋ ସହିତ ସାକ୍ଷାତ କରିବା ପାଇଁ କଲେଜ ମାନଙ୍କର ଅଧ୍ୟାପକ ମାନେ ତଥା ଛାତ୍ରଗଣ ଓ ଡ଼ାକ୍ତରମାନେ ଆସନ୍ତି ତଥା ସୁପ୍ରଶିଦ୍ଧ ଓକିଲମାନେ ମଧ୍ୟ ଆସନ୍ତି କିନ୍ତୁ ଆଜି ପର୍ଯ୍ୟନ୍ତ ଥରେ ମଧ୍ୟ ଏପରି ହୋଇନାହିଁ ଯେ, ଜଣେ ବଡ଼ରୁ ବଡ଼ ବିଦ୍ୱାନ ମୋ ସମ୍ମୁଖରେ ଇସ୍‌ଲାମ୍ ଓ ପବିତ୍ର କୁର୍‌ଆନ୍ ଉପରେ ଆପତି କରିଥିବେ ଏବଂ ମୁଁ ଇସ୍‌ଲାମୀୟ ଶିକ୍ଷା ଆଧାରରେ ତାଙ୍କ ମୁହଁ ବନ୍ଦ କରି ନିରୁତ୍ତର କରି ଦେଇନଥିବି ଏବଂ ତାହାକୁ ଏହା ସ୍ୱୀକାର କରିବାକୁ ପଡ଼ିନଥିବ ଯେ, ବାସ୍ତବପକ୍ଷେ ଇସ୍‌ଲାମିୟ ଶିକ୍ଷା ଉପରେ କୌଣସି ପ୍ରକାର ଆପତି କରାଯାଇପାରିବ ନାହିଁ । ଏହା ଅଲ୍ଲାଃ ତାଲାଙ୍କର ମୋ ଉପରେ ଅଶେଷ କୃପା ନଚେତ ଦେଖିବାକୁ ଗଲେ ତ ମୁଁ ସାଂସାରୀକ ଜ୍ଞାନ ମଧ୍ୟରୁ କୌଣସି ପ୍ରକାରର ଜ୍ଞାନ ଆହାରଣ କରିନାହିଁ କିନ୍ତୁ ମୁଁ ଏକଥାକୁ ମୁଁ ଅସ୍ୱୀକାର କରିପାରିବି ନାହିଁ ଯେ, ପ୍ରଭୁ ମତେ ନିଜ ନିକଟରୁ ସମସ୍ତ ଜ୍ଞାନ ପ୍ରଦାନ କରିଛନ୍ତି ତଥା ସେ ସ୍ୱୟଂ ମତେ ପ୍ରତ୍ୟେକ ପ୍ରକାରର ଅନ୍ତଃ ଓ ବାହ୍ୟ ଜ୍ଞାନରେ

ପୁନଶ୍ଚ ଆପଣ ର:ଅ ସମସ୍ତ ପ୍ରକାର ପ୍ରକାଶ୍ୟ ଓ ପ୍ରଚ୍ଛନ୍ନ ଜ୍ଞାନରେ ବିମଣ୍ଡିତ ହେବା ପ୍ରସଙ୍ଗରେ କୁହନ୍ତି: ମୁଁ ଯେତେବେଳେ ବାଳକ ଥିଲି, ଏକଦା ସ୍ୱପ୍ନରେ ଦେଖିଲି ଯେ ଗୋଟିଏ ଘଂଟି ବାଜିଲା ଓ ସେଥିରୁ ଟନ୍ କରିକି ଶବ୍ଦ ବି ବାହାରିଲା ଓ ସେହି ଶବ୍ଦ ବଢ଼ି ବଢ଼ି ଗୋଟିଏ ଫଟୋ ଫ୍ରେମ୍‌ର ଆକାର ନେଲା । ପୁଣି ମୁଁ ଦେଖିଲି ଯେ ସେହି ଫ୍ରେମ୍ ମଧ୍ୟରୁ ଗୋଟିଏ ଛବି (ଫଟୋ)ର ଅଭ୍ୟୁଦୟ ହେଲା । ଅଳ୍ପ ସମୟ ପରେ ସେହି ଛବିଟି ହଲିବାକୁ ଲାଗିଲା ପୁଣି ଅଚାନକ ତା ଭିତରୁ ବାହାରକୁ ଜଣେ କୁଦାମାରି ଡ଼େଇଁ ବାହାରି ପଡ଼ିଲା ଓ ସେ କହିଲା ମୁଁ ହେଉଛି ଅଲ୍ଲାଃଙ୍କ ଫରିସ୍ତା (ଦେବଦୂତ) ଓ ମୁଁ ତୁମକୁ ପବିତ୍ର କୁର୍‌ଆନ୍‌ର ତଫ୍‌ସୀର୍ (ବ୍ୟାଖ୍ୟା) ଶିଖାଇବାକୁ ଆସିଛି । ମୁଁ କହିଲି ଶିଖାଓ । ତା'ପରେ ସେ ମୋତେ ସୁରେଃ ଫାତିହାର ବ୍ୟାଖ୍ୟା ଶିଖାଇବା ଆରମ୍ଭ କଲେ ସେ ଶିଖାଇ ଚାଲିଲେ, ଶିଖାଇ ଚାଲିଲେ ଓ ଶିଖାଇଚାଲିଲେ ଏବଂ ଯେତେବେଳେ ସେ ଇୟାକା ନାବୁଦୁ ଓ୍ୱଇୟାକା ନସ୍ତଇନ୍‌ରେ ପହଂଚିଲେ ସେତେବେଳେ କହିଲେ, ଆଜି ପର୍ଯ୍ୟନ୍ତ ଯେତେ ବ୍ୟାଖ୍ୟାକାରୀ ଆସିଛନ୍ତି ସେମାନେ ଏହି ଆୟତ ପର୍ଯ୍ୟନ୍ତ ହିଁ ବ୍ୟାଖ୍ୟା କରିଛନ୍ତି । କିନ୍ତୁ ମୁଁ ତୁମକୁ ଏହାଠାରୁ ଆଗକୁ ମଧ୍ୟ (ବ୍ୟାଖ୍ୟା) ଶିଖାଉଛି । ବସ୍ତୁତଃ ସେ ମୋତେ ସମ୍ପୂର୍ଣ୍ଣ ସୁରେଃ ଫାତିହାର ବ୍ୟାଖ୍ୟା ଶିଖାଇ ଦେଲେ ।

ଏହି ଦୈବୀସ୍ୱପ୍ନର ଯଥାର୍ଥ ବାସ୍ତବ ପକ୍ଷେ ଏହା ଥିଲା ଯେ ପବିତ୍ର କୁରଆନକୁ ବୁଝିବାର ସାମର୍ଥ ମୋ ଅନ୍ତରରେ ରଖି ଦିଆଯାଇଛି । ଆପଣ ର:ଅ ସଂସାରବାସୀଙ୍କୁ ଚ୍ୟାଲେଞ୍ଜ ଦେଲେ ଓ କହିଲେ ଯେ ଏହି ଶକ୍ତି ମୋ ମଧ୍ୟରେ ଏଭଳି ପ୍ରବିଷ୍ଟ କରି ଦିଆଯାଇଛି ଯେ ମୁଁ ଦାବି କରୁଛି ତଥା ଯେଉଁ ମଜ୍‌ଲିସ୍‌ରେ ଚାହିଁବି, ମୁଁ ସେହି ମଜ୍‌ଲିସ୍‌ରେ ଦାବି କରିବା ପାଇଁ ପ୍ରସ୍ତୁତ ଅଛି ଯେ **ମୁଁ ସୁରେଃ ଫାତିହାରୁ ହିଁ ସମସ୍ତ ଇସଲାମୀୟ ଶିକ୍ଷା ବର୍ଣ୍ଣନା କରିଦେଇ ପାରିବି ।**

ଆପଣ ର:ଅ ମୁକ୍ତ କଣ୍ଠରେ ସର୍ବସାଧାରଣଙ୍କ ସମ୍ମୁଖରେ ବକ୍ତୃତା ଦେଉଥିଲେ ଏବଂ ଲୋକମାନଙ୍କୁ ଚ୍ୟାଲେଞ୍ଜ ଦେଉଥିଲେ କିନ୍ତୁ ସେହି ଚ୍ୟାଲେଞ୍ଜକୁ ଗ୍ରହଣ କରି କେହି ଜଣେ ହେଲେ ମଧ୍ୟ ଆପଣ ର:ଅଙ୍କ ମୁକାବିଲାରେ ଆସିନଥିଲେ । ପୁନଶ୍ଚ ଆପଣ କୁହନ୍ତି ମୁଁ ଅଳ୍ପ ବୟସର ଯୁବକ ଥିଲି ଅର୍ଥାତ ସ୍କୁଲ୍‌ରେ ପାଠ ପଢୁଥିଲି ଯେ, ଆମ ସ୍କୁଲର ଫୁଟ୍‌ବଲ୍ ଦଳକୁ ଅମୃତସରରେ ଖାଲ୍‌ସା କଲେଜ୍ ସହିତ ମ୍ୟାଚ୍ ଖେଳିବାକୁ ଯିବାକୁ ପଡ଼ିଥିଲା ଏବଂ ସେଠାରେ ଫୁଟ୍‌ବଲ୍ ମ୍ୟାଚରେ ଆମ ଦଳ ଜିତିଲା । ଯେହେତୁ ଗୋଟିଏ ମୁସଲମାନ ଟିମ୍‌ର ପିଲାମାନେ ଜିତିଲେ ତେଣୁ ଆମ ଜମାତ୍ ସହିତ ମତାନ୍ତର ଓ ଆମକୁ ବିରୋଧ କରୁଥିବା ମୁସଲମାନମାନେ ମଧ୍ୟ ଏହି ଜିତିବାର ସମ୍ମାନ ଯୋଗୁଁ ଖୁସିଥିଲେ । ଫଳରେ ସେଠାକାର ଜଣେ ଧର୍ନାଢ୍ୟ ବ୍ୟକ୍ତି ଆମକୁ ଚା ଜଳଖିଆ କରିବା ନିମନ୍ତେ ନିମନ୍ତ୍ରିତ କଲେ ଯେଉଁସ୍ଥଳେ କି ମୋତେ ବକ୍ତୃତା ଦେବା ପାଇଁ ଛିଡ଼ା କରି ଦିଆଗଲା । ମୁଁ ବକ୍ତୃତା ନିମନ୍ତେ କୌଣସି ପ୍ରକାରର ପ୍ରସ୍ତୁତ ନଥିଲି । ଯେତେବେଳେ ମତେ ଛିଡ଼ା କରାଇ ଦିଆଗଲା, ସଙ୍ଗେ ସଙ୍ଗେ ମତେ ସେହି ଫରିସ୍ତାଙ୍କ ଦ୍ୱାରା ତଫ୍‌ସୀର୍ (ବ୍ୟାଖ୍ୟା) ଶିଖାଯିବା କଥା ମନେ ପଡ଼ିଗଲା । ସର୍ବପ୍ରଥମେ ମୁଁ ସେ ସଂକ୍ରାନ୍ତରେ ଦୁଆ କଲି ଯେ ହେ ଅଲ୍ଲାଃ ! ତୁମ୍ଭ ଫରିସ୍ତା ମତେ ସ୍ୱପ୍ନରେ ସୁରଃ ଫାତିହାର ତଫ୍‌ସୀର୍ ଶିଖାଇଛନ୍ତି । ଆଜି ମୁଁ ତାହାର ପରୀକ୍ଷା ନେବାକୁ ଚାହୁଁଛି ଯେ ସେହି ସ୍ୱପ୍ନ ତୁମ୍ଭ ତରଫରୁ ଥିଲା ବା ମୋ ମନର ଧୋକା ଥିଲା ।

ଯଦି ଏହି ସ୍ୱପ୍ନ ତୁମ୍ଭେ ତରଫରୁ ଥିଲା ତା'ହେଲେ ତୁମେ ମତେ ସୁରଃ ଫାତିହାର ଏପିର ଅଭିନବ ତଥ୍ୟ ବତାଓ, ଯାହା ଆ ପୂର୍ବରୁ ପୃଥିବୀର କୌଣସି ମୁଫ୍‌ସୀର୍ (ବ୍ୟାଖ୍ୟାକାରୀ) ବର୍ଣ୍ଣନା କରିନଥିବେ । ସେତେବେଳେ ମୋର ଦୁଆ କରିବା ଫଳରେ ଐଶ୍ୱର୍ଯ୍ୟମୟ ପ୍ରଭୁ ମୋ ହୃଦୟରେ ସୁରେଃ ଫାତିହାର ଏକ ଅଭିନବ ତଥ୍ୟ ଉତ୍ପନ୍ନ କରିଦେଲେ ଏବଂ ମୁଁ କହିଲି, ଦେଖ ପବିତ୍ର କୁରଆନରେ ଅଲ୍ଲାଃତାଲା ଆମକୁ ଏହି ଦୁଆ ଶିଖାଇଛନ୍ତି; ଗୈରିଲ୍ ମଗ୍‌ଯୁବେ ଆଲୈହିମ୍ ୱ୍ଵଲଜ୍ୱାଲିନ୍ ଅର୍ଥାତ ହେ ମୁସଲମାନମାନେ ! ତୁମେ ପାଂଚବେଳା ନମାଜରେ ଓ ନିଜ ନମାଜର ପ୍ରତ୍ୟେକ ରେକାତରେ ଏ ଦୁଆ କର ଯେ ଆମେ **ମଗ୍‌ଜୁବ୍** ତଥା **ଜ୍ୱାଲ୍ଲିନ୍** ନ ହୋଇଯାଉ । ମଗ୍‌ଜୁବ୍‌ର ଅର୍ଥ ରସୁଲେ୍ କରିମ୍ ସ:ଆ:ସ ହଦିସ୍‌ରେ ନିଜେ ବର୍ଣ୍ଣନା କରିଛନ୍ତି । ସୁତରାଂ ତେବେ ଗୈରିଲ୍ ମଗ୍‌ଯୁବେରୁ ଯଥାର୍ଥ ଏହିକି ଯେ ଆମେମାନେ ଇହୁଦିମାନଙ୍କ ପରି ହୋଇ ନଯାଉ ଏବଂ ୱ୍ଵଲଜ୍ୱାଲିନ୍‌ରୁ ଯଥାର୍ଥ ଏହିକି ଯେ ଆମେମାନେ ନସାରା (ଖ୍ରୀଷ୍ଟଧର୍ମାବଲମ୍ବୀ)ଙ୍କ ପରି ହୋଇ ନଯାଉ । ଏହାର ଅଧିକ ବ୍ୟାଖ୍ୟା ହଜୁର ସ:ଆ:ସ ଏପରି ମଧ୍ୟ କରିଛନ୍ତି, ଯେ ଏହି ସମ୍ପ୍ରଦାୟରେ ଜଣେ ମସିହଙ୍କର ଆଗମନ ହେବ, ଯେଉଁମାନେ ତାଙ୍କର ଅବଜ୍ଞା କରିବେ ସେମାନେ ଇହୁଦିମାନଙ୍କ ପରି ପାଲଟିଯିବେ । ଅପର ପାର୍ଶ୍ୱରେ ଆପଣ ର:ଅ ଏକଥା ମଧ୍ୟ କହିଲେ ଯେ, ଖ୍ରୀଷ୍ଟଧର୍ମାଲମ୍ବୀଙ୍କ ଷଡ଼ଯନ୍ତ୍ର ସାମ୍ପ୍ରତିକ ଯୁଗରେ ବେଶ୍ ବଢ଼ିଯାଇଛି ଲୋକମାନେ ରୋଟି ପାଇଁ, ଚାକିରି ପାଇଁ ତଥା ସମାଜରେ ସମ୍ମାନ ଓ ନିଜ ମର୍ଯ୍ୟାଦାକୁ ବଢ଼ାଇବା ପାଇଁ ତଥା ମାନସମ୍ମାନ ପାଇଁ ଖ୍ରୀଷ୍ଟଧର୍ମାବଲମ୍ବୀ ହୋଇଯିବେ ଅବା ଧୋକା ଖାଇ ଖ୍ରୀଷ୍ଟଧର୍ମାଲମ୍ବୀ ହୋଇଯିବେ । ଆଉ କେତେକ ନିଜ ଧାର୍ମିକ ଶିକ୍ଷାକୁ ବୁଝି ନ ପାରି ମଧ୍ୟ ଖ୍ରୀଷ୍ଟଧର୍ମାଲମ୍ବୀ ହୋଇଯିବେ । ଆଶ୍ଚର୍ଯ୍ୟଜନକ କଥା ଏହା ଥିଲା ଯେ ସୁରେଃ ଫାତିହା ମକ୍କାରେ ଅବତୀର୍ଣ୍ଣ ହୋଇଥିଲା ଏବଂ ସେତେବେଳେ ମୁସଲମାନମାନଙ୍କର ନା ତ ଖ୍ରୀଷ୍ଟିଆନ୍ ମାନେ ଓ ନା ତ ଇହୁଦୀମାନେ ଅଧିକ ବିରୋଧି ଥିଲେ ବରଂ ସେ ସମୟରେ ସବୁଠାରୁ ବଡ଼ ବିରୋଧୀ ମକ୍କାର ଅମାନ୍ୟକାରୀ ଥିଲେ । କିନ୍ତୁ ସେଥିରେ ଏହି ଦୁଆ (ଅର୍ଥାତ ପ୍ରାର୍ଥନା) ଶିକ୍ଷା ଦିଆଗଲା ନାହିଁ ଯେ ହେ ପ୍ରଭୁ ! ଆମ୍ଭେମାନେ ପ୍ରତିମା ପୂଜକ ପାଲଟି ନଯାଉ ବରଂ ଏହି ଦୁଆ ଶିଖାଗଲା ଯେ ହେ ପ୍ରଭୁ ! ଆମ୍ଭେମାନେ ଇହୁଦି ଅବା ନସାରାମାନଙ୍କ ପରି ହୋଇ ନଯାଉ । ଏଥିରୁ ସ୍ପଷ୍ଟ ହେଉଅଛି ଯେ ଏହି ସୁରଃ ଜରିଆରେ ଅଲ୍ଲାଃ ତାଲା ଏ ଭବିଷ୍ୟବାଣୀ କରିଥିଲେ ଯେ **ଯେ ମକ୍କାର ପ୍ରତିମା ପୂଜକମାନେ ଚିରକାଳ ପାଇଁ ନିପାତ ହୋଇଯିବେ । ସେମାନଙ୍କର ଅସ୍ତିତ୍ୱ ବାକି ରହିବ ନାହିଁ ତେଣୁ ଏ କଥାର ଆବଶ୍ୟକ ହିଁ ନାହିଁ ଯେ ଏମାନଙ୍କ ସମ୍ବନ୍ଧରେ (ଅର୍ଥାତ ଅନେକଶ୍ୱରବାଦୀ ମୁଶ୍‌ରିକ୍ ମାନଙ୍କ ସମ୍ବନ୍ଧରେ) ମୁସଲମାନମାନଙ୍କୁ କୌଣସ ଦୁଆ ଶିଖାଯାଇଥାନ୍ତା । କିନ୍ତୁ ଇହୁଦି ଓ ଖ୍ରୀଷ୍ଟଧର୍ମାବଲମ୍ବୀ ଏହି ଦୁଇଟି ସମ୍ପ୍ରଦାୟ ବାକି ରହିଯିବେ ଅର୍ଥାତ ସେମାନେ ଯଦିଚ ମକ୍କାରେ ନାହାନ୍ତି କିନ୍ତୁ ସେମାନଙ୍କର ବିଭ୍ରାଟ ସେମାନଙ୍କର ଷଡ଼ଯନ୍ତ୍ର ବାକି ରହିଥିବ ଯାହାଠାରୁ ମୁସଲମାନମାନଙ୍କଠାରୁ ରକ୍ଷା ପାଇବା ଅନିବାର୍ଯ୍ୟ । ସେମାନଙ୍କ କୁଯୋଜନାରୁ ରକ୍ଷା ପାଇବା ସକାଶେ ସଦା ସର୍ବଦା ପାଇଁ ଏହି ଦୁଆ (ପ୍ରାର୍ଥନା) କରିବାକୁ ମୁସଲମାନମାନଙ୍କୁ ଶିଖା ଗଲା ଏବଂ କୁହାଗଲା ଯେ, ଏହି ଦୁଆ (ପ୍ରାର୍ଥନା) କରିବା ଅନିବାର୍ଯ୍ୟ** ଓ ଏହି ଦୁଆ କରିଚାଲ । ଯେତେବେଳେ ମୋର ଏହି ବକ୍ତୃତା ଶେଷ ହେଲା ସେତେବେଳେ ବଡ଼ ବଡ଼ ଧର୍ନାଢ୍ୟ ଓ ବିଦ୍ୱାନ ବ୍ୟକ୍ତିମାନେ କହିଲେ; ଆପଣ ର:ଅ ପବିତ୍ର କୁରଆନ ବେଶ ଭଲ ଭାବରେ ଅଧ୍ୟୟନ ଓ ଅନୁଶୀଳନ କରିଛନ୍ତି । ଆମେମାନେ ତ ନିଜର ସାରା ଜୀବନରେ ଏପରି ଅଭିନବ ତଥ୍ୟ ପୂର୍ବରୁ କଦାପି ଶୁଣି ନଥିଲୁ । ବସ୍ତୁତଃ ସତ୍ୟ ଏହିକି ଯେ ସମସ୍ତ ବ୍ୟଖ୍ୟାକାରୀଙ୍କ ବ୍ୟଖ୍ୟାକୁ ଦେଖି ନିଅନ୍ତୁ । ଦେଖିବାକୁ ପାଇବେ ଯେ ପବିତ୍ର କୁରଆନର ଏପରି ଗୂଢ ତଥ୍ୟ ଆଜି ପର୍ଯ୍ୟନ୍ତ କୌଣସି ମୁଫସୀର୍ ବର୍ଣ୍ଣନା କରି ନାହାନ୍ତି । ଯେତେବେଳେ କି ଉକ୍ତ ଅବସରରେ ମୋର ବୟସ ପ୍ରାୟ ୨୦ବର୍ଷ ଥିଲା ଏବଂ ଐଶ୍ୱର୍ଯ୍ୟମୟ ପ୍ରଭୁ ମୋତେ ଏହି ଗୂଢ ତଥ୍ୟମାନ ଶିଖାଇଥିଲେ । ବସ୍ତୁତଃ ଅଲ୍ଲାଃ ତାଲା ନିଜ ଦେବଦୂତଙ୍କ ମାଧ୍ୟମରେ ମତେ ପବିତ୍ର କୁର୍‌ଆନ୍‌ର ଶିକ୍ଷା ପ୍ରଦାନ କରିଛନ୍ତି ଏବଂ ମୋ ଅନ୍ତରରେ ଏଭଳି ଦକ୍ଷତା ଉତ୍ପନ୍ନ କରିଦେଇଛନ୍ତି ଯେପରି କି ଜଣକୁ ଗୋଟିଏ ଭଣ୍ଡାରର ଏକ ଗନ୍ଥାଘରର ଚାବିକାଠି ମିଳିଯାଇଥାଏ ଠିକ୍ ସେହିପରି ପବିତ୍ର କୁର୍‌ଆନ୍‌ର ଚାବିକାଠି ମତେ ପ୍ରଦାନ କରାଯାଇଅଛି । ଏ ଦୁନିଆରେ କୌଣସି ଜ୍ଞାନୀ ନାହାନ୍ତି ଯିଏ ମୋ ସାମନାକୁ ଆସିବ ଓ ମୁଁ ପବିତ୍ର କୁର୍‌ଆନ୍‌ର ବୈଶିଷ୍ଟ୍ୟ ତା ଉପରେ ପ୍ରକାଶ ନ କରିପାରିବି । ହଜୁର ଅନଓ୍ୱର ଅ:ବ:ଅ କହିଲେ:- ସେତେବେଳେ ଆପଣ ର:ଅ ଲାହୋରରେ ବକ୍ତୃତା ଦେଉଥିଲେ । ଆପଣ ର:ଅ କହିଲେ ଏଠାରେ ବିଶ୍ୱବିଦ୍ୟାଳୟ ରହିଛି, ଅନେକ ମହାବିଦ୍ୟାଳୟମାନ ରହିଛି । ବିଭିନ୍ନ ବିଭାଗର ବିଦ୍ୱାନ ଓ ଜ୍ଞାନୀଗୁଣି ମାନେ ଉପସ୍ଥିତ ଅଛନ୍ତି ମୁଁ ସେ ସମସ୍ତଙ୍କୁ ଆହ୍ୱାନ ଦେଉଅଛି ଯେ ପୃଥିବୀର କୌଣସି ଜ୍ଞାନରେ ନିପୁଣ ଓ ଦକ୍ଷ ବୁଦ୍ଧିଜୀବୀକୁ ମୋ ସମ୍ମୁଖକୁ ଆସନ୍ତୁ ବା ମହାନ୍ ପଣ୍ଡିତ ଓ ସୁପ୍ରଶିଦ୍ଧ ବୈଜ୍ଞାନିକ ମୋ ସମ୍ମୁଖକୁ ଆସନ୍ତୁ ଓ ସେ ନିଜ ଜ୍ଞାନବଳରେ ପବିତ୍ର କୁର୍‌ଆନ୍ ଉପରେ ଆପତି କରି ଦେଖିନିଅନ୍ତୁ ଯେ ମୁଁ ଈଶ୍ୱରଙ୍କ କୃପାରୁ ତାହାର ଏପରି ଉତର ଦେବି ଯେ ଶେଷରେ ଏ ଦୁନିଆ ଏହା ସ୍ୱୀକାର କରିବାକୁ ବାଧ ହେବ ଯେ ମୁଁ ତାହାର ଆପତି ଅଭିଯୋଗକୁ ରଦ୍ଦ କରି ଦେଇଛି । ମୁଁ ଏ ଦାବି ବି କରୁଅଛି ଯେ ମୁଁ ତାହା କଥନର ଖଣ୍ଡନ ପବିତ୍ର କୁର୍‌ଆନ୍‌ର ଶିକ୍ଷାରୁ ହିଁ ଉପସ୍ଥାପନ କରି ଦେଖାଇବି ଓ ଅଲ୍ଲାଃଙ୍କ ବାଣୀରୁ ହିଁ ତା ପ୍ରଶ୍ନର ଉତର ଦେବି । *(ଉଦ୍ଧୃତାଂଶ- ମୈଁ ହି ମୁସ୍‌ଲେହ୍ ମଉଦ୍ କି ପେଶଗୋଇ କା ମିସ୍‌ଦାକ୍ ହୁଁ, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୧୭, ପୃ-୨୧୩-୨୧୭)*

ଯେତେବେଳେ ହଜରତ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ସହିତ ଏ ଘଟଣା ଘଟିଲା

## ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ସେତେବେଳେ ଆପଣଙ୍କ ବୟସ ମାତ୍ର ୨୦ ବର୍ଷ ବୟସ ହୋଇଥିଲା ଏବଂ ପ୍ରଭୁଙ୍କ ଉପରେ ଆପଣଙ୍କର ଆସ୍ଥା ନିଜ ପୂର୍ଣ୍ଣତାରେ ପହଂଚିଯାଇଥିଲା କିନ୍ତୁ ଏହି ପୂର୍ଣ୍ଣ ବିଶ୍ୱାସ କେଉଁ ବୟସରେ ହୋଇଥିଲା ? ଏ ପ୍ରସଙ୍ଗରେ ନିଜେ ମୁସ୍‌ଲେହ୍ ମଉଦ୍ ର:ଅ ବର୍ଣ୍ଣନା କରିଛନ୍ତି ଯେ ଅଲ୍ଲାଃ ତାଲା ବାଲ୍ୟକାଳରୁ ହିଁ ଆପଣ ର:ଅଙ୍କୁ ମୁସ୍‌ଲେହ ମଉଦ୍‌ର ଦୃଷ୍ଟାନ୍ତ କରିଦେଇଥିଲେ ।

ଆପଣ ର:ଅ କୁହନ୍ତି ୧୯୦୦ ମସିହା ମୋ ହୃଦୟକୁ ଇସ୍‌ଲାମିୟ ନୀତି ପ୍ରତି ଧ୍ୟାନ କେନ୍ଦ୍ରିତ କରିବାର ବର୍ଷ ଥିଲା । ସେତେବେଳେ ମୋର ବୟସ ୧୧ ବର୍ଷ ହୋଇଥିଲା ଜଣେ ବ୍ୟକ୍ତି ହଜରତ ମସିହ୍ ମଉଦ୍ ଆ:ସଙ୍କ ପାଇଁ ଗୋଟିଏ ଛିଟ କିସମର ଜୁବା ଅର୍ଥାତ କୋଟ ଆଣି ଦେଲେ ମୁଁ ତାହାକୁ ନେଇଗଲି କାରଣ ତାହାର ରଙ୍ଗ ଓ ସୂକ୍ଷ୍ମ କାରୁକାର୍ଯ୍ୟ ମତେ ବେଶ୍ ପସନ୍ଦ ଆସିଥିଲା କିନ୍ତୁ ମୁଁ ତାହାକୁ ପରିଧାନ କରିପାରୁନଥିଲି କାରଣ ତାହା ମତେ ବେଶ୍ ବଡ଼ ହେଉଥିଲା ଯେବେ ମୁଁ ଏଗାର ବର୍ଷର ହୋଇଗଲି ଓ ୧୯୦୦ ମସିହା ଏ ସଂସାରରେ ପାଦ ଥାପିଲା ସେତେବେଳେ ମୋ ମନରେ ଏହି ପ୍ରଶ୍ନ ଉଙ୍କି ମାରିଥିଲା କି ଆମେ କାହିଁକି ପରମେଶ୍ୱରଙ୍କୁ ବିଶ୍ୱାସ କରୁଛେ ? ତାଙ୍କ ଅସ୍ତିତ୍ୱର ପ୍ରମାଣ କ'ଣ ? ମୁଁ ଏହି ପ୍ରସଙ୍ଗରେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚିନ୍ତା କଲି । ଶେଷରେ ୧୦/୧୧ ଘଟିକା ସମୟରେ ମୋ ହୃଦୟ ଏହି କଥାରେ ଉପନୀତ ହେଲା ଯେ, ହଁ ଜଣେ ପରମେଶ୍ୱର ଅଛନ୍ତି । ମୋ ପାଇଁ ଅତି ଆନନ୍ଦର ମୁହୂର୍ତ୍ତ ଥିଲା ଯେମିତି ଗୋଟିଏ ପିଲାକୁ ତା ମାଆ ମିଳିଗଲେ ତାକୁ ଯେତିକି ଖୁସି ଅନୁଭବ ହୋଇଥାଏ, ସେହିଭଳି ଖୁସି ମତେ ମିଳିଲା । କାରଣ ମୋର ସୃଷ୍ଟିକର୍ତ୍ତା ମୋତେ ମିଳି ଯାଇଥିଲେ । ସେତେବେଳେ ମୁଁ ଶୁଣିଥିବା ବିଶ୍ୱାସ ଜ୍ଞାନ ଭିତିକ ବିଶ୍ୱାସରେ ପରିଣତ ହୋଇଗଲା ମୁଁ ସେହି ଜାମାକୁ ପିନ୍ଧି ଆନନ୍ଦ ଅନୁଭବ କରୁଥିଲି ଓ ସେତେବେଳେ ମୁଁ ଅଲ୍ଲାଃତାଲାଙ୍କ ସମକ୍ଷରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ଦୁଆ କରିଥିଲି ଯେ ହେ ପ୍ରଭୁ ! ମୋ ମନରେ ତୁମ୍ଭ ଅସ୍ତିତ୍ୱ ସଂକ୍ରାନ୍ତରେ କଦାପି ତିଳେ ମାତ୍ର ଶଙ୍କା ସୃଷ୍ଟି ନହେଉ । ସେତେବେଳେ ମୋ ବୟସ ଥିଲା ଏଗାର ବର୍ଷ ଆଜି ମୁଁ ୩୫ ବର୍ଷରେ ପହଂଚିସାରିଛି । କିନ୍ତୁ ଆଜି ବି ସେହି ଦୁଆକୁ ସମ୍ମାନର ଦୃଷ୍ଟିରେ ଦେଖିଥାଏ ଓ ଆଜି ବି ମୁଁ ପ୍ରଭୁଙ୍କୁ ଏହି ଦୁଆ ମାଗୁଛି ଯେ ହେ ପ୍ରଭୁ ! ମୋତେ ତୁମ ଅସ୍ତିତ୍ୱ ପ୍ରସଙ୍ଗରେ ଦୃଢ ବିଶ୍ୱାସ ସ୍ଥାପନ କରାଅ । ହଁ ସେତେବେଳେ ମୁଁ ପିଲାଟିଏ ଥିଲି କିନ୍ତୁ ବର୍ତମାନ ମତେ ଅଧିକ ଅଭିଜ୍ଞତା ରହିଛି ଏବେ ମୁଁ ସେଥିରେ ଆଉ ଟିକିଏ ଅଧିକା କରି ନିବେଦନ କରୁଅଛି ଯେ ହେ ଖୁଦା ! ମତେ ତୁମ୍ଭ ଅସ୍ତିତ୍ୱ ସମ୍ବନ୍ଧରେ ହକ୍କୁଲ୍ ୟକିନ୍ (ଅର୍ଥାତ ସତ୍ ବିଶ୍ୱାସ) ପ୍ରାପ୍ତ ହେଉ । ସେ ଯାହା ହେଉ ଆପଣ ର:ଅ କୁହନ୍ତି; କଥା କୁଆଡୁ କୁଆଡ଼େ ଚାଲିଗଲା । ତେବେ ମୁଁ ଲେଖିଥିଲି ଯେ ଉକ୍ତ କୋଟ୍‌ଟିକୁ ମୁଁ ହଜୁର ଆ:ସଙ୍କଠାରୁ ମାଗିନେଇ ଗଲି (କାରଣ ମତେ ବହୁତ ପସନ୍ଦ ଆସିଥିଲା) ଯେବେ ମୋ ମନରେ ଭାବନାର ସେହି ଲହଡ଼ି ସୃଷ୍ଟି ହେବା ଆରମ୍ଭ ହେଲା, ଯାହାର ଚର୍ଚ୍ଚା ମୁଁ ଉପରେ କରିଆସିଛି । ଦିନେ ସକାଳେ ବା ଇଶରାକ୍ ସମୟରେ ମୁଁ ଓ୍ୱଜୁ କରି ଉକ୍ତ ଯୁବାଟିକୁ ପରିଧାନ କଲି ଏହା ଏଥିପାଇଁ ନୁହେଁ ଯେ ତାହା ମତେ ବହୁତ ପସନ୍ଦ ଥିଲା ବରଂ ତାହା ହଜୁର ଆ:ସଙ୍କ ସନ୍ତକ ଥିଲା । ଏହା ମୋର ପ୍ରଥମ ଅବସର ଥିଲା ଯାହାକି ପ୍ରଭୁ ତାଙ୍କ ନିଜ ପ୍ରିୟ ନବୀଙ୍କ ପ୍ରତି ମୋ ମନରେ ଉତ୍ପନ୍ନ କରିଦେଇଥିଲେ । ଆପଣ ର:ଅ କୁହନ୍ତି: ସେତେବେଳେ ମୁଁ ଘରର କବାଟ ବନ୍ଦ କରି କାନ୍ଦି କାନ୍ଦି ବହୁତ ଦୁଆ କରିଥିଲି ନଫିଲ୍ ପଢ଼ିଲି । *(ଉଦ୍ଧୃତାଂଶ- ଯାଦେ ଅୟାମ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୮, ପୃ-୩୬୫-୩୬୬)* କରିଛନ୍ତି ଯେ ୧୧ ବର୍ଷ ବୟସରେ ମୁଁ କିଭଳି ପରମେଶ୍ୱରଙ୍କୁ ପାଇଲି ଓ ତାଙ୍କୁ ଚିହ୍ନିଲି । ଆପଣ ର:ଅ କୁହନ୍ତି ସେତେବେଳେ ମୁଁ ୧୧ ବର୍ଷର ହୋଇଥିଲି ଯେ ପରମେଶ୍ୱର ମତେ ଏହି ସାମର୍ଥ୍ୟ ଓ ସୌଭାଗ୍ୟ ପ୍ରଦାନ କଲେ ଯେ ମୁଁ ନିଜ ଆସ୍ଥାକୁ ବିଶ୍ୱାସରେ ପରିବର୍ତ୍ତନ କରିଦିଏ । ଏକଦା ମୁଁ ସନ୍ଧ୍ୟାକାଳୀନ ନମାଜ ସମୟରେ ଅର୍ଥାତ ମଗ୍‌ରିବ୍ ନମାଜ ସମୟରେ ନିଜ ଘରେ ଛିଡ଼ା ହୋଇଥିଲି ଯେ ହଠାତ୍ ମନରେ ଏ କଥା ସୃଷ୍ଟି ହେଲା ଯେ କଣ ମୁଁ ଏଥିସକାଶେ ଅହେମଦୀ ହୋଇଛି ଯେ ମୋ ପିତା ହେଉଛନ୍ତି ଏ ଜମାତ୍‌ର ସଂସ୍ଥାପକ ଅବା ମୁଁ ଏଥିସକାଶେ ଅହେମଦୀ ହୋଇଛି ଯେ ଏହା ଏକ ସତ୍ ଧର୍ମ ଏବଂ ଏହି ଗୋଷ୍ଠୀର ଗଠନ ପରମେଶ୍ୱର ସ୍ୱୟମଂ କରିଛନ୍ତି (ଏହାର ଭିର୍ତିପ୍ରସ୍ତର ନିଜ ହସ୍ତରେ ରଖିଛନ୍ତି) ଏହି ଚିନ୍ତା ଉତ୍ପନ୍ନ ହେବା ପରେ ମୁଁ ନିଷ୍ପତି କଲି ଯେ ମୁଁ ଏ ପ୍ରସଙ୍ଗରେ ଚିନ୍ତା ଓ ଅନୁଧ୍ୟାନ କରି ହିଁ ଏଠାରୁ ଯିବି ଅର୍ଥାତ ଏହାର ଉତର ନ ମିଳିଲା ପର୍ଯ୍ୟନ୍ତ ମୁଁ ଏଠାରୁ ଯିବି ନାହିଁ । ଯଦି ମୁଁ ଏହି କଥାରେ ଉପନୀତ ହେଲି କି ଅହେମଦୀୟତ୍ ସତ୍‌ଧର୍ମ ନୁହେଁ ତେବେ ମୁଁ ନିଜ କୋଠରୀରେ ପ୍ରବେଶ କରିବିନାହିଁ ବରଂ ଏହି ପ୍ରାଙ୍ଗଣରୁ ହିଁ ବାହାରକୁ ଚାଲିଯିବି ଏହି ଚିନ୍ତାଧାରା ଜଣେ ଏଗାର ବର୍ଷ ବାଳକର ଥିଲା । ତେବେ ଆପଣ ର:ଅ କୁହନ୍ତି ଏହି ପ୍ରସଙ୍ଗକୁ ମୁଁ ଆଖି ଆଗରେ ରଖି ଆ ଉପରେ ଚିନ୍ତା ଓ ଅନୁଶୀଳନ କରିବା ଆରମ୍ଭ କଲି । ସ୍ୱଭାବିକ ଭାବରେ ଏହି ଚିନ୍ତା ଓ ଅନୁଧ୍ୟାନ କରିବା ଯୋଗୁଁ, ଏହା ଫଳରେ ଏବଂ କେତେକ ଦଲିଲ୍ ମୋ ଦୃଷ୍ଟିଗୋଚର ହେଲା ଯାହାର ମୁଁ ବିଶ୍ଳେଷଣ କଲି । କେବେ ଗୋଟିଏ ଦଲିଲ୍ ଦେଇ ତାହାର ରଦ୍ଦ କରିଦେଉଥିଲି ତ ଆଉ କେତେବେଳେ ଆଉ ଗୋଟିଏ ଦଲିଲ୍ ଦେଉଥିଲି ପୁନଶ୍ଚ ଆଉ କେତେବେଳେ ଆଉ ଗୋଟିଏ ଦଲିଲ୍ ଉପସ୍ଥାପନ କରୁଥିଲି ଏହିପରି ଭାବରେ ମୋ ମନରେ ଏ ପ୍ରଶ୍ନ ଉଠିଲା ଯେ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ସତ୍ୟବାଦୀ ରସୁଲ୍ ଅଟନ୍ତି ? କଣ ମୁଁ ତାହାଙ୍କୁ ଏଥିପାଇଁ ସତ୍ୟବାଦୀ ବୋଲି ମାନୁଅଛି ଯେ, ମୋ ମାଆ ବାପାଙ୍କର ଏ ବିଶ୍ୱାସ ରହିଛି ଯେ ସେ ହେଉଛନ୍ତି ସତ୍ୟବାଦୀ ? ବା ମୁଁ ତାହାଙ୍କୁ ଏଥିପାଇଁ ସତ୍ୟବାଦୀ ବୋଲି ମଣୁଅଛି ଯେ ମୋ ଉପରେ ପ୍ରାମାଣିକ ଭାବରେ ଏହା ପ୍ରକାଶ ହୋଇଯାଇଅଛି ଯେ ବାସ୍ତବପକ୍ଷେ ଆଁ ହଜରତ ସ:ଆ:ସ ହେଉଛନ୍ତି ସତ୍ୟବାଦୀ ରସୁଲ୍ । ଯେତେବେଳେ ଏହି ପ୍ରଶ୍ନ ମୋ ମନ ଭିତରେ ଉଠିଲା, ମୁଁ ମନେ ମନେ କହିଲି ଯେ, ଆଜି ମୁଁ ଏହି କଥାର ନିଷ୍ପତି କରିକି ହିଁ ରହିବି (ଅର୍ଥାତ ଏହି ପ୍ରଶ୍ନର ସମାଧାନ ହେବା ଅତି ଜରୁରୀ) ତା'ପରେ ସ୍ୱଭାବିକ ଭାବରେ ଅଲ୍ଲାଃ ତାଲାଙ୍କ ସମ୍ବନ୍ଧରେ ମୋ ମନରେ ପ୍ରଶ୍ନ ସୃଷ୍ଟି ହେଲା । ମୁଁ କହିଲି ଏ ପ୍ରଶ୍ନର ବି ସମାଧାନ ହେବା ଉଚିତ ଯେ ମୁଁ ଅଲ୍ଲାଃ ତାଲାଙ୍କୁ କେବଳ ଔପଚାରିକ ଭାବରେ ମାନୁଛି ନା ବାସ୍ତବିକ ଭାବରେ ଏକଥା ମୋ ଉପରେ ସ୍ପଷ୍ଟ ହୋଇଯାଇଛି ଯେ ଏ ସଂସାରରେ ଜଣେ ଈଶ୍ୱର ଅଛନ୍ତି ? ଅତଏବ ମୁଁ ଏହି ପ୍ରଶ୍ନ ଉପରେ ଅନୁଶୀଳନ କରିବା ଆରମ୍ଭ କରିଦେଲି ସୁତରାଂ ପରମେଶ୍ୱରଙ୍କ ଅସ୍ତିତ୍ୱ ମୋ ଉପରେ ସ୍ପଷ୍ଟ ରୂପେ ପ୍ରମାଣିତ ହୋଇଗଲା ଓ ମୋ ମନ ଏହା ମାନିନେଲା ଯେ ଯଦି ଈଶ୍ୱର ଅଛନ୍ତି, ତା'ହେଲେ ମୁହମ୍ମଦ ସ:ଆ:ସ ସଚ୍ଚା ରସୁଲ୍ ଅଟନ୍ତି । ଯଦି ମୁହମ୍ମଦ ସ:ଆ:ସ ସଚ୍ଚା ରସୁଲ୍, ତା'ହେଲେ ହଜରତ ମସିହ୍ ମଉଦ୍ ଆ:ସ ବି ସଚ୍ଚା ଅଟନ୍ତି । ତା'ହେଲେ ଅହେମଦୀୟତ୍ ବି ନିଶ୍ଚିତ ରୂପେ ସଚ୍ଚା । ଏବେ ଯଦି ଦୁନିଆରେ କୌଣସି ଈଶ୍ୱର ନାହାନ୍ତି ତା'ହେଲେ ଏମାନଙ୍କ ମଧ୍ୟରୁ କେହି ବି ସଚ୍ଚା ନୁହନ୍ତି । (ଅର୍ଥାତ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ଓ ହଜରତ ମସିହ ମଉଦ ଅ.ସଙ୍କ ସତ୍ୟବାଦୀ ହେବା ମଧ୍ୟ ମୋ ଉପରେ ଉନ୍ମୋଚିତ ହୋଇଗଲା । ସେ ଯାହା ହେଉ ଏହା ଏକ ବଳିଷ୍ଠ ପ୍ରମାଣ ଯେ ଅଲ୍ଲାଃତାଲା ଆପଣ ର:ଅଙ୍କୁ ପ୍ରକାଶ୍ୟ ଓ ଅପ୍ରକାଶ୍ୟ ଜ୍ଞାନରେ ପରିପୂର୍ଣ୍ଣ କରିବେ । ଯଦି ହଜରତ ମସିହ୍ ମଉଦ୍ ଆ:ସ ସତ୍ୟବାଦୀ ଅଟନ୍ତି ତେବେ ସୁନିଶ୍ଚିତ ରୂପେ ଅହେମଦୀୟତ ମଧ୍ୟ ସତ୍ ଧର୍ମ ଅଟେ ଯଦି ଏହି ଭବ ସଂସାରର କେହି ସୃଷ୍ଟିକର୍ତ୍ତା ଇଷ୍ଟଦେବତା ନାହାନ୍ତି ତେବେ କେହି ହେଲେ ମଧ୍ୟ ସତ୍ୟବାଦୀ ନୁହନ୍ତି) । ସେ ଯାହା ହେଉ ନା କାହିଁକି ମୁଁ ନିର୍ଣ୍ଣୟ କରିନେଲି ଓ ଏହି କଥାରେ ଉପନୀତ ହେଲି ଯେ ଆଜି ମୁଁ ଏହି ପ୍ରଶ୍ନର ସମାଧାନ କରିକି ହିଁ ରହିବି । ଆଉ ଯଦି ମୁଁ ଏହି କଥାରେ ଉପନୀତ ହେଲି ଯେ ଅହେମଦୀୟତ ସତ୍‌ଧର୍ମ ନୁହେଁ ତେବେ ମୁଁ ନିଜ କୋଠରୀରେ ପ୍ରବେଶ କରିବି ନାହିଁ ବରଂ ଏହିଠାରୁ ହିଁ ବାହାରକୁ ଚାଲିଯିବି । ତେବେ ଆପଣ କୁହନ୍ତି ଏହି ପ୍ରସଙ୍ଗରେ ମୁଁ ଗବେଷଣା କଲି ନିଜର ସ୍ୱଳ୍ପ ବୟସ ଯୋଗୁଁ ମୁଁ କୌଣସି ସ୍ୱୀକାର ଯୋଗ୍ୟ ଉତର ପାଇଲି ନାହିଁ କିନ୍ତୁ ତଥାପି ମୁଁ ଅନୁଧ୍ୟାନ କରୁଥାଏ ଏପରି କି ମୋ ମନ ମସ୍ତିଷ୍କ ଥକି ପଡ଼ିଲା ।

ସେତେବେଳେ ମୁଁ ଆକାଶ ମାର୍ଗକୁ ଚାହିଁଲି ସେଦିନି ଆକାଶରେ ମେଘମାଳା ନଥିଲା । ଏପରି ସମ୍ଭବତଃ ପ୍ରଭୁ ତାଙ୍କୁ ଶିଖାଇବାକୁ ଚାହୁଁଥିଲେ । ଆପଣ ର:ଅ କୁହନ୍ତି ଆକାଶ ଯାହାକି ପରିଷ୍କାର ଥିଲା ଏବଂ ତାରକା ପୁଞ୍ଜ ଝଲକି ଉଠୁଥିଲା । ଗୋଟିଏ ଥକି ପଡ଼ିଥିବା ମସ୍ତିଷ୍କ ପାଇଁ ଏମିତି ସୁନ୍ଦର ଦୃଶ୍ୟ ଠାରୁ ବଳି ଆଉ କିଛି ଦୃଶ୍ୟ ହୋଇପାରିଥାନ୍ତା କି । ଅତଏବ ସେହି ତାରକାମାନଙ୍କୁ ଦେଖି ସେମାନଙ୍କ ମଧ୍ୟରେ ହଜି ଯିବା ମୋ ପାଇଁ ଏକ ସାଧାରଣ କଥା ଥିଲା । କିଛି କ୍ଷଣ ପରେ ଯେତେବେଳେ ମୋ ମନ ମସ୍କିଷ୍କ ସତେଜତା ହାସଲ କଲା ସେତେବେଳେ ମୁଁ ମନରେ କହିଲି ସେହି ସୌନ୍ଦର୍ଯ୍ୟ ମୟ ତାରକା ପୁଞ୍ଜ ଯେ କି ମତେ ଦୃଶ୍ୟମାନ ହେଉଛନ୍ତି ଏମାନଙ୍କର ପଛରେ ଆଉ କଣ ଅଛି ? । ସେତେବେଳେ ମୁଁ ମୋ ମନରେ ଉତର ଆସିଲା ସେମାନଙ୍କ ପରେ ଅର୍ଥାତ ଏହି ତାରକାମାନଙ୍କ ପରେ ଅନ୍ୟ ତାରକା ପୁଞ୍ଜମାନ ଥିବେ । ଏହିପରି ପୁନଶ୍ଚ ପ୍ରଶ୍ନ ଉଙ୍କି ମାରିଲା ତା ପରେ କଣ ହେବ ? ସେତେବେଳେ ପୁନଶ୍ଚ ମୋ ମନରେ ଉତର ଆସିଲା ସେମାନଙ୍କ ପରେ ଅନ୍ୟ ତାରକା ପୁଞ୍ଜମାନ ଆସିଯିବେ । ପ୍ରଶ୍ନ ପୁନଶ୍ଚ ଉଠିଲା କଣ ଗୋଟିଏ ପରେ ଦ୍ୱିତୀୟ, ଦ୍ୱିତୀୟ ପରେ ତୃତୀୟ ଓ ତୃତୀୟ ପରେ ଚତୁର୍ଥ ତାରକାପୁଞ୍ଜମାନ ଉତ୍ପନ୍ନ ହୋଇଚାଲିଥିବେ । କଣ ଏହି କ୍ରମ କେଉଁଠି ଶେଷ ହେବ କି ନାହିଁ । ଯଦି ଶେଷ ହୋଇଯିବ ତା'ପରେ ପୁଣି କଣ ଘଟିବ ? ଏହା ହେଉଛି ସେହି ପ୍ରଶ୍ନ ଯାହା ପ୍ରସଙ୍ଗରେ ଅଧିକାଂଶ ଲୋକ ଆଚମ୍ବିତ ହୋଇ ରହିଯାଇଥାନ୍ତି ଏବଂ କହିଥାନ୍ତି ଯେ ଆମେ ତ କହୁଛେ ପରମେଶ୍ୱର ଅସୀମିତି ଏହାର ଅର୍ଥ କଣ ? ପ୍ରଭୁ ଅନନ୍ତ କାଳରୁ ହେବାର ଅର୍ଥ କଣ ? ଶେଷରେ କୌଣସି ନା କୌଣସି ସୀମା ତ ରହିବା ଉଚିତ । ଏହି ପ୍ରଶ୍ନ ମୋ ମନରେ ତାରକାମାନଙ୍କ ପ୍ରସଙ୍ଗରେ ଉତ୍ପନ୍ନ ହୋଇଥିଲା ଏବଂ ମୁଁ କହିଲି ଶେଷରେ ଏହି କ୍ରମପର୍ଯ୍ୟାୟ କୌଣସି ସ୍ଥଳେ ଶେଷ ହେବ କି ନାହିଁ । ଯଦି ଏହାର ଶେଷ ଥିବ ତେବେ ସେଥିଅନ୍ତେ କଣ ହେବ ? ଆଉ ଯଦି ଏହାର ଅନ୍ତ ନାହିଁ ତେବେ କଣ ହେବ ? ଏହା କେଉଁ ପ୍ରକାରର କ୍ରମ ଯାହାର କୌଣସି ଅନ୍ତ ନାହିଁ ? ଯେତେବେଳେ ମୁଁ ଏହି କଥାରେ ଉପନୀତ ହେଲି ସେତେବେଳେ ମୁଁ କହିଲି ପ୍ରଭୁଙ୍କ ସତା ପ୍ରସଙ୍ଗରେ ସୀମା ନିର୍ଦ୍ଧାରଣ କରିବା ପ୍ରଶ୍ନ ହିଁ ନିରର୍ଥକ କାରଣ ଯଦି ଆମେ ତାହାକୁ ସୀମିତ କରିବାକୁ ଚାହିଁବା ତେବେ ଆମ ପାଇଁ ତାହା ସୀମିତ ହୋଇଯିବ ଆଉ ଅନ୍ୟ ବିଷୟ ଆରମ୍ଭ ହୋଇଯିବ ଆଉ ଯଦି ତାରକାମାନେ ଅସୀମିତ ହେବା କଥା ମଣିଷ ବିଶ୍ୱାସ କରୁଛି ତେବେ ଅଲ୍ଲାଃଙ୍କ ଅସୀମିତ ହେବା ବିଶ୍ୱାସ କରିବାରେ କଣ ବାଧକ ସାଜୁଛି ? ସେତେବେଳେ ମୋ ହୃଦୟ ସାକ୍ଷ୍ୟ ଦେଲା ବାସ୍ତବରେ ପରମେଶ୍ୱର ସର୍ବତ୍ର ବିଦ୍ୟମାନ କାରଣ ସେ ନିଜ ପ୍ରକୃତିର ନିୟମ ଭିତରେ ଏପରି ଆପତି ରଖିଛନ୍ତି ଯାହା କି ତାଙ୍କ ସତା ପ୍ରସଙ୍ଗରେ ସୃଷ୍ଟି ହୋଇଥାଏ । ସେ କୁହନ୍ତି ତୁମେମାନେ ମତେ ଅଦୃଶ୍ୟ ଭାବରେ ଜାଣି ଯଦି ଏ ଆପତି କରୁଅଛ ତାହେଲେ ଯାହା କିଛି ତୁମେ ଦେଖୁଛ, ଯେଉଁ ବସ୍ତୁଗୁଡ଼ିକୁ ତୁମେ ଦେଖିପାରୁଛ ନିଜ ଚତୁଃପାର୍ଶ୍ୱରେ ତେବେ ସେଥି ସମ୍ବନ୍ଧରେ ତୁମେ କଣ କହିବ ? ଯେବେକି ସେହି ଆପତି ଅଭିଯୋଗ ଯାହା ତୁମେମାନେ ମୋ ଉପରେ କରୁଅଛ, ସେହି ଆପତି ସେମାନଙ୍କ ଉପରେ ବି ଲାଗୁ ହେଉଅଛି ଏବଂ ତୁମ ନିକଟରେ ତାହାର କୌଣସି ଉତର ନାହିଁ । ତେବେ କଣ ତୁମେ ପ୍ରଭୁଙ୍କ ପ୍ରସଙ୍ଗରେ କହିପାରିବ ଯାହା କି ତୁମର ସୀମିତ ବୁଦ୍ଧି ଜ୍ଞାନ ଦ୍ୱାରା ବୁଝା ପଡୁନାହିଁ ଯେ ସେହି ପରାକ୍ରମୀ ପରମେଶ୍ୱର ଅସୀମିତ ଅଟନ୍ତି । ଆଉ ଏକ ସ୍ଥାନରେ ଆପଣ ର:ଅ କୁହନ୍ତି: ଯେତେବେଳେ ଦଲିଲ୍ ଦ୍ୱାରା ପରମେଶ୍ୱରଙ୍କ ସତା ବିଦ୍ୟମାନ ହେବା ମୋ ଉପରେ ପ୍ରମାଣିତ ହୋଇଗଲା ସେତେବେଳେ ହଜୁର ସ:ଆ:ସ ଓ ହଜରତ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତା ମୋ ଉପରେ ସ୍ପଷ୍ଟ ଉନ୍ମୋଚିତ ହୋଇଗଲା । *(ଉଦ୍ଧୃତାଂଶ ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୧୯, ପୃ-୬୮୯-୬୯୨)*

ସେ ଯାହା ବି ହେଉ ଏହା ହବି ଅଲ୍ଲାଃ ତାଲାଙ୍କର ଆପଣ ର:ଅଙ୍କୁ ସମସ୍ତ ଜ୍ଞାନରେ ପରିପୂର୍ଣ୍ଣ କରିଥିବାର ଏକ ପ୍ରମାଣ । ଏବେ ଦେଖନ୍ତୁ ଜଣେ ସାମାନ୍ୟତମ ଜ୍ଞାନ ଆହାରଣ କରିଥିବା ପିଲା ହୃଦୟରେ ଏହି ପ୍ରଶ୍ନର ଉତ୍ପନ୍ନ ହେବା ପୁନଶ୍ଚ ତାହାର ସମାଧାନ ପାଇଁ ତାଙ୍କର ମାର୍ଗଦର୍ଶନ କରିବା ଏହି କଥାର ପ୍ରମାଣ ସେ ମୋତେ ସମସ୍ତ ପ୍ରକାରର ଜ୍ଞାନରେ ପରିପୂର୍ଣ୍ଣ କରିଥିଲେ ।

ଜମାଅତ ଅହେମଦିୟାର ପ୍ରଥମ ଖଲିଫା ଏହା ହିଁ ବୁଝିଥିଲେ, ଯେ ଏହି ବାଳକ ହିଁ ମୁସଲେହ୍ ମଉଦ ଅର୍ଥାତ ଅଙ୍ଗୀକାର ସଂସ୍କାରକର ଦୃଷ୍ଟାନ୍ତ ହେବ । ହଜରତ ମୁସଲେହ୍ ମଉଦ ଗୋଟିଏ ଦୁଇଟି ଘଟଣାବଳୀ ଉଲ୍ଲେଖ କରିଛନ୍ତି । ବହୁ ଦିନ ପୂର୍ବେ ଯେ ପ୍ରଥମେ ପ୍ରଥମେ ମୁଁ ମୋର କିଛି ସାଥିମାନଙ୍କ ସହିତ ମିଶି "ତଶ୍‌ହିଜୁଲ୍ ଅଜହାନ୍" ପତ୍ରିକା ଜାରି କରିଥିଲି ଓ ସେହି ପତ୍ରିକା 'ତଶ୍‌ହିଯୁଲ୍ ଅଜହାନ୍'କୁ ପ୍ରଭାବଶାଳୀ କରିବା ସକାଶେ ତାହାକୁ ପ୍ରକାଶ

କରିବାର ଉଦ୍ଦେଶ୍ୟ ଓ ଗୁରୁତ୍ୱ ପ୍ରସଙ୍ଗରେ ଗୋଟିଏ ପ୍ରବନ୍ଧ ଲେଖିଥିଲି, ଯେଉଁଥିରେ ମୁଁ ତାହାର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲି । ତାହା ଯେତେବେଳେ ପ୍ରକାଶ ପାଇଲା, ସେତେବେଳେ ହଜରତ ଖଲିଫତୁଲ୍ ମସିହ୍ ପ୍ରଥମ ର:ଅ ହଜରତ ମସିହ ମଉଦ ଅ.ସଙ୍କ ନିକଟରେ ବହୁତ ପ୍ରଶଂସା କରିଥିଲେ ତଥା ନିବେଦନ କଲେ ଯେ ଏହି ସନ୍ଦର୍ଭଟି ଏଭଳି ମର୍ମସ୍ପର୍ଶୀ ଯେ ହଜୁର ଆପଣ ଏହାକୁ ନିଶ୍ଚିତ ରୂପେ ପଢ଼ିବା ଉଚିତ । ଅତଏବ ହଜରତ ମସିହ୍ ମଉଦ୍ ଆ:ସ ମସ୍‌ଜିଦ୍ ମୁବାରକ୍‌ରେ ଉକ୍ତ ପତ୍ରିକାକୁ ମଗାଇଲେ ଓ ସମ୍ଭବତଃ ତାହା ମୌଲବୀ ମୁହମ୍ମଦ ଅଲୀଙ୍କ ଦ୍ୱାରା ପଢ଼ାଇ ଶୁଣିଲେ ଏବଂ ପ୍ରଶଂସା ମଧ୍ୟ କରିଥିଲେ । ପରବର୍ତୀ ସମୟରେ ଯେତେବେଳେ ମୁଁ ହଜରତ ଖଲିଫତୁଲ୍ ମସିହ୍ ପ୍ରଥମଙ୍କ ସହିତ ସାକ୍ଷାତ କଲି । ସେ ପ୍ରଥମେ ତ ସେ ହଜରତ ମସିହ୍ ମଉଦ୍ ଆ:ସଙ୍କ ସମ୍ମୁଖରେ ପ୍ରଶଂସା କରିଥିଲେ କିନ୍ତୁ ପରେ ବ୍ୟକ୍ତିଗତ ସ୍ତରରେ ସେ ମତେ କହିଲେ; ମିଆଁ ତୁମ ରଚିତ ପ୍ରବନ୍ଧଟି ଅତି ସୁନ୍ଦର ଓ ମର୍ମସ୍ପର୍ଶୀ ଥିଲା କିନ୍ତୁ ତାହା ମୋ ହୃଦୟକୁ ସେତେଟା ଆନନ୍ଦିତ କରିପାରିଲା ନାହିଁ । ତଥା ପୁଣି ସେ କହିଲେ ଆମ ଦେଶରେ ଏହି ଲୋକ କଥା ରହିଛି ଯେ ଓଟର ମୂଲ୍ୟ ୪୦ ଟଙ୍କା ଓ ତାହାର ଶାବକର ମୂଲ୍ୟ ୪୨ ଟଙ୍କା । (ଅର୍ଥାତ ଛୁଆର ମୂଲ୍ୟ ମାଆ ଓଟ ଠାରୁ ୨ଟଙ୍କା ଅଧିକ) । ଅତଏବ ତୁମେ ଏହି ଲୋକ କଥାକୁ ଚରିତାର୍ଥ କରିପାରିଲ ନାହିଁ । ମୁଁ ତ ଏତେ ପଞ୍ଜାବୀ ଭାଷା ଜାଣିନଥିଲି । ସୁତରାଂ ହଜରତ ମୁସ୍‌ଲେହ୍ ମଉଦ୍ ର:ଅ କୁହନ୍ତି ମୁଁ ଏହାର ଅର୍ଥ ବୁଝି ପାରୁନଥିଲି ତେଣୁ ମୋ ମୁଖ ମଣ୍ଡଳରେ ଆଶ୍ଚର୍ଯ୍ୟତାର ଭାବ ପରିପ୍ରକାଶ ହେଉଥିଲା । ଏହା ଲକ୍ଷ୍ୟ କରି ହଜରତ ଖଲିଫତୁଲ ମସିହ୍ ଅୱ୍ୱଲ୍ ଅର୍ଥାତ ପ୍ରଥମ ଖଲିଫା କହିଲେ ବୋଧ ହୁଏ ତୁମେ ଏହାର ଅର୍ଥ ବୁଝିପାରିଲ ନାହିଁ । ତେବେ ସେ ଏହାର ଆହୁରି ଉଦାହରଣ ଦେଇ ବୁଝାଇଲେ ଯେ ଜଣେ ବ୍ୟକ୍ତି ନିଜର ଓଟ ବିକ୍ରି କରୁଥିଲା ଏବଂ ସେହି ଓଟ ସହିତ ତାହାର ଶାବକ ମଧ୍ୟ ଥିଲା ଯାହାକୁ ସେହି ଅଂଚଳରେ ତୁଡ଼ା କୁହନ୍ତି କେହି ଜଣେ ଯେତେବେଳେ ତାକୁ ଓଟ ର ମୂଲ୍ୟ କେତେ ବୋଲି ପଚାରିଲା ସେତେବେଳେ ସେହି ବ୍ୟକ୍ତି ଜଣକ ଏହି ଉତର ଦେଲା ଯେ ଓଟର ମୂଲ୍ୟ ୪୦ ଟଙ୍କା କିନ୍ତୁ ଶାବକର ମୂଲ୍ୟ ୪୨ ଟଙ୍କା ? ଏଥିରେ ସେ ଏହାର ଅର୍ଥ ବୁଝିବା ପାଇଁ ତାକୁ ପଚାରନ୍ତେ, ସେ କହିଲା ଟୋଡ଼ା ହେଉଛି ଗୋଟିଏ ଓଟ ବି ଓ ଗୋଟିଏ ଓଟ ଛୁଆ ବି । ସେହି ବ୍ୟକ୍ତିକୁ ପ୍ରଶ୍ନ କର୍ତା କହିଲା ଯେ ଆଜ୍ଞା ଏ କି କଥା ଓଟର ମୂଲ୍ୟ ତ ୪୦ ଟଙ୍କା ଓ ଶାବକର ମୂଲ୍ୟ ତା'ଠାରୁ ଅଧିକ ଅର୍ଥାତ ୪୨ ଟଙ୍କା । ତେବେ ଏହିପରି ଭାବରେ ତୁମ ସମ୍ମୁଖରେ ହଜରତ ମସିହ ମଉଦ ଅ.ସଙ୍କ ଆଲେଖ୍ୟ 'ବରାହିନେ ଅହେମଦିୟା' ଉପସ୍ଥିତ ଅଛି । ହଜୁର ଆ:ସ ଯେଭଳି ପୁସ୍ତକ ରଚନା କରିଛନ୍ତି (ଅର୍ଥାତ ବରାହିନେ ଅହେମଦିୟା ଭଳି ପୁସ୍ତକ) ମୋର ଆଶା ଥିଲା ଯେ ତୁମେ ସେଥିରୁ ଉପକୃତ ହୋଇ ତା'ଠାରୁ ବଳି କିଛି ଅଧିକ ଲେଖିବ ଓ ସେଥିରୁ ଲାଭ ଉଠାଇବ । ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି ମାମୁରିନ୍ (ଅର୍ଥାତ ଈଶ୍ୱରଙ୍କ ନିକଟରୁ ନିର୍ଦ୍ଦେଶ ପ୍ରାପ୍ତ କରି ଆସିଥିବା ବ୍ୟକ୍ତିଙ୍କ) ଠାରୁ ବଳି ଜ୍ଞାନ କେହି ଆଣିପାରିବେ ନାହିଁ । (ଏହାର ପ୍ରଶ୍ନ ହିଁ ଉଠୁନାହିଁ) ସେମାନଙ୍କର ଗୁପ୍ତ ନିଧିକୁ ବାହାର କରି ଉପସ୍ଥାପିତ କରିବା ବ୍ୟତୀତ ଆଉ କୌଣସି ପନ୍ଥା ହିଁ ନାହିଁ । ହଜରତ ଖଲିଫତୁଲ୍ ମସିହ୍ ଅୱ୍ୱଲ୍ ର:ଅଙ୍କ କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ, ଆଗାମି ବଂଶଧରଙ୍କର ଏହା କର୍ତବ୍ୟ ହୋଇଥାଏ ଯେ, ସେମାନେ ବିଗତ ମୁଳଦୁଆକୁ ଆହୁରି ଉଚା ତଥା ଦୃଢ଼ିଭୁତ କରିବା ଉଚିତ (ଉଚ୍ଚ ସ୍ତରକୁ ତାହାକୁ ପହଂଚାଇବା ଉଚିତ) ।

ହଜରତ ଖଲିଫତୁଲ୍ ମସିହ୍ ଅୱ୍ୱଲ୍ ର:ଅ ହଜରତ ମୁସ୍‌ଲେହ ମଉଦ ର:ଅଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଭଲଭାବରେ ଅବଗତ ଥିଲେ ଏବଂ ତାଙ୍କ ଜ୍ଞାନ ସହିତ ମଧ୍ୟ ସେ ଭଲ ଭାବରେ ପରିଚିତ ଥିଲେ । ଏ ସବୁ ସତ୍ୱେ ମଧ୍ୟ ପ୍ରଥମ ଖଲିଫା ହଜରତ ଖଲିଫତୁଲ୍ ମସିହ୍ ଅୱ୍ୱଲ୍ ର:ଅ ଏହି ବିଶ୍ୱାସ ରଖିଥିଲେ ଯେ, ଏହି ବାଳକ ମଧ୍ୟରେ ଏତେ ପ୍ରତିଭା ରହିଛି ଯେ ସେ ଅତ୍ୟନ୍ତ ଉନ୍ନତମାନର ପ୍ରବନ୍ଧ ରଚନା କରିବାକୁ ସକ୍ଷମ । ସେ ଯାହା ହେଉ ନା କାହିଁକି ହଜରତ ମୁସ୍‌ଲେହ୍ ମଉଦ ର:ଅ କୁହନ୍ତି ଏହା ହେଉଛି ଏଭଳି ଏକ କଥା ଯାହାକୁ ଆଗାମି ବଂଶଧରମାନେ ସ୍ମରଣ ରଖିବା ଉଚିତ । ତାହେଲେ ସେମାନେ ସ୍ୱୟମ କଲ୍ୟାଣ ଓ କୃପା ଲାଭ କରିବେ ଏବଂ ସମଗ୍ର ଜାତି ପାଇଁ ମଧ୍ୟ କଲ୍ୟାଣ ପ୍ରଦାନକାରୀ ସାଜି ପାରିବେ କିନ୍ତୁ ନିଜ ପିତୃପୁରୁଷମାନଙ୍କଠାରୁ ପୂଣ୍ୟ କଥାରେ ଆଗକୁ ଅଗ୍ରସର ହେବା ନିମନ୍ତେ ପ୍ରୟାସ କରିବା ଉଚିତ । ଏପରି ନ ହେଉ କି ଜଣେ ଚୋରର ସନ୍ତାନ ଚୋରି କରିବା ପାଇଁ ଚେଷ୍ଟା କରୁ ଯେ ସେ ତା ବାପାଠାରୁ ବଳି ଚୋର ହେଉ । କହିବାର ତାତ୍ପର୍ଯ୍ୟ ଏହିକି ଯେ ନମାଜ ପଢୁଥିବା ବ୍ୟକ୍ତିର ସନ୍ତାନ ସର୍ବଦା ଏହି ପ୍ରୟାସ କରିବା ଉଚିତ ଯେ ସେ ତା ପିତାଙ୍କଠାରୁ ଅଧିକ ଉତମ ରୂପେ ନମାଜ ସମ୍ପାଦନ କରୁ । *(ଉଦ୍ଧୃତାଂଶ ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୩, ପୃ-୪୮୪-୪୮୫)*

ହଜରତ ମୁସ୍‌ଲେହ୍ ମଉଦ ର:ଅଙ୍କ ବାଲ୍ୟକାଳ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପୂର୍ବେ ମଧ୍ୟ ଚର୍ଚ୍ଚା ହୋଇସାରିଛି ତନ୍ମଧ୍ୟରୁ ହଜରତ ମୁସ୍‌ଲେହ୍ ମଉଦ ର:ଅଙ୍କ ସ୍ୱାସ୍ଥ୍ୟବସ୍ଥା ଓ ତାଙ୍କ ଜ୍ଞାନର ଅବସ୍ଥା ବିଷୟରେ ଗୋଟିଏ ଘଟଣା ଏଠାରେ ଉପସ୍ଥାପନ କରିଦେଉଛି । ହଜରତ ଖଲିଫତୁଲ୍ ମସିହ୍ ଅୱ୍ୱଲ ର:ଅ ଏବଂ ହଜରତ ମସିହ୍ ମଉଦ୍ ଆ:ସ ହଜରତ ମୁସ୍‌ଲେହ୍ ମଉଦ ର:ଅଙ୍କ ପ୍ରତି ଥିବା ପ୍ରେମ ଓ ଆନ୍ତରିକତାର ଏହା ମଧ୍ୟ ଏକ ଘଟଣା ଅଟେ । ଯାହା ଏହା ପ୍ରମାଣ କରିଦେଉଛି ଯେ ହଜରତ ମସିହ୍ ମଉଦ୍ ଆ:ସ ଏ ଦୃଢ଼ ବିଶ୍ୱାସ ରଖିଥିଲେ ଯେ ଏହି ପିଲାଟି ମୁସ୍‌ଲେହ୍ ମଉଦ୍ ହେବ ।

ଉକ୍ତ ଘଟଣା ସମ୍ପର୍କରେ ହଜରତ ମୁସ୍‌ଲେହ୍ ମଉଦ ର:ଅ ବର୍ଣ୍ଣନା କରନ୍ତି: ମୋ ଶିକ୍ଷା ସଂକ୍ରାନ୍ତରେ ମୋ ଉପରେ ସର୍ବାଧିକ ଉପକାର ପ୍ରଥମ ଖଲିଫାଙ୍କର ରହିଛି କାରଣ ସେ ଜଣେ ଉତମ ଶିକ୍ଷକ ହେବା ସଙ୍ଗେ ସଙ୍ଗେ ଜଣେ ଭଲ ଚିକିତ୍ସକ ମଧ୍ୟ ଥିଲେ । ସେ ଏକଥା ଭଲ ଭାବରେ ଜାଣିଥିଲେ ଯେ ମୋର ସ୍ୱାସ୍ଥ୍ୟବସ୍ଥା ସେତେଟା ଭଲ ନୁହେଁ ଓ ମୁଁ ଅଧିକ ସମୟ ପର୍ଯ୍ୟନ୍ତ ପୁସ୍ତକ ଅଧ୍ୟୟନ କରିପାରିବି ନାହିଁ ତେଣୁ ତାଙ୍କର ଏହି ଶୈଳୀ ଥିଲା ଯେ ସେ ଆପଣ ମୋତେ ନିଜ ନିକଟରେ ବସାଇ ଦେଉଥିଲେ ଏବଂ କହୁଥିଲେ ମିଆଁ ମୁଁ ପଢୁଛି ମୁଁ ପୁସ୍ତକ ଅଧ୍ୟୟନ କରୁଛି ଆଉ ତୁମେ ଶୁଣିଚାଲ । ପୁନଶ୍ଚ ହଜରତ ମୁସ୍‌ଲେହ୍ ମଉଦ ର:ଅ ନିଜର ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବର୍ଣ୍ଣନା କରି କୁହନ୍ତି ଯେ ଏହାର କାରଣ ଥିଲା ଯେ ପିଲାଟି ଦିନରୁ ମତେ ଅନ୍ଧାରକଣା ରୋଗ ଆକ୍ରାନ୍ତ କରିଥିଲା । ଆଖିରୁ ସର୍ବଦା ପାଣି ନିର୍ଗତ ହେଉଥିଲା । ହଜରତ ମୁସ୍‌ଲେହ୍ ମଉଦ ର:ଅଙ୍କର ଏହି ଦୃଷ୍ଟି ଶକ୍ତି ସମ୍ପର୍କରେ ପୂର୍ବେ ମଧ୍ୟ ବର୍ଣ୍ଣନା ହୋଇସାରିଛି । କ୍ରମାଗତ ଭାବରେ ତିନି ଚାରିବର୍ଷ ପର୍ଯ୍ୟନ୍ତ ଆପଣଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହୋଇ ଚାଲିଥିଲା ଏବଂ ଚକ୍ଷୁରେ ଏଭଳି ଯନ୍ତ୍ରଣା ହେଉଥିଲା ଯେ ଡ଼ାକ୍ତରମାନେ କହୁଥିଲେ ଯେ ପିଲାଟି ନିଜର ଦୃଷ୍ଟିଶକ୍ତି ହରାଇ ବସିବ । ଫଳତଃ ହଜରତ ମସିହ୍ ମଉଦ୍ ଆ:ସ ମୋର ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ହୋଇ ବିଶେଷ ଦୁଆ ପ୍ରାର୍ଥନା କରିବା ଆରମ୍ଭ କରିଦେଲେ ଏବଂ ତତ୍‌ସହିତ ଉପବାସ ମଧ୍ୟ କଲେ । ହଜରତ ମୁସ୍‌ଲେହ୍ ମଉଦ ର:ଅ କୁହନ୍ତି ହଜରତ ମସିହ୍ ମଉଦ୍ ଆ:ସ ମୋ ପାଇଁ କେତେ ରୋଜା ରଖିଲେ ତାହା ମୋର ମନେ ନାହିଁ । ସେ ଯାହା ହେଉ ନା କାହିଁକି ତିନି କିମ୍ବା ସାତଟି ରୋଜା ଆପଣ ଆ:ସ ମୋ ପାଇଁ ରଖିଥିଲେ । ଯେତେବେଳେ ହଜୁର ଅ.ସ ଶେଷ ଉପବାସ ଭାଙ୍ଗିବା (ଇଫତାରୀ କରିବା) ସକାଶେ କିଛି ଖାଦ୍ୟ ସେବନ କରିବାକୁ ଯାଉଥିଲେ ସେତେବେଳେ ହଠାତ୍ ମୁଁ ଆଖି ଖୋଲିଲି ଏବଂ ଉଚ୍ଚ ସ୍ୱରରେ କହିଲି, ମୁଁ ସବୁକିଛି ଦେଖି ପାରୁଛି । କିନ୍ତୁ ଉକ୍ତ ରୋଗର ପ୍ରଭାବ ଓ ତା'ର କ୍ରମାଗତ ଆକ୍ରମଣର ପରିଣାମ ଏହା ହେଲା ଯେ, ମୁଁ ଗୋଟିଏ ଚକ୍ଷୁର ଦୃଷ୍ଟିଶକ୍ତି ହରାଇ ବସିଲି । ଏହାର ବିସ୍ତୃତ ବିବରଣୀ ପ୍ରଦାନ କରି ଆପଣ କୁହନ୍ତି ମୋର ବାମପାର୍ଶ୍ୱର ଚକ୍ଷୁର ଦୃଷ୍ଟିଶକ୍ତି ବିଲ୍‌କୁଲ୍ ଶୂନ୍ୟ ଅଟେ । ମୁଁ ବାଟ ତ ଦେଖିପାରେ କିନ୍ତୁ ସେହି ଆଖି ଦ୍ୱାରା ପୁସ୍ତକ ପଢ଼ିପାରେନାହିଁ । ଦୁଇ ଚାରିଫୁଟ ଦୂରତାରେ ଯଦି କେହି ବ୍ୟକ୍ତି ବସିଥାନ୍ତି ଓ ମୁଁ ତାଙ୍କୁ ପୂର୍ବରୁ ଜାଣିଥାଏ ଅର୍ଥାତ ଯେ ମୋର ପରିଚିତ ଥିବେ ତେବେ ମୁଁ ତାଙ୍କୁ ଦେଖି ଚିହ୍ନିପାରୁଥିଲି କିନ୍ତୁ ଯଦି କୌଣସି ଅଜଣା ବ୍ୟକ୍ତି ସାମନାକୁ ଆସିଯାଆନ୍ତି ତେବେ ମୁଁ ତାହାଙ୍କୁ ଚିହ୍ନି ପାରୁନଥିଲି । ମୋର କେବଳ ଡ଼ାହାଣ ଆଖି କାମ କରୁଥିଲା କିନ୍ତୁ ଏହି ଆଖିରେ ମଧ୍ୟ ଭୀଷଣ ଯନ୍ତ୍ରଣା ହେଉଥିବା ଯୋଗୁଁ ମୁଁ ଛଟପଟ ହୋଇ ରାତ୍ରି ଯାପନ କରୁଥିଲି । ଅତଏବ ଏହା ଥିଲା ହଜରତ ମୁସ୍‌ଲେହ୍ ମଉଦ ର:ଅଙ୍କର ସ୍ୱାସ୍ଥ୍ୟବସ୍ଥା । ବର୍ତମାନ ଆମେ ତାଙ୍କର ଜ୍ଞାନମୂଳକ କାର୍ଯ୍ୟକୁ ମଧ୍ୟ ଅବଲୋକନ କରିବା ଯେ କିଭଳି ଉପଯୋଗୀ ଯେ ଅଲ୍ଲାଃ ତାଲାଙ୍କର ସାହାଯ୍ୟ ଓ ସମର୍ଥନ ହଜରତ ମୁସଲେହ୍ ମଉଦ ର:ଅଙ୍କୁ ସହିତ ଥିଲା ।

ସେ ଯାହା ହେଉନା କାହିଁକି ହଜରତ ମସିହ ମଉଦ ଆ:ସ ମୋ ଶିକ୍ଷକମାନଙ୍କୁ ଏକଥା ସ୍ପଷ୍ଟରୂପେ କହିଦେଇଥିଲେ ଯେ ତା ପାଠ ପଢ଼ା (ଅର୍ଥାତ ହଜରତ ମୁସ୍‌ଲେହ୍ ମଉଦ ର:ଅଙ୍କ ପାଠପଢ଼ା) ତା ଇଚ୍ଛା ଅନୁଯାୟୀ ହିଁ ହେବ ସେ ଯେତିକି ପଢ଼ିବାକୁ ଚାହୁଁଛି ପଢୁ । ଯଦି ସେ ପଢ଼ିବାକୁ ଅନିଚ୍ଛା ପ୍ରକାଶ କରୁଛି ତେବେ ତା ଉପରେ ଚାପ ପକାଇବେ ନାହିଁ, କାରଣ ତା'ର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ ସେ ଏତେଟା ବୋଝ ସମ୍ଭାଳି ପାରିବ ନାହିଁ । ହଜରତ ମସିହ୍ ମଉଦ୍ ଆ:ସ ମୋତେ ଅନେକ ଥର କେବଳ ଏତିକି କହୁଥିଲେ ଯେ, ତୁମେ ମୌଲବୀ ସାହେବ ଅର୍ଥାତ ପ୍ରଥମ ଖଲିଫାଙ୍କ ଠାରୁ ପବିତ୍ର କୁରଆନର ଅନୁବାଦ ଓ ବୁଖାରୀ ପଢ଼ିନିଅ (ଅର୍ଥାତ ଏହି ଦୁଇଟିର) ଶିକ୍ଷା ହାସଲ କର । ଏହା ବ୍ୟତିତ ହଜରତ ମସିହ୍ ମଉଦ୍ ଆ:ସ ଏହା ମଧ୍ୟ କହିଥିଲେ ଯେ, ତୁମେ କିଛି ଭେଷଜ ବିଦ୍ୟା ଅଧ୍ୟୟନ କରିନିଅ କାରଣ ଏହା ଆମ ବଂଶଗତ କଳା ।

ସେ ଯାହା ହେଉ ନା କାହିଁକି ହଜରତ ମୁସଲେହ୍ ମଉଦ ର:ଅ କୁହନ୍ତି: ଏହିଭଳି ଭାବରେ ମୋର ଶିକ୍ଷା ସମ୍ପାଦନ ହୋଇଥିଲା ବାସ୍ତବପକ୍ଷରେ କହିବାକୁ ଗଲେ ମୁଁ ବାଲ୍ୟକାଳରୁ ହିଁ ବହୁତ ବିବଶ ଥିଲି କାରଣ ପିଲାଦିନୁ ମୋ ଆଖି ଖରାପ ରହିବା ସହିତ ମୋ ଯକୃତ ମଧ୍ୟ ଖରାପ ଥିଲା ସେହିଭଳି ଆହୁରି ଅନେକ ରୋଗରେ ମୁଁ ଆକ୍ରାନ୍ତ ଥିଲି । ମତେ ଛଅ ଛଅ ମାସ ପର୍ଯ୍ୟନ୍ତ ମୁଗ ଭିଜା ପାଣି ତଥା ଶାଗ ପାଣି ପିଇବାକୁ ଦିଆଯାଉଥିଲା । ଏଥିସହିତ ମୋର କୋଷ ବି ବଢ଼ିଯାଇଥିଲା । Red ioded of mercury ସେ ସ୍ଥାନରେ ମାଲିସ୍ କରାଯାଉଥିଲା । ସେହିପରି ଗଳାରେ ମଧ୍ୟ ମାଲିସ କରାଯାଉଥିଲା ଅର୍ଥାତ ବେକରେ ମଧ୍ୟ ମାଲିସ କରାଯାଉଥିଲା କାରଣ ମତେ ଗଳଗଣ୍ଡ ରୋଗର ମଧ୍ୟ ସମସ୍ୟା ଥିଲା ସୁତରାଂ ମୋତିଆବିନ୍ଦୁ, ଯକୃତ ସମସ୍ୟା, ଗିଲ୍‌ଟି ବଢ଼ିବା ରୋଗ ପୁଣି ଏ ସବୁ ସହିତ ଜ୍ୱର ଆରମ୍ଭ ହୋଇଯାଉଥିଲା ଯେ ଛଅ ଛଅ ମାସ ଜ୍ୱର ଛାଡୁନଥିଲା । ତେଣୁ ଏହି ସମସ୍ତ ବ୍ୟାଧି ଯୋଗୁଁ ମୋର ପାଠ ପଢ଼ା ସଂକ୍ରାନ୍ତରେ (ହଜରତ ମସିହ୍ ମଉଦ୍ ଆ:ସଙ୍କର) ବୟସ୍କ ତଥା ଗୁରୁଜନ ଲୋକମାନଙ୍କୁ ଏହି ନିର୍ଦ୍ଦେଶ ରହିଥିଲା ଯେ, ମୋର ସନ୍ତାନ ଯେତିକି ପାଠ ପଢ଼ିବାକୁ ଚାହୁଁଛି ସେ ସେତିକି ହିଁ ପଢୁ ତା' ଉପରେ ଅଧିକ ଚାପ ପକା ନ ଯାଉ । ଏହିଭଳି ପରିସ୍ଥିତିରୁ ପ୍ରତ୍ୟେକ ବ୍ୟକ୍ତି ଏହା ଆକଳନ କରିପାରିବ ଯେ ମୋର ଶିକ୍ଷାଗତ ଯୋଗ୍ୟତାର କଣ ଅବସ୍ଥା ଥିବ ।

ଏକଦା ମୋର ପ୍ରୀୟ ନନା (ଅର୍ଥାତ ଅଜା) ହଜରତ ମୀର୍ ନାସିର୍ ନବାବ୍ ସାହେବ୍ ମୋର ଉର୍ଦ୍ଦୁ ପରୀକ୍ଷା ନେଲେ । ହଜରତ ମୁସ୍‌ଲେହ୍ ମଉଦ ର:ଅ କହିଲେ ଯେ ଏବେ ବି ମୋ ଅକ୍ଷର ସେତେଟା ଠିକ୍ ନାହିଁ କିନ୍ତୁ ସେ ସମୟରେ ମୋ ଅକ୍ଷର ଏତେ ଖରାପ ଥିଲା ଯେ ତାହା ପଢ଼ି ହେଉ ନଥିଲା ଯେ ମୁଁ କ'ଣ ଲେଖିଛି । ଅର୍ଥାତ ଅକ୍ଷର ଦେଖି କେହି ହେଲେ ମଧ୍ୟ ତାହାକୁ ପଢ଼ିପାରୁନଥିଲା ତଥାପି ମୋ ନନା ମୋର ଅକ୍ଷର ପଢ଼ିବାକୁ ବହୁତ ଚେଷ୍ଟା କଲେ ଯେ ମୁଁ କଣ ଲେଖିଛି କିନ୍ତୁ ସେ କିଛି ଜାଣିପାରିଲେ ନାହିଁ କି ଠଉରେଇ ପାରିଲେ ନାହିଁ । ମୀର ସାହେବ୍‌ଙ୍କ ସ୍ୱଭାବ ତୀବ୍ର ଓ ଶୀଘ୍ରତା ରହିଥିଲା ତେଣୁ ସେ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ଅତ୍ୟନ୍ତ କ୍ରୋଧରେ ଜର୍ଜରିତ ହୋଇ ହଜରତ ମସିହ୍ ମଉଦ୍ ଆ:ସଙ୍କ ସେବାରେ ଉପସ୍ଥିତ ହେଲେ । ଦୈବାତ୍ ମୁଁ ମଧ୍ୟ ସେଦିନ ଘରେ ଥିଲି । ମୁଁ ପ୍ରଥମ ଦିନରୁ ହିଁ ତାଙ୍କ ଅର୍ଥାତ ନନାଙ୍କର ସ୍ୱଭାବଠାରୁ ଭୟଭୀତ ଥିଲି । ପୁଣି ସେ ହଜରତ ମସିହ୍ ମଉଦ୍ ଆ:ସଙ୍କ ନିକଟରେ ଅଭିଯୋଗ ବି କଲେ । ତାହା ଦେଖି ମୋ ମନରେ ଆହୁରି ଭୟ ସୃଷ୍ଟି ହୋଇଗଲା ଏବଂ ମୁଁ ଦୁଆ କଲି ଯେ, ବର୍ତମାନ କଣ ହେବ ? ସେ ଯାହା ହେଉ ମୀର ସାହେବ ଆସିଲେ ଏବଂ ହଜରତ ମସିହ୍ ମଉଦ୍ ଆ:ସଙ୍କୁ କହିବାକୁ ଲାଗିଲେ ଯେ କଣ ମେହମୁଦ୍‌ର ଶିକ୍ଷା ପ୍ରତି ଆପଣ ତିଳେମାତ୍ର ଚିନ୍ତିତ ନୁହନ୍ତି ? ମୁଁ ତା'ର ଉର୍ଦ୍ଦୁ ପରୀକ୍ଷା ନେଇଥିଲି ଆପଣ ତା'ର ଉତର ଖାତା ଦେଖନ୍ତୁ ମେହମୁଦ୍ ଏତେ ଅସୁନ୍ଦର ଅକ୍ଷର ଲେଖୁଛି ଯେ ତାହା ପଢ଼ିବା ଯୋଗ୍ୟ ନୁହେଁ । ପୁନଶ୍ଚ ଏହି କ୍ଷୁବ୍ଧ ଅବସ୍ଥାରେ ହଜରତ ମସିହ୍ ମଉଦ୍ ଆ:ସଙ୍କୁ କହିବାକୁ ଲାଗିଲେ ଯେ ଆପଣ ମେହମୁଦ୍‌ର ଆଦୌ ଚିନ୍ତା କରୁନାହାନ୍ତି । ହଜରତ ମସିହ୍ ମଉଦ୍ ଆ:ସ ମୀର ସାହେବଙ୍କୁ ଏତେ ଉତ୍ୟକ୍ତ ଅବସ୍ଥାରେ ଦେଖି କହିଲେ ମୌଲବୀ ସାହେବଙ୍କୁ ଡ଼ାକ । ଯେତେବେଳେ ହଜରତ ମସିହ୍ ମଉଦ୍ ଆ:ସ କୌଣସି ସମସ୍ୟାର ସମ୍ମୁଖିନ ହେଉଥିଲେ ସେତେବେଳେ ଆପଣ ଆ:ସ ସର୍ବଦା ପ୍ରଥମ ଖଲିଫାଙ୍କୁ ଡ଼କାଉଥିଲେ । ପ୍ରଥମ ଖଲିଫା ମତେ ବହୁତ ଭଲ ପାଉଥିଲେ । ସୁତରାଂ ହଜରତ ଖଲିଫତୁଲ୍ ମସିହ ପ୍ରଥମ ଆସି ପହଂଚିଲେ ଏବଂ ଗୋଟିଏ ପାର୍ଶ୍ୱରେ ମୁଣ୍ଡ ନୁଆଁଇ ଛିଡ଼ା ହୋଇଗଲେ । ହଜରତ ମସିହ୍ ମଉଦ୍ ଆ:ସ କହିଲେ ମୌଲବୀ ସାହେବ୍ ମୁଁ ଆପଣଙ୍କୁ ଏଥିସକାଶେ ଡ଼ାକିଛି ଯେ ମୀର ସାହେବ୍ କହୁଛନ୍ତି ଯେ ମେହମୁଦ୍ ଦ୍ୱାରା ଲେଖାଯାଇଥିବା ଅକ୍ଷର ପଢ଼ି ହେଉନାହିଁ । ମୋର ମନେ ହେଉଛି ତା'ର ପରୀକ୍ଷା ନେବା ଉଚିତ । ହଜରତ ମୁସଲେହ୍ ମଉଦ ର:ଅ କୁହନ୍ତି: ହଜରତ ମସିହ୍ ମଉଦ୍ ଆ:ସ କଲମ ଧରିଲେ ଏବଂ ଦୁଇ ତିନି ଧାଡ଼ି ଲେଖି ମତେ ଦେଲେ ଏବଂ କହିଲେ ଏହାକୁ ଦେଖି ଏହାର ନକଲ ଲେଖି ଆଣ । ବାସ୍ ଏତିକି ମୋର ପରୀକ୍ଷା ଥିଲା । ଯାହା ହଜରତ ମସିହ୍ ମଉଦ୍ ଆ:ସ ମତେ ଦେଇଥିଲେ ମୁଁ ଅତ୍ୟନ୍ତ ସତର୍କତାର ସହିତ ଓ ଭଲ ଭାବରେ ବସି ବସି ସେହି ଲେଖାର ନକଲ କରି ଲେଖିଦେଲି । ପ୍ରଥମତଃ ସେହି ବାକ୍ୟ ଗୁଡ଼ିକ ଏତେ ଦୀର୍ଘ ନଥିଲା । ଦ୍ୱିତୀୟତଃ ମତେ କେବଳ ଦେଖି ଲେଖିବାର ଥିଲା । ଓ ନକଲ କରିବା ବହୁତ ସହଜ ଥିଲା । କାରଣ ଅସଲ ଜିନିଷ ସାମନାରେ ଥାଏ । ଅତଏବ ମୁଁ ଧିରେ ଧିରେ ଅତ୍ୟନ୍ତ ସତର୍କତାର ସହିତ ତାହା ଲେଖିଦେଲି । **ଅଲିଫ୍** ଏବଂ **ବା** ଇତ୍ୟାଦି ଅକ୍ଷରକୁ ମୁଁ ବହୁତ ସତର୍କତା ଅବଲମ୍ବନ କରି ଲେଖିଦେଲି । ହଜରତ ମସିହ୍ ମଉଦ୍ ଆ:ସ ଯେତେବେଳେ ମୋର ହସ୍ତାକ୍ଷର କୁ ଦେଖିଲେ ସେତେବେଳେ କହିଲେ ମୀର୍ ସାହେବଙ୍କ କଥାକୁ ଶୁଣି ମୁଁ ଅତ୍ୟନ୍ତ ଚିନ୍ତିତ ହୋଇ ପଡ଼ିଥିଲି କିନ୍ତୁ ଆ ଅକ୍ଷରଗୁଡ଼ିକ ମୋ ଅକ୍ଷର ସହିତ ମେଳ ଖାଉଛି । ଅତଏବ ହଜରତ ମସିହ୍ ମଉଦ୍ ଆ:ସ ପ୍ରଥମ ଖଲିଫାଙ୍କୁ ପ୍ରଦାନ କଲେ କିନ୍ତୁ ସେ ତ ମୋ ସପକ୍ଷରେ ଥିଲେ ଏବଂ ମୋ ସମର୍ଥନରେ ପ୍ରସ୍ତୁତ ରହିଥିଲେ । ସୁତରାଂ ପ୍ରଥମ ଖଲିଫା କହିଲେ: ହଜୁର ! ମୀର ସାହେବ ତୁଚ୍ଛାଠାରେ ଉତ୍ୟକ୍ତ ଓ କ୍ରୋଧିତ ହୋଇଯାଇଛନ୍ତି ଅନ୍ୟଥା ତା'ର ଅକ୍ଷର ବେଶ୍ ଭଲ ଅଛି । ତେବେ ମୋ ପାଇଁ ଅବସ୍ଥାଟି ଅତ୍ୟନ୍ତ ଭୟପୂର୍ଣ୍ଣ ଥିଲା । ତେବେ ମୋ ଅବସ୍ଥାକୁ ଦେଖିଲେଣି ଯେ ମୁଁ ପ୍ରକାଶ୍ୟ ଜ୍ଞାନ କଣ ବା ପ୍ରାପ୍ତ କରିପାରିଥାନ୍ତି ।

ପୁନଶ୍ଚ ହଜରତ ମୁସଲେହ୍ ମଉଦ ର:ଅ ନିଜର ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଗୋଟିଏ ଅବସରରେ କୁହନ୍ତି ଖଲିଫତୁଲ୍ ମସିହ ଅୱ୍ୱଲ୍ କୁହନ୍ତି ମିଆଁ ତୁମର ସ୍ୱାସ୍ଥ୍ୟାବସ୍ଥା ସେତେଟା ଭଲ ନୁହେଁ ଯେ ତୁମେ ସ୍ୱୟମ ପଢ଼ିପାରିବ ତେଣୁ ମୋ ପାଖରେ ବସ ମୁଁ ପଢୁଛି ଏବଂ ତୁମେ କେବଳ ଶୁଣୁଥାଅ ସୁତରାଂ ପ୍ରଥମ ଖଲିଫା ଜୋର୍ ଦେଇ ପବିତ୍ର କୁର୍‌ଆନ୍ ଉଚ୍ଚ ସ୍ୱରରେ ପଢୁଥିଲେ ଓ ବୁଖାରୀ ମଧ୍ୟ ପଢୁଥିଲେ ଯାହାକି ମୁଁ ଶୁଣୁଥିଲି ଏବଂ ସେଥିଅନ୍ତେ ଆପଣ ତାହାର ଅନୁବାଦ ମଧ୍ୟ କରୁଥିଲେ । ଯଦି କୌଣସି ବିଷୟକୁ ଜରୁରୀ ମନେ କରୁଥିଲେ ତେବେ ମୋତେ କହି ଦେଉଥିଲେ ଅନ୍ୟଥା ଶିଘ୍ର ଶିଘ୍ର ପଢ଼ି ଚାଲୁଥିଲେ । ଆପଣ ର:ଅ ତିନି ମାସରେ ମୋତେ ସମସ୍ତ ପବିତ୍ର କୁର୍‌ଆନ୍ ପଢ଼ାଇ ଦେଇଥିଲେ । ଏହାପରେ ମୋ ପାଠ ପଢ଼ାରେ କିଛି ଅବହେଳା ବି ହେଲା । ହଜରତ ମସିହ୍ ମଉଦ୍ ଆ:ସଙ୍କ ବିୟୋଗ ପରେ ପ୍ରଥମ ଖଲିଫା ମତେ କହିଲେ ମିଆଁ ତୁମେ ମୋ ଠାରୁ ସମ୍ପୂର୍ଣ୍ଣ ବୁଖାରୀ ତ ପଢ଼ିନିଅ । ହଜରତ ମୁସଲେହ୍ ମଉଦ ର:ଅ କୁହନ୍ତି ପ୍ରକୃତରେ ମୁଁ ଖଲିଫା ଅୱ୍ୱଲ୍‌ଙ୍କୁ ଏହା ବତାଇ ଦେଇଥିଲି ଯେ ହଜରତ ମସିହ୍ ମଉଦ୍ ଆ:ସ ମୋତେ କହିଦେଇଥିଲେ ଯେ, ମୌଲବୀ ସାହେବଙ୍କଠାରୁ (ଅର୍ଥାତ ହଜରତ ଖଲିଫା ଅୱ୍ୱଲ୍ ମୌଲବୀ ନୁରୁଦ୍ଦିନ୍ ର:ଅଙ୍କଠାରୁ) ତୁମେ ପବିତ୍ର କୁର୍‌ଆନ୍ ଓ ବୁଖାରୀ ପଢ଼ିବ । ସୁତରାଂ ହଜରତ ମସିହ୍ ମଉଦ୍ ଆ:ସଙ୍କ ଜୀବନକାଳ ମଧ୍ୟରେ ହିଁ ହଜରତ ମୁସଲେହ୍ ମଉଦ ର:ଅ ପ୍ରଥମ ଖଲିଫାଙ୍କଠାରୁ ପବିତ୍ର କୁର୍‌ଆନ୍ ଓ ବୁଖାରୀ ପଢ଼ିବା ଆରମ୍ଭ କରିଦେଇଥିଲେ ଏହିପରି ଚିକିତ୍ସା ଶାସ୍ତ୍ର ମଧ୍ୟ ଆପଣ ତାଙ୍କଠାରୁ କିଛି ମାତ୍ରାରେ ଶିକ୍ଷା ଆହାରଣ କରିଥିଲେ ।

ସେ ଯାହା ହେଉ ନା କାହିଁକି ମୌଲବୀ ସାହେବଙ୍କଠାରୁ ହଜରତ ମୁସ୍‌ଲେହ୍ ମଉଦ ର:ଅ ଚିକିତ୍ସା ଶାସ୍ତ ତଥା ପବିତ୍ର କୁର୍‌ଆନ୍‌ର ତଫ୍‌ସୀର୍ ମଧ୍ୟ ଅଧ୍ୟୟନ କରିଥିଲେ । ପବିତ୍ର କୁର୍‌ଆନ୍‌ର ତଫ୍‌ସୀର୍ କେବଳ ଦୁଇ ମାସ ମଧ୍ୟରେ ଶେଷ କରିଦେଇଥିଲେ । ପ୍ରଥମ ଖଲିଫା ମତେ ନିଜ ନିକଟରେ ବସାଇ ନେଉଥିଲେ ଏବଂ ପବିତ୍ର କୁର୍‌ଆନ୍‌ର ଅଧା କିମ୍ବା ସମ୍ପୂର୍ଣ୍ଣ ପାରାର ଅନୁବାଦ ପଢ଼ି ମତେ ଶୁଣାଉଥିଲେ । କୌଣସି କୌଣସି ଆୟତର ବ୍ୟାଖ୍ୟା ମଧ୍ୟ କରିଦେଉଥିଲେ । ଏହିପରି ଭାବରେ ବୁଖାରୀର ମଧ୍ୟ ଅଧ୍ୟୟନ ତିନିମାସ ମଧ୍ୟରେ ଶେଷ କରାଇ ଦେଇଥିଲେ । ଏକଦା ରମ୍‌ଜାନ ମାସରେ ହଜରତ ଖଲିଫା ଅୱ୍ୱଲ ର:ଅ ସମଗ୍ର ପବିତ୍ର କୁର୍‌ଆନ୍‌ର ଦରସ୍ ଦେଲେ ଓ ତହିଁରେ ମୁଁ ମଧ୍ୟ ଅଂଶ ଗ୍ରହଣ କରିଥିଲି । କେତେକ ଆରବୀ ପତ୍ରିକା ମଧ୍ୟ ମୁଁ ପ୍ରଥମ ଖଲିଫାଙ୍କଠାରୁ ପଢ଼ିବାର ସୌଭାଗ୍ୟ ଅର୍ଜନ କରିଥିଲି । ଅତଏବ ଏହା ହିଁ ମୋର ଶିକ୍ଷାଗତ ଯୋଗ୍ୟତା ଥିଲା । *(ଅଲ୍‌ମୌଉଦ୍ ଅନୱ୍ୱାରୁଲ୍ ଉଲୁମ୍, ଖଣ୍ଡ-୧୭, ପୃ-୫୬୨-୫୬୭)*

ହଜରତ ମୁସଲେହ୍ ମଉଦ ର:ଅ ନିଜର ପ୍ରଥମ ବକ୍ତୃତା ଓ ଏହା ଉପରେ ଖଲିଫତୁଲ୍ ମସିହ୍ ଅୱ୍ୱଲ୍ ର:ଅଙ୍କ ପସନ୍ଦ ତଥା ପ୍ରତିକ୍ରିୟା ମୂଳକ ପରିପ୍ରକାଶ ସଂକ୍ରାନ୍ତରେ ବର୍ଣ୍ଣନା କରି କୁହନ୍ତି: ଆମର ଜଣେ ଶିକ୍ଷକ ଥିଲେ ମୁଁ ତାଙ୍କୁ ଦେଖିଲି ଯେ ମୁଁ ଯେତେବେଳେ କୌଣସି ଦରସ୍ ଦେଉଥିଲି ସେତେବେଳେ ନିୟମିତ ରୂପେ ମୋ ଦରସ୍‌ରେ ସେ ସାମିଲ ହେଉଥିଲେ କିନ୍ତୁ ଏହା ମୁକାବିଲାରେ ଆଉ ଜଣେ ଶିକ୍ଷକ ମଧ୍ୟ ଥିଲେ । ସେ ଯେତେବେଳେ ବି ଦରସ୍ ଦେଉଥିଲେ ସେତେବେଳେ ସର୍ବପ୍ରଥମେ ମହୋଦୟ ମସ୍‌ଜିଦ୍‌କୁ ଆସି ତାଙ୍କୁ ଦରସ୍ ଦେଉଥିବାର ଦେଖି ଚାଲିଯାଉଥିଲେ ଏବଂ କହୁଥିଲେ ଯେ ଆଙ୍କ କଥା ମୁଁ କଣ ଶୁଣିବି ଏ ସବୁ କଥା ତ ଶୁଣାଯାଇଥିବା କଥା କିନ୍ତୁ ମୁଁ ତାଙ୍କ ଶିଷ୍ୟ ଥିବା ସତ୍ୱେ ବି ସେ ମୋ ଉପରେ ସୁମତ ପୋଷଣ କରୁଥିଲେ ତେଣୁ ସେ ମୋ ଦରସ୍‌ରେ ଅବଶ୍ୟ ସାମିଲ ହେଉଥିଲେ ଏବଂ କହୁଥିଲେ ମୁଁ ଆ ଦରସ୍‌ରେ ଏଥିପାଇଁ ସାମିଲ ହେଉଅଛି ଯେ ମୁଁ ଆ ମାଧ୍ୟମରେ ପବିତ୍ର କୁର୍‌ଆନ୍‌ର କେତେକ ନୂତନ ତଥ୍ୟ ସମ୍ପର୍କରେ ଜାଣିବାକୁ ପାଉଅଛି । ଏହା ହେଉଛି ଅଲ୍ଲାଃ ତାଲାଙ୍କର କୃପା ଯେ କେତେକ ଲୋକଙ୍କ କ୍ଷେତ୍ରରେ ବାଲ୍ୟାବସ୍ଥାରେ ହିଁ ଏଭଳି ଜ୍ଞାନର ଭଣ୍ଡାର ଉନ୍ମୁକ୍ତ କରିଦିଆଯାଇଥାଏ ଯାହାକି ଅନ୍ୟମାନଙ୍କ କଳ୍ପନା ଜଳ୍ପନା ବର୍ହିଭୂତ ପ୍ରକୃତ କଥା ହେଉଛି ଏହା ଯେ, ଅଲ୍ଲାଃ ତାଲା ହଜରତ ମୁସଲେହ୍ ମଉଦ ର:ଅଙ୍କୁ ପ୍ରତିଶ୍ରୁତ ସଂସ୍କାରକର ଚରିତାର୍ଥ କରିବାର ଥିଲା ତେଣୁ ସ୍ୱୟମ ଅଲ୍ଲାଃ ତାଲା ହଜରତ ମୁସଲେହ୍ ମଉଦ ର:ଅଙ୍କୁ ଶିକ୍ଷା ଓ ଜ୍ଞାନରେ ପରିପୂର୍ଣ୍ଣ କରିଦେଇଥିଲେ । ସେ ଯାହା ହେଉ ନା କାହିଁକି ହଜରତ ମୁସଲେହ୍ ମଉଦ ର:ଅ କୁହନ୍ତି ଏହି ମସ୍‌ଜିଦ୍ ଅର୍ଥାତ ବୋଧ ହୁଏ ମସ୍‌ଜିଦେ ଅକ୍‌ସାର କଥା, ୧୯୦୭ ମସିହାରେ ପ୍ରଥମ ଥର କରି ସର୍ବସାଧାରଣରେ ଭାଷଣ ଦେବାକୁ ମତେ ଅବସର ମିଳିଥିଲା । ସମ୍ଭବତଃ ତାହା ଜଲ୍‌ସା ସାଲାନାର ଅବସର ଥିଲା । ହଜରତ ମସିହ୍ ମଉଦ୍ ଆ:ସଙ୍କ ମୃତ୍ୟୁର ଠିକ୍ ଗୋଟିଏ ବର୍ଷ ପୂର୍ବର ଘଟଣା । ଜଲ୍‌ସା ସମୟରେ ଲୋକମାନେ ଏକତ୍ରିତ ଥିଲେ ପ୍ରଥମ ଖଲିଫା ମଧ୍ୟ ଉପସ୍ଥିତ ଥିଲେ ଅଞ୍ଜୁମନ୍‌ର ସଦସ୍ୟମାନେ ତଥା ଆହୁରି ଅନେକ ଲୋକେ ସେଠାରେ ଉପସ୍ଥିତ ଥିଲେ । ତେଣୁ ମୋ ଆଖି ଆଗରେ ଅନ୍ଧକାର ଛାଇ ଗଲା । ମୁଁ ସୁରାଃ ଲୁକ୍‌ମାନ୍‌ର ଦ୍ୱିତୀୟ ରୁକୁ ଆବୃତି କଲି ଏବଂ ତାହାର ବାଖ୍ୟା ଉପସ୍ଥାପନ କଲି ସେତେବେଳେ ମୋ ନିଜର ଅବସ୍ଥା ଏପରି ଥିଲା ଯେ ମୁଁ ଏହା ପୂର୍ବରୁ କେବେ ବି ସର୍ବ ସାଧାରଣରେ ଭାଷଣ ଦେଇନଥିଲି ତେଣୁ ଯେତେବେଳେ ମୁଁ ଭାଷଣ ଦେବା ଆରମ୍ଭ କଲି ସେତେବେଳେ ମୋର ବୟସ ମାତ୍ର ୧୮ ବର୍ଷ ଥିଲା । ସେଠାରେ ଅଞ୍ଜୁମନ୍‌ର ସଦସ୍ୟଗଣ ଓ ଆହୁରି ଅନ୍ୟ ମାନ୍ୟଗଣ ବଦ୍ୟାନ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ । ତେଣୁ ମୋ ଆଖି ଆଗରେ ଅନ୍ଧକାରର ଛାଇ ଖେଳି ଗଲା ସେତେବେଳେ ମତେ କିଛି ଜଣାପଡୁନଥିଲା ଯେ ମୋ ସମ୍ମୁଖରେ କିଏ ବସିଛନ୍ତି ତଥା କିଏ ବସିନାହାନ୍ତି । ମୋ ଭାଷଣ ଅଧଘଂଟା କିମ୍ବା ୪୫ ମିନିଟ ଧରି ଜାରି ରହିଲା । ସୁତରାଂ ମୋର ମନେ ଅଛି ମୁଁ ଯେତେବେଳେ ଭାଷଣ ସାରି ବସିବାକୁ ଲାଗିଲି ସେତେବେଳେ ପ୍ରଥମ ଖଲିଫା ଛିଡ଼ା ହୋଇ ମତେ କହିଲେ, ମିଆଁ ମୁଁ ତୁମକୁ ଅଭିନନ୍ଦନ ଜଣାଉଛି ଯେ ତୁମେ ଆଜି ଏଭଳି ଉତମ ଭାଷଣ ଦେଇଛ ମୁଁ ତୁମକୁ ଖୁସି କରିବା ପାଇଁ ଏହା କହୁଁନାହିଁ । ମୁଁ ତୁମକୁ ଏ ବିଶ୍ୱାସ ଦେଉଅଛି ଯେ ପ୍ରକୃତରେ ତୁମେ ଆଜି ଭଲ ଭାଷଣ ଦେଇଛ । *(ଖୁତ୍‌ବାତେ ମେହମୁଦ, ଖଣ୍ଡ-୨୨, ପୃ-୪୭୨-୪୭୩)*

ଅତଏବ ଅଲ୍ଲାଃ ତାଲା ହଜରତ ମୁସଲେହ୍ ମଉଦ ର:ଅଙ୍କୁ ଜ୍ଞାନ ଦ୍ୱାରା ଏଭଳି ପରିପୂର୍ଣ୍ଣ କରିଦେଲେ, ଯେ ଆପଣଙ୍କ ୫୨ବର୍ଷିୟ (ଖିଲାଫତ୍) କାଳ ଏହାର ଜ୍ୱଳନ୍ତ ପ୍ରମାଣ ଅର୍ଥାତ ତାହା ଧାର୍ମିକ ଜ୍ଞାନ ପ୍ରସଙ୍ଗୀୟ ପ୍ରଶ୍ନ ହେଉ ଅବା ସାଂସାରିକ ସମ୍ପର୍କିତ ବିଷୟ ଯେତେବେଳେ ଆପଣ କୌଣସି ବିଷୟରେ ଲେଖିବା ଓ କହିବା ଆରମ୍ଭ କରୁଥିଲେ ସେତେବେଳେ ଆପଣଙ୍କ ଠାରୁ ଜ୍ଞାନର ଅମୂଲ୍ୟ ମୁକ୍ତା ମାଣିକ ଝରି ପଡୁଥିଲା । ଅନେକ ଅବସରରେ ଆପଣ ର:ଅଙ୍କର ବକ୍ତୃତାରେ ପର ଓ ଆପଣା ସଭିଏଁ ଖୋଲା ମନରେ ବାଃ ! ବାଃ ! କହି ଧନ୍ୟବାଦ ଦେଉଥିଲେ ଏକଥା ବି ରେକର୍ଡ଼ରେ ମହଜୁଦ୍ ରହିଛି ଯେ ସେମାନେ ଖୋଲାଖୋଲି ଭାବରେ ସମସ୍ତ ଲୋକମାନଙ୍କ ସମ୍ମୁଖରେ ପ୍ରଶଂସା କରିଛନ୍ତି । ଏପରିକି ଖବର କାଗଜରେ ମଧ୍ୟ ତାହା ପ୍ରକାଶିତ ହେଉଥିଲା । ଏଥିରୁ ସ୍ପଷ୍ଟ ହେଉଅଛି ଯେ ହଜରତ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀ ଅତ୍ୟନ୍ତ ଭବ୍ୟତାର ସହିତ ପୂର୍ଣ୍ଣ ହୋଇଛି । ସେ ଯାହା ହେଉ ନା କାହିଁକି ହଜରତ ମୁସଲେହ୍ ମଉଦ ର:ଅଙ୍କର ସାହିତ୍ୟ ଏବଂ ଅଭିଭାଷଣ ଗୁଡ଼ିକ ଏକ ବହୁ ମୂଲ୍ୟ ଗନ୍ଥାଘର ସ୍ୱରୂପ । ତାହା ସବୁ କେବଳ ହଜାର ହଜାର ପୃଷ୍ଠାରେ ପରିବ୍ୟାପ୍ତ ନୁହେଁ ବରଂ ବୋଧ ହୁଏ ଲକ୍ଷାଧିକ ପୃଷ୍ଠା ଉପରେ ପର୍ଯ୍ୟବେଶିତ । ବର୍ତମାନ ଏହି ସମସ୍ତ ପୁସ୍ତକ ଓ ଅଭିଭାଷଣ ଗୁଡ଼ିକର ଇଂରାଜୀରେ ଅନୁବାଦ ତଥା ଅନ୍ୟାନ୍ୟ ଭାଷାରେ ଅନୁବାଦ ହେଉଅଛି । ବର୍ତମାନ ଆମମାନଙ୍କର କର୍ତବ୍ୟ ଯେ ଆମେମାନେ ତହିଁରୁ ଲାଭବାନ ହେବା ଉଚିତ ।

ହଜରତ ମୁସଲେହ୍ ମଉଦ ର:ଅ ସ୍ୱୟମକୁ ମୁସ୍‌ଲେହ ମଉଦ ହେବାର ଦୃଷ୍ଟାନ୍ତ ପ୍ରସଙ୍ଗରେ ମତ ପ୍ରକାଶ କରି କୁହନ୍ତି: ଅଲ୍ଲାଃ ତାଲାଙ୍କର ଅଶେଷ ଦୟା ଓ କୃପା ଯେ ସେ ଏହି ଭବିଷ୍ୟବାଣୀ ଯାହାର ପୂର୍ଣ୍ଣ ହେବା ପ୍ରସଙ୍ଗରେ ଦୀର୍ଘ କାଳ ପୂର୍ବେ ହଜରତ ମସିହ୍ ମଉଦ୍ ଆ:ସଙ୍କୁ ସୁଚନା ଦେଇଥିଲେ, ଅଲ୍ଲାଃ ତାଲା ନିଜର ଐଶିବାଣୀ ଓ ନିଦର୍ଶନ ମାଧ୍ୟମରେ ତାହା ମୋ ଉପରେ ଉନ୍ମୋଚିତ କରିଦେଇଛନ୍ତି ଏବଂ ଦର୍ଶାଇ ଦେଇଛନ୍ତି ଯେ, ତୁମେ ହିଁ ସେହି ପ୍ରତିଶ୍ରୁତି ସୁଧାରକ ଅର୍ଥାତ ମୁସ୍‌ଲେହ୍ ମଉଦ୍ । ବର୍ତମାନ ଇସ୍‌ଲାମ୍ ଧର୍ମର ଶତ୍ରୁମାନଙ୍କ ଉପରେ ଅଲ୍ଲାଃ ତାଲା ନିଜର ପ୍ରମାଣକୁ ସିଦ୍ଧ କରିଦେଇଛନ୍ତି ଏବଂ ସେମାନଙ୍କ ଉପରେ ଏହି କଥା ସ୍ପଷ୍ଟ କରିଦେଇଛନ୍ତି ଯେ, ଇସ୍‌ଲାମ୍‌ର ପ୍ରଭୁ ହେଉଛି ସତ୍ୟ, ଇସ୍‌ଲାମ୍‌ର ଧର୍ମ ସତ୍ୟ ଏବଂ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ହେଉଛନ୍ତି ଅଲ୍ଲାଃ ତାଲାଙ୍କର ପ୍ରକୃତ ବାର୍ତାବହ ଓ ହଜରତ ମସିହ୍ ମଉଦ୍ ଆ:ସ ହେଉଛନ୍ତି ତାଙ୍କର ପ୍ରେରିତ ସତ୍ୟବାଦୀ ଦୂତ । ମିଥ୍ୟାବାଦୀ ହେଉଛନ୍ତି ସେହି ବ୍ୟକ୍ତିମାନେ ଯେଉଁମାନେ ଇସ୍‌ଲାମ୍ ଧର୍ମକୁ ମିଥ୍ୟା ବୋଲି ଦର୍ଶାଉଛନ୍ତି ଏବଂ ମିଥ୍ୟାବାଦୀ ହେଉଛନ୍ତି ସେହିମାନେ ଯେ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ମିଥ୍ୟାବାଦୀ କହୁଛନ୍ତି । ଅଲ୍ଲାଃ ତାଲା ଏହି ମହାନ୍ ଭବିଷ୍ୟତବାଣୀ ମାଧ୍ୟମରେ ଇସ୍‌ଲାମ୍ ଓ ହଜରତ ମୁହମ୍ମଦ ମୁସ୍ତଫ ସ:ଆ:ସଙ୍କ ସତ୍ୟତାର ଏକ ଜୀବନ୍ତ ପ୍ରମାଣ ଲୋକମାନଙ୍କ ଆଗରେ ଉପସ୍ଥାପିତ କରିଦେଇଛନ୍ତି ।।

ହଜରତ ମୁସଲେହ୍ ମଉଦ ର:ଅ କୁହନ୍ତି: ଭଲା କୌଣସି ବ୍ୟକ୍ତି ନିକଟରେ କ'ଣ ଏପରି ଶକ୍ତି ତଥା ସାମର୍ଥ୍ୟତା ରହିଛି ଯେ,

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.7 Thursday 21 Apr 2022 Issue No. 16**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

୧୮୮୬ ମସିହାରେ ଆଜକୁ ପ୍ରାୟ ୫୮ ବର୍ଷ ପୂର୍ବେ ଯେତେବେଳେ ହଜରତ ମୁସ୍‌ଲେହ୍ ମଉଦ ର:ଅ ବକ୍ତୃତା ଦେଉଥିଲେ, ସେତେବେଳକୁ ଅଠାବନ ବର୍ଷ ପୂରଣ ହୋଇସାରିଥିଲା, କଣ ଏପରି ବ୍ୟକ୍ତି ନିଜ ତରଫରୁ ଏହି ସୁଚନା ଦେଇପାରିଥାନ୍ତା ଯେ ତାଙ୍କ ଘରେ ନଅ ବର୍ଷ କାଳ ମଧ୍ୟରେ ଏକ ପୁତ୍ର ଜନ୍ମ ଲାଭ କରିବ ଯେ ଶିଘ୍ର ଶିଘ୍ର ବଢ଼ିବ, ସେ ସଂସାରର କୋଣ ଅନୁକୋଣେ ମର୍ଯ୍ୟାଦା ଅର୍ଜନ କରିବ । ଇସ୍‌ଲାମ୍ ଧର୍ମ ଓ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ନାମକୁ ସଂସାରରେ ପ୍ରସାରିତ କରିଦେବ । ସେ ପ୍ରକାଶ୍ୟ ଓ ଅପ୍ରକାଶ୍ୟ ଜ୍ଞାନର ଗନ୍ଥାଘର ହେବ । ସେ ଅଲ୍ଲାଃ ତାଲାଙ୍କର ପ୍ରତାପର ପାଦୁର୍ଭାବର କାରଣ ହେବ । ସେ ଅଲ୍ଲାଃ ତାଲାଙ୍କର ଶକ୍ତି, ସମିପତ୍ୱ ଏବଂ ତାଙ୍କର କୃପାର ଏକ ଜୀବନ୍ତ ପ୍ରମାଣ ହେବ । ଏମିତି ଭବିଷ୍ୟତ ଖବର ସଂସାରର କୌଣସି ବ୍ୟକ୍ତି ନିଜ ତରଫରୁ କଦାପି ଦେଇପାରିବ ନାହିଁ । ସୁତରାଂ ଅଲ୍ଲାଃ ତାଲା ହଜରତ ମସିହ୍ ମଉଦ୍ ଆ:ସଙ୍କୁ ଏହି ସୁଚନା ପ୍ରଦାନ କରିଥିଲେ ଏବଂ ପୁନଶ୍ଚ ସେହି ଭଗବାନ ହିଁ ଉକ୍ତ ଭବିଷ୍ୟବାଣୀକୁ ପୂରଣ କଲେ ଏବଂ ଅକ୍ଷରେ ଅକ୍ଷରେ ପୂରଣ କଲେ । ଏମିତି ଲୋକ ସଂକ୍ରାନ୍ତରେ ଡ଼ାକ୍ତରମାନେ ଏ କଥା କହିଥିଲେ କି ଆ ଉପରେ କୌଣସି ଆଶା ନାହିଁ ଯେ ଏହି ବ୍ୟକ୍ତି ଅଧିକ ଦିନ ପର୍ଯ୍ୟନ୍ତ ଜୀବିତ ରହିପାରିବ ଅବା ଦୀର୍ଘାୟୁ ହେବ ।

ପୁନଶ୍ଚ ହଜରତ ମୁସଲେହ୍ ମଉଦ ର:ଅ ନିଜର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କୁହନ୍ତି: ବାଲ୍ୟକାଳରେ ମୋର ସ୍ୱାସ୍ଥ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ଏକ ଅବସରରେ ଡ଼ାକ୍ତର ମିର୍ଜା ୟାକୁବ୍ ବେଗ୍ ସାହେବ୍ ମୋ ସଂକ୍ରାନ୍ତରେ ହଜରତ ମସିହ୍ ମଉଦ୍ ଆ:ସଙ୍କୁ କହିଲେ ଯେ ଏହି ବାଳକକୁ ଯକ୍ଷ୍ମା ଅର୍ଥାତ ଶ୍ୱାସଜନୀତ ରୋଗ ହୋଇଛି ତେଣୁ ତାକୁ ପାର୍ବତ୍ୟ ଅଂଚଳକୁ ପଠାଇ ଦିଅନ୍ତୁ । ସ୍ୱାସ୍ଥ୍ୟକର ପରିବେଶରେ ରହିବା ସକାଶେ ଏଭଳି ସେ ହଜୁର ଆ:ସଙ୍କୁ ପରାମର୍ଶ ଦେଇଥିଲେ । ସୁତରାଂ ହଜରତ ମସିହ୍ ମଉଦ୍ ଆ:ସ ମତେ ସିମ୍‌ଲା ପ୍ରେରଣ କରିଦେଲେ କିନ୍ତୁ ସେଠାକୁ ଯିବା ପରେ ବି ମୁଁ ନିରାଶ ହେଲି ଓ ମୁଁ ସେଠାରେ ମନ ଉଣା କରି ବସୁଥିଲି ଏହି କାରଣରୁ ମୁଁ ଶିଘ୍ର ସେଠାରୁ ଫେରି ଆସିଲି ସୁତରାଂ ହଜରତ ମୁସଲେହ୍ ମଉଦ ର:ଅ କୁହନ୍ତି: ଏଭଳି ବ୍ୟକ୍ତି ଯାହାର ସ୍ୱାସ୍ଥ୍ୟାବସ୍ଥା ଗୋଟିଏ ଦିନ ବି ସୁସ୍ଥ ରହୁନଥିଲା ତାକୁ ଅଲ୍ଲାଃ ତାଲା ଜୀବିତ ରଖିଲେ ଏବଂ କେବଳ ଏଥିପାଇଁ ଜୀବିତ ରଖିଲେ ଯେ ତା ମାଧ୍ୟମରେ ନିଜର ଭବିଷ୍ୟବାଣୀକୁ ପୂର୍ଣ୍ଣ କରିଦେବେ ଏବଂ ଇସ୍‌ଲାମ୍ ଓ ଅହେମଦୀୟତ୍‌ର ସତ୍ୟତାର ପ୍ରମାଣ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଦେବେ । ପୁନଶ୍ଚ ମୁଁ ହିଁ ହେଉଛି ସେହି ବ୍ୟକ୍ତି ଯାହାକୁ ପ୍ରକାଶ୍ୟ ମୂଳକ ଓ ପ୍ରଚ୍ଛନ୍ନ ମୂଳକ ଜ୍ଞାନ ପ୍ରାପ୍ତ ହେଲା କିନ୍ତୁ ଅଲ୍ଲାଃ ତାଲା ନିଜର କୃପା ବଳରେ ଈଶ୍ୱର ଦୂତମାନଙ୍କୁ ମୋର ଶିକ୍ଷା ପାଇଁ ମୃତୟନ କରିଦେଲେ । ମତେ ପବିତ୍ର କୁର୍‌ଆନ୍‌ର ଗୂଢ଼ ରହସ୍ୟ ସମ୍ପର୍କରେ ଅବଗତ କରାଇଲେ । ମତେ ଏଭଳି ଆଧ୍ୟାତ୍ମିକ ନିର୍ଝରର ଜଳ ପାନ କରିବାକୁ ଦେଲେ ଯାହାକି ମୋ ହୃଦୟକୁ ଉଜ୍ଜ୍ୱଳିତ କରିଦେଲା । ଏହା କୌଣସି କାଳ୍ପନିକ କଥା ନୁହେଁ ବରଂ ଏହା ହେଉଛି ସିଦ୍ଧାନ୍ତ ମୂଳକ କଥା । ମୁଁ ସମଗ୍ର ସଂସାରବାସୀଙ୍କୁ ଚ୍ୟାଲେଞ୍ଜ କରି ଆହ୍ୱାନ ଦେଉଅଛି ଯେ ପୃଥିବୀର ଭୂପୃଷ୍ଠରେ ଯଦି ଏପରି କୌଣସି ବ୍ୟକ୍ତି ଥାଆନ୍ତି ଯିଏ ଏହି ଦାବି କରୁଥିବ ଯେ, ଅଲ୍ଲାଃ ତାଲାଙ୍କ ତରଫରୁ ତାଙ୍କୁ ପବିତ୍ର କୁର୍‌ଆନ୍‌ର ଶିକ୍ଷା ପ୍ରଦାନ କରାଯାଇଛି ତେବେ ମୁଁ ତା ସହିତ ମୁକାବିଲା କରିବା ପାଇଁ ପ୍ରତ୍ୟେକ ସମୟ ପ୍ରସ୍ତୁତ ଅଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଦେଖ କୌଣସି ଜଣେ ହେଲେ ବ୍ୟକ୍ତି ମଧ ଏହି ଚ୍ୟାଲେଞ୍ଜୁ ସ୍ୱୀକାର କଲେ ନାହିଁ କି ମୋ ସମ୍ମୁଖକୁ ଆସିଲେ ନାହିଁ । ମୁଁ କିନ୍ତୁ ଜାଣେ ଆଜି ଭୂପୃଷ୍ଠରେ ମୋ ବ୍ୟତିତ ଅନ୍ୟ କୌଣସି ବ୍ୟକ୍ତି ନାହିଁ ଯାହାକୁ ଅଲ୍ଲାଃ ତାଲାଙ୍କ ତରଫରୁ ପବିତ୍ର କୁର୍‌ଆନ୍‌ର ଶିକ୍ଷା ପ୍ରଦାନ କରାଯାଇଥିବ । ପବିତ୍ର କୁର୍‌ଆନ୍‌ର ଗୂଢ଼ ରହସ୍ୟ ପ୍ରଦାନ କରାଯାଇଥିବ ।

ଅଲ୍ଲାଃ ତାଲା ମତେ ପବିତ୍ର କୁର୍‌ଆନ୍‌ର ଜ୍ଞାନ ପ୍ରଦାନ କଲେ ଏବଂ ମତେ ଏହି ଯୁଗରେ ପବିତ୍ର କୁର୍‌ଆନ୍‌ର ଶିକ୍ଷା ଦିଆଗଲା ଏବଂ ଲୋକମାନଙ୍କୁ ତାହା ଶିଖାଇବା ପାଇଁ ନିଯୁକ୍ତ କରାଗଲା । ଅଲ୍ଲାଃ ତାଲା ମତେ ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଛିଡ଼ା କଲେ ଯେ ମୁଁ ମୁହମ୍ମଦ ସ:ଆ:ସ ଓ ପବିତ୍ର କୁର୍‌ଆନ୍‌ର ନାମକୁ ସମଗ୍ର ସଂସାରରେ ପହଂଚାଇ ଦେବି ଏବଂ ଇସ୍‌ଲାମ୍‌ର ମୁକାବିଲା କରିବାପାଇଁ ସମଗ୍ର ପୃଥିବୀରେ ସମସ୍ତ ମିଥ୍ୟା ଧର୍ମାଲମ୍ବୀମାନଙ୍କୁ ସଦାସର୍ବଦା ପାଇଁ ପରାଜିତ କରିଦେବି ।

ଅତଏବ ହଜରତ ମୁସଲେହ୍ ମଉଦ ର:ଅ ଉକ୍ତ କାର୍ଯ୍ୟକୁ ବେଶ୍ ସୁନ୍ଦର ଭାବରେ ସମ୍ପାଦନ କଲେ । ହଜରତ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ଯୁଗରେ ପବିତ୍ର କୁର୍‌ଆନ୍ର ଅନେକ ଭାଷାରେ ଅନୁବାଦ ହୋଇ ପ୍ରକଶିତ ହୋଇଯାଇଛି ଏବଂ ଏହି କାର୍ଯ୍ୟଟି ବର୍ତମାନ ସୁଦ୍ଧା ଅଭ୍ୟାହତ ରହିଛି । ହଜରତ ମୁସଲେହ୍ ମଉଦ ର:ଅଙ୍କ ଜୀବଦଶାରେ ହିଁ ପବିତ୍ର କୁର୍‌ଆନ୍‌ର ୧୭ କିମ୍ବା ୧୮ଟି ଭାଷାରେ ଅନୁବାଦ ହୋଇସାରିଥିଲା । ଏହିପରି ଭାବରେ ହଜରତ ମୁସଲେହ୍ ମଉଦ ର:ଅଙ୍କ ସମଗ୍ର ଜୀବନକାଳ ମଧ୍ୟରେ ଇସ୍‌ଲାମ୍ ଧର୍ମର ପ୍ରଚାର ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଯାଇଥିଲା ।

ଏବେ ସମଗ୍ର ସଂସାରବାସୀ ବଳପ୍ରୟୋଗ କରିନିଅନ୍ତୁ ଏବଂ ସେ ସଭିଏଁ ଯେଭଳି ଶକ୍ତି ଓ ସାମର୍ଥ୍ୟ ରଖିଛନ୍ତି ସବୁ କିଛି ଖଟାଇ ଦିଅନ୍ତୁ, ସେ ଖ୍ରୀଷ୍ଟଧର୍ମୀ ସମ୍ରାଟ ହେଉ ଅବା ଶକ୍ତିଶାଳୀ ରାଷ୍ଟ୍ର ୟୁରୋପ ତଥା ଆମେରିକା ଭଳି ରାଷ୍ଟ୍ରମାନେ ଏକତ୍ରିତ ହୋଇଯାଆନ୍ତୁ ନା କାହିଁକି ତଥାପି ମତେ ସେମାନେ ବିଫଳ କରିପାରିବେନାହିଁ । ମୁଁ ପ୍ରଭୁଙ୍କ ଶପଥ କରି କହୁଛି ସେମାନେ ମୋର ମୁକାବିଲା କରି ଅକୃତ କାର୍ଯ୍ୟ ଓ ଅସଫଳ ରହିବେ । ଅଲ୍ଲାଃ ତାଲା ମୋର ପ୍ରାର୍ଥନାକୁ ଓ ମୋର ଯୋଜନାକୁ କଦାପି ଧୂଳିସାତ କରିବେନାହିଁ । ଅଲ୍ଲାଃ ତାଲା ମୋ ମାଧମରେ, ମୋର ଶିଷ୍ୟମାନଙ୍କ ମାଧମରେ, ମୋର ଅନୁଗାମୀମାନଙ୍କ ମାଧ୍ୟମରେ ଏହି ଭବିଷ୍ୟବାଣୀର ସତ୍ୟତାକୁ ପ୍ରମାଣିତ କରିନେବା ପାଇଁ ରସୁଲେ୍ କରିମ୍ ସ:ଆ:ସଙ୍କ ନାମରେ ଦାନ ଧର୍ମ କରି ଇସ୍‌ଲାମ୍‌ର ପ୍ରତିଷ୍ଠାକୁ ପୂର୍ନବାର ଭୂପୃଷ୍ଠରେ ସ୍ଥାପନ କରିବେ । ଯେପର୍ଯ୍ୟନ୍ତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ପୃଥିବୀର ଜୀବନ୍ତ ନବୀ ଭାବରେ ଲୋକମାନେ ଗ୍ରହଣ କରି ନ ନେଇଛନ୍ତି ସେ ପର୍ଯ୍ୟନ୍ତ ସେ ପୃଥିବୀ ବାସୀଙ୍କୁ ଛାଡ଼ିବେନାହିଁ ।*(ଅଲ୍‌ମୌଉଦ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୭, ପୃ-୬୧୩-୬୧୪)*

ଅତଃ ଉକ୍ତ ଭବିଷ୍ୟବାଣୀଟି ପୂର୍ଣ୍ଣ ହୋଇଗଲା ଓ ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ନିଜର ଜୀବନକାଳ ମଧ କାଳାତିପାତ କଲେ କିନ୍ତୁ ଭବିଷ୍ୟବାଣୀର ଅନେକ ଶବ୍ଦାବଳୀଗୁଡ଼ିକ ଅଦ୍ୟାବଧି ଅକ୍ଷୁର୍ଣ୍ଣ ରହିଛି ଏବଂ ତାହା ସେ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଥିବ ଯେପର୍ଯ୍ୟନ୍ତ ହଜରତ ମସିହ୍ ମଉଦ୍ ଆ:ସଙ୍କ ମିଶନ୍ ପୂର୍ଣ୍ଣ ହୋଇନାହିଁ ଏବଂ ଇସ୍‌ଲାମ୍‌ର ଧ୍ୱଜା ସମଗ୍ର ସଂସାରରେ ପରିବ୍ୟାପ୍ତ ହୋଇନାହିଁ, ସେ ପର୍ଯ୍ୟନ୍ତ ଇନ୍‌ଶାଅଲ୍ଲାଃ ଏହି ଭବିଷ୍ୟବାଣୀଟି ଅକ୍ଷୁର୍ଣ୍ଣ ରହିବ । ସୁତରାଂ ଆମମାନଙ୍କୁ ସ୍ମରଣ ରଖିବା ଉଚିତ ଯେ ଏହି ଭବିଷ୍ୟବାଣୀକୁ କେନ୍ଦ୍ର କରି ଆମର ଜଲ୍‌ସା ମାନ ଅନୁଷ୍ଠିତ ହେବା ଉଚିତ । ଏହି ଦିବସକୁ ସ୍ମରଣ ରଖିବା ସେତେବେଳେ ଲାଭପ୍ରଦ ହେବ ଯେତେବେଳେ ଆମେମାନେ ଉକ୍ତ ଉଦ୍ଦେଶ୍ୟକୁ ସର୍ବଦା ନିଜ ନିକଟରେ ଉଜ୍ଜୀବିତ ରଖିଥିବା ଅର୍ଥାତ ଆମେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମାନ ଓ ଗାରିମା ଏବଂ ପ୍ରତିଷ୍ଠାକୁ ସ୍ଥାପନ କରିବା ଏବଂ ଇସ୍‌ଲାମ୍‌ର ସତ୍ୟତାକୁ ଭୂପୃଷ୍ଠରେ ପରିପ୍ରକାଶ କରିବାପାଇଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ବାନା ତଳେ ସମସ୍ତଙ୍କୁ ଏକତ୍ରିତ ହେବାପାଇଁ ପ୍ରୟାସ କରିବା ଏବଂ ଏହା ହିଁ ଆମର ପରମଲକ୍ଷ୍ୟ । ଆଜି ହଜରତ ମସିହ୍ ମଉଦ୍ ଆ:ସଙ୍କୁ ସ୍ୱୀକାର କରିଥିବା ଅନୁଗାମୀମାନଙ୍କ ବ୍ୟତିତ ଆଉ କେହି ନାହାନ୍ତି ଯାହା ମାଧ୍ୟମରେ ଇସ୍‌ଲାମ୍ ଧର୍ମର ଧ୍ୱଜା ପୃଥିବୀ ପୃଷ୍ଠରେ ଉଡ଼ିପାରିବ । ଅଲ୍ଲାଃ ତାଲା ଆମମାନଙ୍କୁ ଏହି କାର୍ଯ୍ୟକୁ ସଠିକ୍ ରୂପେ ନିର୍ବାହ କରିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । (ଆମିନ୍)

⌘⌘⌘⌘⌘⌘⌘⌘⌘⌘

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

*ପୃଷ୍ଠା- ୦୨ ର ଅବଶିଷ୍ଟାଂଶ ......*

ତାଙ୍କର ଜଣେ ପୌତ୍ରୀ କୁହନ୍ତି, ଆମ ଜେଜେ ମାଆଙ୍କୁ ନଅଜଣ ନାତୁଣୀ ମିଳିଥିଲେ । ନା କେବଳ ସେ ଆମ ଝିଅପିଲାମାନଙ୍କର ସଂସ୍କାର କରିଥିଲେ ବରଂ ଆମେମାନେ କିପରି ଜଣେ ଭଲ ଲଜ୍‌ନା ହେବୁ ସେଥିପାଇଁ ସେ ସର୍ବଦା ତତ୍ପର ରହୁଥିଲେ । ଆମର ଶିଷ୍ଟାଚାର, ଆଚରଣ, ପରଦା କିପରି କରିବା, ଘରର ଦେଖା ଶୁଣା କରିବା, ଅତିଥି ସତ୍କାର କିପରି କରିବା, ସିଲାଇ କରିବା ତଥା ଉର୍ଦ୍ଦୁରେ ଲେଖାପଢ଼ି ଆଦି ସବୁକିଛି ପ୍ରସଙ୍ଗରେ ସେ ଆମର ମାର୍ଗଦର୍ଶନ କରୁଥିଲେ । ଆମେ ଯେତେବେଳେ ସାବାଳିକା ହେଲୁ ସେତେବେଳେ ସେ ଆମମାନଙ୍କୁ ନିଜର ସ୍ୱାମୀମାନଙ୍କ ଓ ଶ୍ୱଶୁରଙ୍କ ଘର ଲୋକମାନଙ୍କ ସହିତ ଉତମ ଆଚରଣ କରିବା ପ୍ରତି ପ୍ରୋତ୍ସାହିତ ଓ ଅନୁପ୍ରାଣିତ କରୁଥିଲେ । ଯେତେବେଳେ ଆମେମାନେ ଏହିଭଳି ସେବା ଓ ଯତ୍ନ ନିଜ ଶାଶୁ ଶ୍ୱଶୁରଙ୍କର କଲୁ ଓ ସେମାନଙ୍କ ସହିତ ଉତମ ଆଚରଣ ପ୍ରଦର୍ଶନ କଲୁ ଏବଂ ଏ ବିଷୟରେ ତାଙ୍କୁ କହୁଥିଲୁ, ସେତେବେଳେ ସେ ଅତ୍ୟନ୍ତ ଆନନ୍ଦିତ ହେଉଥିଲେ । ଅର୍ଥାତ ଯେତେବେଳେ ଆମେ ନିଜ ଶ୍ୱଶୁର ଘରର କଥା କହୁଥିଲୁ ଯେ ଆମର ଏହି ଆଚରଣ ଦ୍ୱାରା ସେମାନେ କିଭଳି ପ୍ରସନ୍ନିତ ହେଉଛନ୍ତି । ଏହା ଶୁଣି ସେ ବେଶ୍ ଆନନ୍ଦିତ ହେଉଥିଲେ । ଏହିଭଳି ଦାୟିତ୍ୱ ନିର୍ବାହ କରିବା ସହିତ ଶିକ୍ଷିତ ହେବା ଓ କ୍ୟାରିୟର ଗଢ଼ିବା ପ୍ରତି ସେ ଆମମାନଙ୍କୁ ଅନୁପ୍ରାଣିତ କରୁଥିଲେ । ବିବାହ ବର୍ଷ ପାଳନ ନ କରିବା ଆଦି ଅଣ ଇସ୍‌ଲାମୀୟ ପ୍ରଥାକୁ ସେ ଦୃଢ଼ ରୂପେ ବିରୋଦ୍ଧ କରୁଥିଲେ । କାରଣ ସେ ସର୍ବଦା ଏକ ପରିବାର ପରି ଓ ଏକତ୍ରିତ ଭାବରେ ଅଲ୍ଲାଃଙ୍କ ପ୍ରଶଂସା ଗାନ ତଥା ବାୟମାତ୍ ଦୁଆ ଓ ସାମୁହିକ ପ୍ରାର୍ଥନା କରିବାପାଇଁ ଆମମାନଙ୍କୁ କହୁଥିଲେ । ପୁନଶ୍ଚ ତାଙ୍କର ନାତୁଣୀ କୁହନ୍ତି: କାନାଡ଼ାରେ ଜଣେ ଅହେମଦୀ ମୁସଲମାନ ମହିଳା ହିସାବରେ ସେ ଆମମାନଙ୍କର ଲାଳନପାଳନ କରିବାର ଏକ ଅଭିନ୍ନ ଅଙ୍ଗ ଥିଲେ । ସେ ଆମମାନଙ୍କୁ ଏହି ଶିକ୍ଷା ଦେଉଥିଲେ ଯେ ଆମେମାନେ ନିଜର ବିଶ୍ୱାସକୁ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିରୁ ଅଲଗା ରଖି କିପରି ସନ୍ତୁଳନ କରି ରହିବା ।

ସୁତରାଂ ଏହା ହେଉଛି ଜଣେ ଜନନୀ ଓ ବୟସ୍କା ମହିଳାଙ୍କର କର୍ତବ୍ୟ ସେମାନେ କିଭଳି ଭାବରେ ଆଗାମି ପୀଢ଼ୀକୁ ବା ଆଗାମୀ ପୀଢ଼ୀର ଦିଗ ଦର୍ଶନ ଓ ଶିକ୍ଷା ଦେବା ପ୍ରତି ତାଙ୍କୁ ପ୍ରଶିକ୍ଷିତ କରିବା ପ୍ରତି ଧର୍ମ ଶିକ୍ଷା ଦେବା ପ୍ରତି ଉଦ୍ୟମ କରିଥାନ୍ତି । ସେହିପରି ଏହି ସମାଜରେ, ଏଠାକାର ସ୍ୱାଧିନ ପରିବେଶରେ ପଢ଼ି ଲୋକମାନେ ନିଜ ମୂଳ ଶିକ୍ଷାକୁ କିଭଳି ପାଶୋରି ନ ଯାଆନ୍ତୁ ସେଥିପାଇଁ ସେ କିଶୋରୀମାନଙ୍କୁ ବିଶେଷ ରୂପେ ଧ୍ୟାନ ଦେଉଥିଲେ । ଏହି ସମାଜ ସହିତ କିଭଳି ଖାପ ଖୁଆଇ ଚଳିପାରିବା ସେ ସମ୍ପର୍କରେ ସେ ତାଙ୍କୁ ଶିକ୍ଷା ଦେଉଥିଲେ । ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କର ସନ୍ତାନସନ୍ତତିଙ୍କୁ ତାଙ୍କର ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**